READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର




ବର୍ଷ-୭ ସଂଖ୍ୟା-୪୬ ୨୭ ନଭେମ୍ବର - ୩ ଡିସେମ୍ବର, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-46 27th NOVEMBER - 3rd DECEMBER, 2023 BHUBANESWAR ₹ 5/- (8 Pages)

## ପାଣ୍ଠି ଖର୍ଚ୍ଚ କରିପାରୁନାହାନ୍ତି ବିଧାୟକ ଓ ସାଂସଦ


**ଭୁବନେଶ୍ୱର :** ରାଜ୍ୟର ବିଧାୟକ ଓ ସାଂସଦମାନେ ନିଜର ବାର୍ଷିକ ହାତପାଣ୍ଠିକୁ ଖର୍ଚ୍ଚ କରିପାରୁନାହାନ୍ତି। ବର୍ଷ ବର୍ଷ ଧରି କୋଟି କୋଟି ଟଙ୍କା ପଡ଼ି ରହୁଛି। ଏପଟେ ରାଜ୍ୟ ସରକାରଙ୍କ ପାଖରେ ଜିଦ୍ କରି ବିଧାୟକମାନେ ନିଜର ହାତପାଣ୍ଠି ବୃଦ୍ଧି କରାଇ ନେବାରେ ବି ସକ୍ଷମ ହେଉଛନ୍ତି। ବିଧାୟକ ଓ ସାଂସଦମାନେ କିଭଳି ବର୍ଷ ବର୍ଷ ଧରି ନିଜର ପାଣ୍ଠି ଖର୍ଚ୍ଚ କରିପାରିନାହାନ୍ତି ତା'ର ଏକ ସ୍ପଷ୍ଟ ଚିତ୍ର ପଦାକୁ ଆସିଛି। ଅବଶ୍ୟ ବିଭିନ୍ନ କାରଣ ଯୋଗୁ ଏହି ପାଣ୍ଠି ଅର୍ଥ ଖର୍ଚ୍ଚ ହୋଇପାରୁନଥିବା ସରକାରଙ୍କ ପକ୍ଷରୁ ସଫେଇ ଦିଆଯାଇଛି। ରାଜ୍ୟ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢ଼ୋଲକିଆ ବିଧାନସଭାରେ ଲିଖିତ ସୂଚନା ଦେଇ କହିଛନ୍ତି ଯେ, ୨୦୧୪-୧୫ରୁ ୨୦୧୯-୨୦ ମସିହା ପର୍ଯ୍ୟନ୍ତ ରାଜ୍ୟର ବିଧାୟକମାନଙ୍କ ହାତପାଣ୍ଠି (ଏମଏଲଏ ଲ୍ୟାଡ୍) ବାର୍ଷିକ ଏକ କୋଟି ଟଙ୍କା ଲେଖାଏଁ ରହିଥିଲା। ଯାହାକି ୨୦୨୦-୨୧ରୁ ବାର୍ଷିକ ୩କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୧୪-୧୫ରୁ ୨୦୧୯-୨୦ ମସିହା ମଧ୍ୟରେ ଏମଏଲଏ ଲ୍ୟାଡ୍ ବାବଦରେ ବାର୍ଷିକ ୧୪୭କୋଟି ଟଙ୍କା ଲେଖାଏଁ ମଞ୍ଜୁର ହୋଇଛି। ତେବେ ୨୦୧୪-୧୫ରେ ୫.୨୬କୋଟି ଟଙ୍କା, ୨୦୧୫-୧୬ରେ ୫.୮୯କୋଟି ଟଙ୍କା, ୨୦୧୬-୧୭ରେ ୯.୫୪କୋଟି ଟଙ୍କା, ୨୦୧୭-୧୮ରେ ୧୧.୮୮କୋଟି ଟଙ୍କା, ୨୦୧୮-୧୯ରେ ୧୫.୧୬କୋଟି ଟଙ୍କା ଓ ୨୦୧୯-୨୦ରେ ୨୭.୩୦କୋଟି ଟଙ୍କା ଖର୍ଚ୍ଚ ନହୋଇ ପଡ଼ିରହିଥିଲା। ସେହିପରି ବିଧାୟକମାନଙ୍କ ଆଞ୍ଚଳିକ ➤ ପୃ-୬

## ପୂର୍ବ ଭାରତର ଇଣ୍ଡଷ୍ଟ୍ରିଆଲ ହବ ହେବ ଓଡ଼ିଶା : ଶିଳ୍ପ ମନ୍ତ୍ରୀ



**ଭୁବନେଶ୍ୱର :** ପୂର୍ବ ଭାରତର ଇଣ୍ଡଷ୍ଟ୍ରିଆଲ ହବ ହେବ ଓଡ଼ିଶା। ଏଥି ପାଇଁ ରାଜ୍ୟ ସରକାର ଅନେକ ବଡ଼ ପଦକ୍ଷେପ ନେଇଛନ୍ତି। ୮୪୮ ବୃହତ ଶିଳ୍ପକୁ ଅନୁମୋଦନ ମିଳିଛି। ଏଥିରୁ କିଛି ଶିଳ୍ପ ଆରମ୍ଭ ହେଲାଣି। ଯେଉଁଥିରେ ୨୧ ଲକ୍ଷ ୭୩ ହଜାର ୮୭୧.୩୪ କୋଟି ପୁଞ୍ଜି ନିବେଶ ହେଉଛି। ଏଥିରେ ୯ ଲକ୍ଷ ୧୪ ହଜାର ୮୯୫ ନିଯୁକ୍ତି ସୃଷ୍ଟି ହେବ। ପ୍ରତି ଦୁଇ ବର୍ଷରେ ଥରେ ମେକ ଇନ ଓଡ଼ିଶା କାର୍ଯ୍ୟକ୍ରମ ହେବ। ଏନେଇ ଆଜି ଗୃହରେ ସୂଚନା ଦେଇଛନ୍ତି ଶିଳ୍ପ ମନ୍ତ୍ରୀ। ସେ କହିଛନ୍ତି ଯେ ଓଡ଼ିଶାର ଖଣି, ମେରାଇନ, ଶକ୍ତି, କୃଷି ପରି କ୍ଷେତ୍ରରେ ପୁଞ୍ଜି ନିବେଶ ପାଇଁ ନୀତି ହୋଇଛି ଏବଂ ସବୁ ଜିଲ୍ଲାରେ ଗୋଟେ ଇଣ୍ଡଷ୍ଟ୍ରି ହେବ। ଯାଜପୁର କଳିଙ୍ଗନଗର ଷ୍ଟିଲ ହବ, ପାରାଦ୍ୱୀପରେ ପେଟ୍ରୋ କେମିକାଲ ହବ, ସମ୍ବଲପୁର, ରେଙ୍ଗାଲିରେ ଷ୍ଟିଲ ଓ ଆଲୁମିନିଅମ ହବ ହେବ। ଗୋପାଳପୁରରେ ଅକ୍ଷୟ ଶକ୍ତି ଉତ୍ପାଦନ ହବ ହେବ। ସେ କହିଛନ୍ତି ଯେ ଓଡ଼ିଶା ନୀତିକୁ କେନ୍ଦ୍ର ବି ପ୍ରଶଂସା କରିଛି। ପୁଞ୍ଜି ନିବେଶ ପୋର୍ଟାଲରେ ଆବେଦନ କଲେ, ୬୦ ଦିନ ଭିତରେ ପାସ ହେବ। ପ୍ରକଳ୍ପ ପାଇଁ ପୁଞ୍ଜି ନିବେଶରେ ଓଡ଼ିଶା ପ୍ରଥମ ସ୍ଥାନରେ ଅଛି। ଜାତୀୟ ହାର ୨୧-୨୨% ଥିବାବେଳେ ଓଡ଼ିଶାରେ ୪୦% ରହିଛି। ମେକ ଇନ ଓଡ଼ିଶାରେ ୭୪୧ ପ୍ରସ୍ତାବ ଆସିଛି, ଯେଉଁଥିରେ ୪୬୬ ପ୍ରକଳ୍ପ ମଞ୍ଜୁରୀ ପାଇଛି। ଅନେକ ଶିଳ୍ପ ସଂସ୍ଥାକୁ ଜମି ହସ୍ତାନ୍ତର ବି ହୋଇ କାମ ଆରମ୍ଭ ହେଲାଣି। ଷ୍ଟାର୍ଟ ଅପ ନୀତି ବି ଏଥିରେ ବଡ଼ ଭୂମିକା ନେଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆରମ୍ଭ କରି କେନ୍ଦ୍ର ମନ୍ତ୍ରୀମାନେ ମୋହର ମାରିଛନ୍ତି ଯେ ଓଡ଼ିଶା ପୂର୍ବ ଭାରତର ଏକ ନମ୍ବର ଇଣ୍ଡଷ୍ଟ୍ରିଆଲ ହବ। ରପ୍ତାନୀରେ ଦେଶର ଶ୍ରେଷ୍ଠ ୨୫ ଜିଲ୍ଲାରୁ ଝାରସୁଗୁଡା ୨୩ ତମ ସ୍ଥାନରେ ଅଛି।

## କୁଆଡେ ଗଲା ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଶ୍ରୁତି ?



**ଭୁବନେଶ୍ୱର :** ରାଜ୍ୟରେ ବାର୍ଷିକ ଆଳୁ ଚାହିଦା ୧୩.୨୫ ଲକ୍ଷ ମେଟ୍ରିକ ଟନ। କିନ୍ତୁ ଉତ୍ପାଦନ ହେଉଛି ମାତ୍ର ୩.୨୫ ଲକ୍ଷ ମେଟ୍ରିକ ଟନ ଆଳୁ। ଆର୍ଥାତ ବାର୍ଷିକ ଚାହିଦାର ମାତ୍ର ୨୫ ପ୍ରତିଶତ ଆଳୁ ରାଜ୍ୟରେ ଉତ୍ପାଦିତ ହେଉଛି। ତେଣୁ ପ୍ରତି ବର୍ଷ ଆଳୁ ଚାହିଦା ମେଣ୍ଟାଇବା ପାଇଁ ପଶ୍ଚିମବଙ୍ଗରୁ ଆଳୁ ଆମଦାନୀ କରିଥାନ୍ତି ସରକାର। ଆଳୁ ଚାଷ ପାଇଁ ହେକ୍ଟର ପିଛା ୫୮ ହଜାର ଟଙ୍କାର ସହାୟତା ଯୋଗାଇ ଦେଉଛନ୍ତି ରାଜ୍ୟ ସରକାର। ହେଲେ ଆଳୁ ରଖିବା ପାଇଁ ଆବଶ୍ୟକ ମୁତାବକ ଶୀତଳ ଭଣ୍ଡାର କିମ୍ବା ସଂରକ୍ଷଣ ଗୃହ ନଥିବାରୁ ଆଳୁ ଚାଷ ବନ୍ଦ କରି ଦେଲେଣି ରାଜ୍ୟର ଅଧିକାଂଶ ଚାଷୀ। କୋରାପୁଟ ପଟାଙ୍ଗୀ ଅଞ୍ଚଳରେ ଏବେ ଅମଳ ହେଉଛି ଆଳୁ। ହେଲେ ବଜାର ସୁବିଧା କି ଶୀତଳ ଭଣ୍ଡାର ନ ଥିବାରୁ ପଶ୍ଚିମବଙ୍ଗ ବ୍ୟବସାୟୀଙ୍କୁ କମ ଦରରେ ଆଳୁ ବିକିବାକୁ ବାଧ୍ୟ ହେଉଛି ଚାଷୀ। ରାଜ୍ୟରେ ବାର୍ଷିକ ପିଆଜ ଚାହିଦା ୩.୫୫ ଲକ୍ଷ ମେଟ୍ରିକ ଟନ୍। ଆଉ ଉତ୍ପାଦନ ହେଉଛି ୩.୬୮ ଲକ୍ଷ ମେଟ୍ରିକ ଟନ ପିଆଜ। ତେବେ ପିଆଜ ସାଇତି ରଖିବା ପାଇଁ ରାଜ୍ୟରେ ମାତ୍ର ➤ ପୃ-୬

### ଆଦିବାସୀଙ୍କ ଜମି ହସ୍ତାନ୍ତର ପ୍ରସଙ୍ଗ

## ଅଧିକ ତର୍ଜମା କରାଯିବ

**ଭୁବନେଶ୍ୱର :** କ୍ୟାବିନେଟ୍ ବୈଠକରେ ଓଡ଼ିଶା ଅନୁସୂଚିତ ଅଞ୍ଚଳରେ ସ୍ଥାବର ସମ୍ପତ୍ତି (ଅନୁସୂଚିତ ଜନଜାତି ଦ୍ୱାରା) ହସ୍ତାନ୍ତର ଆଇନ, ୧୯୫୬କୁ ସଂଶୋଧନ ପାଇଁ ଏକ ପ୍ରସ୍ତାବ ପାରିତ ହୋଇଥିଲା। ଶୀତ ଅଧିବେଶନରେ ବିରୋଧୀଙ୍କ ପ୍ରବଳ ବିରୋଧ ପରେ ପୁନର୍ବିଚାର ହେବ ଆଦିବାସୀ ଜମି ହସ୍ତାନ୍ତର ଅଧିନିୟମ ସଂଶୋଧନ ନିୟମ। ଏପରି ନିଷ୍ପତ୍ତି ନେଇଛନ୍ତି ରାଜ୍ୟ କ୍ୟାବିନେଟ୍। ଏହି ନିଷ୍ପତ୍ତି ପାଇଁ କିଛି ଦିନ ଧରି ବିରୋଧୀଙ୍କ ଟାର୍ଗେଟକୁ ଚାଲି ଆସିଥିବା ରାଜ୍ୟ ସରକାର ଶେଷରେ ଏହାକୁ ପ୍ରଶମିତ କରିବାକୁ ଉଦ୍ୟମ କରିଛନ୍ତି। ଏହି ଅଧିନିୟମକୁ ସଂଶୋଧନ ପାଇଁ ଟ୍ରାଇବାଲ୍ ଆଡଭାଇଜରି କାଉନସିଲ୍ ନିକଟକୁ ପଠା ଯାଇଥିବା ଗୃହରେ ସୂଚନା ଦେଇଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ। ରାଜ୍ୟ କ୍ୟାବିନେଟ ବୈଠକରେ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅନୁଯାୟୀ, ପୁନର୍ବିଚାର ହେବ ଆଦିବାସୀ ଜମି ହସ୍ତାନ୍ତର ଅଧିନିୟମ ସଂଶୋଧନ ନିଷ୍ପତ୍ତି। ପୁନର୍ବିଚାର ତଥା ତର୍ଜମା ପାଇଁ ଏହାକୁ ଆଦିବାସୀ ଉପଦେଷ୍ଟା ପରିଷଦ ନିକଟକୁ ପଠା ଯାଇଥିବା ଗୃହରେ ସୂଚନା ଦେଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ। ବିଧାନସଭାରେ ତାଙ୍କର ଏପରି ଘୋଷଣାରୁ ନଭେମ୍ବର ୧୪ ତାରିଖର ➤ ପୃ-୬

## ଶୀତ ଅଧିବେଶନ ୪ ଦିନରେ ଶେଷ



**ଭୁବନେଶ୍ୱର :** ୨୬ଟି କାର୍ଯ୍ୟଦିବସ ଥାଇ ଅଚାନକ ବିଧାନସଭାର ଶୀତ ଅଧିବେଶନକୁ ବାଚସ୍ପତି ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି। ଶାସକ ଦଳର ପ୍ରସ୍ତାବ ଆଧାରରେ ବାଚସ୍ପତି ଗୃହକୁ ମୁଲତବୀ କରିଛନ୍ତି। ନଭେମ୍ବର ୨୧ରୁ ଡିସେମ୍ବର ୩୦ତାରିଖ ପର୍ଯ୍ୟନ୍ତ ବିଧାନସଭାର ଶୀତ ଅଧିବେଶନରେ ମୋଟ ୩୦ଟି କାର୍ଯ୍ୟଦିବସ ରହିଥିଲା। ମାତ୍ର ୪ଟି କାର୍ଯ୍ୟଦିବସରେ ଗୃହକୁ ବନ୍ଦ କରିଦେଲେ ସରକାର। ଚଳିତ କ୍ୟାଲେଣ୍ଡର ବର୍ଷରେ ୩ଟି ପର୍ଯ୍ୟାୟରେ ବିଧାନସଭାର ଅଧିବେଶନ ମୋଟ ୩୪ଦିନ ବସିଛି। ଯଦିଓ କ୍ୟାଲେଣ୍ଡର ବର୍ଷରେ ୬୦ଦିନ ବସିବାର ପ୍ରାବଧାନ ରହିଛି। ସୂଚନା ଅନୁସାରେ, ଗୃହରେ ବିଶେଷ କିଛି କାର୍ଯ୍ୟ ନଥିବା ଦର୍ଶାଇ ଶୀତ ଅଧିବେଶନକୁ ମାସେ ୬ଦିନ ପୂର୍ବରୁ (୨୭ଟି କାର୍ଯ୍ୟଦିବସ ଥାଇ) ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ରଖିବାକୁ ଶାସକ ଦଳ ପ୍ରସ୍ତାବ ଦେଇଥିଲା। ବିରୋଧୀଙ୍କ ସହ ବିଚାରବିମର୍ଶ ନକରି ଶାସକ ଦଳ ଏକତରଫା ଭାବେ ଗୃହକୁ ବନ୍ଦ କରିଦେଇଛି ବୋଲି ବିରୋଧୀ ସଦସ୍ୟମାନେ ଅଭିଯୋଗ କରିଛନ୍ତି। ଚଳିତ ଅଧିବେଶନରେ ପ୍ରଥମ ଦିନରେ ଉପବାଚସ୍ପତି ନିର୍ବାଚନ ହେବା ପରେ ➤ ପୃ-୬

## ଗରିବ ଲୋକଙ୍କୁ ଧନୀ ବନାଇବାର ନୂଆ ଯୋଜନା ପିଏମ୍ ବିଶ୍ୱକର୍ମା : ଧର୍ମେନ୍ଦ୍ର




**ଭୁବନେଶ୍ୱର :** ସମାଜରେ ଯେଉଁମାନଙ୍କୁ ଅଣଦେଖା କରାଯାଉଥିଲା, ସେମାନଙ୍କୁ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଜରିଆରେ ବଡ଼ ସମ୍ମାନ ଦେଇଛନ୍ତି। ପିଏମ୍ ବିଶ୍ୱକର୍ମା ଗରିବ ଲୋକଙ୍କୁ ଧନୀ ବନାଇବାର ନୂଆ ଯୋଜନା ବୋଲି ଶୁକ୍ରବାର ଭୁବନେଶ୍ୱରର ସିଏସଆଇଆର୍ -ଆଇଏମଏମଟି ଠାରେ ବିଶ୍ୱକର୍ମା ମହାଗୁରୁ ମାନଙ୍କୁ ସମ୍ମାନିତ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ବିଶ୍ୱକର୍ମା ଯୋଜନାର ହିତାଧିକାରୀଙ୍କ ସହ ଆଲୋଚନା ହେବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପିଏମ ବିଶ୍ୱକର୍ମା ଯୋଜନାରେ କୁମ୍ଭାର, କମାର, ବଢେଇ, ମିସ୍ତ୍ରୀ, ମୂର୍ତ୍ତିଶିଳ୍ପୀ, ବଣିଆ, ଦରଜୀ, ମୋଚି, ମାଳି, ଜାଲ ବୁଣାଳୀ ଭଳି ୧୮ଟି ପାରମ୍ପରିକ କୌଳିକ ବୃତ୍ତିକୁ ସାମିଲ କରାଯାଇଛି। ପିଏମ ବିଶ୍ୱକର୍ମା ଯୋଜନାରେ ମୋଦି ସରକାର ୧୩ ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ପିଏମ୍ ବିଶ୍ୱକର୍ମା ଅନ୍ତର୍ଗତ ଦକ୍ଷତା ପ୍ରଶିକ୍ଷଣ, ଭତ୍ତା, ସାର୍ଟିଫିକେଟ୍, ଟୁଲକିଟ୍ ପାଇଁ ଅର୍ଥ, କମ ସୁଧରେ ଋଣ, ଡିଜିଟାଲରେ ପ୍ରୋତ୍ସାହନ ଆମର ବିଶ୍ୱକର୍ମାଙ୍କ ସାମର୍ଥ୍ୟ ଏବଂ ସମୃଦ୍ଧିକୁ ବଢାଇବ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପିଏମ ବିଶ୍ୱକର୍ମାରେ ଓଡ଼ିଶାର ଅଧିକ କାରିଗରଙ୍କୁ ଯୋଡିବା ଦିଗରେ ସଚେତନତା କରିବା ଉପରେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଓଡ଼ିଶାର କାରିଗର ଏବଂ ଶିଳ୍ପୀକାରମାନେ ଜଣେ ଜଣେ ବିଶ୍ୱକର୍ମା। ଆଜିର ଦିନରେ ସେମାନେ ପ୍ରସ୍ତୁତ କରୁଥିବା ବସ୍ତୁ ଓ ସାମଗ୍ରୀରେ ନିଖୁଣତା ଅନନ୍ୟ। ଆବୁଧାବୀରେ ନିର୍ମାଣ ହେଉଥିବା ➤ ପୃ-୬

## ବକ୍ରବାଣୀ



ପଡ଼ି ଉଠି ଭଲ ଫିଲଡିଂ କରି
ଦି'ଶହ ଚାଳିଶରେ ଯା'ଙ୍କୁ ରଖିଲେ
ଗଡ଼େଇ ତଡ଼େଇ ଭଲ ମାଇଲେ
ଫାଇନାଲ ଜିତି ଖୁବ୍ ଡେଇଁଲେ
ଖୁସିରେ ସମିତେ ଏକାଠି ମିଶି
ଚାହିଁ ରହିଥିଲେ ଟ୍ରଫି ନବାକୁ
ଦେଖିଲେ ଫେକୁଆ ଆଉଚି ହସି
ନେଳି ଜାମା ପିନ୍ଧି ଟ୍ରଫି ଦେବାକୁ
ଦେଖି ପନୌତିର ଦେବା ଠାଣୀକି
ରଖିଲେ କପରେ ଗୋଡ଼ ଯୋଡ଼ିକି।

——— ଟୁଟୁ

### ନବରଙ୍ଗପୁର ଲୋକସଭା ନିର୍ବାଚନ ପାଇଁ ରାଜନୀତି ଚଳଚଞ୍ଚଳ

## ତ୍ରିମୁଖୀ ଲଢ଼େଇ ସମ୍ଭାବନା



**ନବରଙ୍ଗପୁର :** ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀରେ ଚଳଚଞ୍ଚଳ ହୋଇ ଉଠୁଛି ରାଜନୀତି। ଏଥର ମଧ୍ୟ ଲଢେଇ ତ୍ରିମୁଖି ହେବା ସମ୍ଭାବନା ଅଧିକ। ଗତ ନିର୍ବାଚନରେ ମୋଟ ୩,୯୨୫୦୪ ଖଣ୍ଡ ଭୋଟ ପାଇ ବିଜେଡିରୁ ରମେଶ ଚନ୍ଦ୍ର ମାଝୀ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। କଂଗ୍ରେସ ପ୍ରାର୍ଥୀ ପ୍ରଦୀପ ମାଝୀ ୩,୫୦୮୭୦ ଖଣ୍ଡ ଭୋଟ ଏବଂ ବିଜେପିର ବଳଭଦ୍ର ମାଝୀ ୩,୪୨୮୩୯ ଖଣ୍ଡ ଭୋଟ ପାଇଥିଲେ। କିଏ ଲଢିବ କେଉଁ ଦଳରୁ ଦଳ ତରଫରୁ ବିଧିବଦ୍ଧ ଭାବେ ଘୋଷଣା ହୋଇ ନ ଥିଲେ ମଧ୍ୟ ବିଜେଡିର ରମେଶ ମାଝୀ ଏବଂ ବିଜେପିର ବଳଭଦ୍ର ମାଝୀ ପ୍ରାୟ ନିଶ୍ଚିତ ବୋଲି ଆଲୋଚନା ହେଉଛି। କଂଗ୍ରେସ ହୁଏତ ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝୀଙ୍କ ଉପରେ ଆସ୍ଥା ଭରସା କରିପାରେ ? କିନ୍ତୁ ଗତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ପ୍ରଦୀପ ମାଝୀଙ୍କୁ ନେଇ ସ୍ଥିତି ଅସ୍ପଷ୍ଟ ଅଛି। ତାଙ୍କ ନାମ ମଧ୍ୟ ବିଜେଡି ଦଳ ତରଫରୁ ଲୋକସଭା ପ୍ରାର୍ଥୀ ପାଇଁ ବେସ୍ ଚର୍ଚ୍ଚାରେ ରହୁଛି। ପୂର୍ବତନ ସାଂସଦ ପର୍ଶୁରାମ ମାଝୀଙ୍କ ନାମ ମଧ୍ୟ ପ୍ରାର୍ଥୀ ପାଇଁ ଚର୍ଚ୍ଚାରେ ରହୁଛି, ଗତ ନିର୍ବାଚନରେ ଝରିଗାଁ ବିଧାନସଭାରୁ ସେ ବିଧାୟକ ପ୍ରାର୍ଥୀ ପାଇଁ ଲଢେଇ କରିଥିଲେ। ରାଜନୈତିକ ଦୃଶ୍ୟପଟ୍ଟରୁ ଯାହା ଜଣାପଡୁଛି ବୁଥ ପର୍ଯ୍ୟନ୍ତ ସଂଗଠନକୁ ସୁଦୃଢ଼ କରିବାରେ ଲାଗିପଡିଛନ୍ତି ପୂର୍ବତନ ସାଂସଦ ବଳଭଦ୍ର ମାଝୀ। ଗାଁ ଗାଁରେ ପହଞ୍ଚି ଲୋକଙ୍କ ➤ ପୃ-୬

### ଆଇଏଲ୍ଏସ୍‌ର ବିରଳ କୀର୍ତ୍ତିମାନ, ଦୁରାରୋଗ୍ୟ ବ୍ୟାଧି ଉପଶମ ଲାଗି ନୂଆ ପ୍ରୋଟିନ୍ ଉଦ୍ଭାବନ

## ଯକ୍ଷ୍ମା ଓ ଭାଇରାଲ ଇନଫେକ୍ସନ୍‌କୁ ରୋକିବ 'ଏନ୍ସିଆର-୧'



**ଭୁବନେଶ୍ୱର :** ପ୍ରାଣଘାତୀ ରୋଗର ପ୍ରତିକାର ନେଇ ବଡ଼ ସଫଳତା ପାଇଛି ଭୁବନେଶ୍ୱରସ୍ଥିତ ଜୀବ ବିଜ୍ଞାନ ଅନୁଷ୍ଠାନ (ଆଇଏଲ୍ଏସ୍)। ଯକ୍ଷ୍ମା, ଭାଇରାଲ ଇନଫେକ୍ସନ୍, ବାର୍ଦ୍ଧକ୍ୟ ଜନିତ ବ୍ୟାଧି ପରି ଦୁରାରୋଗ୍ୟ ରୋଗର ଉପଶମ କରିପାରୁଥିବା ଏକ ନୂଆ ପ୍ରୋଟିନକୁ ଆଇଏଲ୍ଏସ୍‌ର ବୈଜ୍ଞାନିକମାନେ ବିକଶିତ କରିପାରିଛନ୍ତି। ଏହି ନୂଆ ପ୍ରୋଟିନ୍‌କୁ 'ଏନ୍ସିଆର-୧' (ନ୍ୟୁକ୍ଲିଅର ରିସେପ୍ଟୋର କୋ-ରିପ୍ରେସର-୧)ନାମରେ ନାମିତ କରିଛନ୍ତି। ବରିଷ୍ଠ ବୈଜ୍ଞାନିକ ଡ଼ ସୁନୀଲ କୁମାର ରାଘବ ଏବଂ ତାଙ୍କ ଦଳର ଏହି ସଫଳତା ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଚର୍ଚ୍ଚିତ ପ୍ରସଙ୍ଗ ହୋଇଛି। ବୈଜ୍ଞାନିକମାନଙ୍କ ସୂଚନା ଅନୁସାରେ, ନୂତନ ଭାବରେ ଆବିଷ୍କୃତ ପ୍ରୋଟିନ୍ ବିଭିନ୍ନ ପ୍ରକାର ରୋଗର ପ୍ରତିରୋଧ କରିବାକୁ ସକ୍ଷମ। ଶରୀରରେ ଏହି ପ୍ରୋଟିନ୍‌ର ଅଭାବ ଦ୍ୱାରା ମାରାତ୍ମକ ଜୀବାଣୁର ସଂକ୍ରମଣ ବୃଦ୍ଧି ପାଇଥାଏ। ଯେଉଁମାନେ ଯକ୍ଷ୍ମାରୁ ସୁସ୍ଥ ହୋଇଛନ୍ତି ଅବା ରୋଗଗ୍ରସ୍ତ ଅଛନ୍ତି ସେମାନଙ୍କ ଠାରେ ଏହାର ଲକ୍ଷଣ ସ୍ପଷ୍ଟ ଦେଖାଯାଇପାରେ। ମାନବ ଉପରେ ଏନ୍ସିଆର-୧ ପ୍ରୋଟିନ୍‌ର ପ୍ରଭାବ ସମ୍ପର୍କରେ ଜାଣିବା ଲାଗି ଅଧିକ ଗବେଷଣା ଜାରି ରହିଛି। ଏହି ପ୍ରୋଟିନ୍‌ର ଆଣ୍ଟିଭାଇରାଲ ଦକ୍ଷତା ସମ୍ପର୍କରେ ମଧ୍ୟ ବୈଜ୍ଞାନିକମାନେ ଗବେଷଣା କରି ସକାରାତ୍ମକ ରିପୋର୍ଟ ପାଇଛନ୍ତି। ➤ ପୃ-୬

### ୮୪,୯୧୮ କୋଟି ଟଙ୍କାର ୧୨ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ

## ରାଜ୍ୟରେ ମିଳିବ ୪୨,୨୮୧ ଅତିରିକ୍ତ ନିଯୁକ୍ତି ସୁଯୋଗ



**ଭୁବନେଶ୍ୱର :** ରାଜ୍ୟରେ ପୁଞ୍ଜିନିବେଶ କରିବ ୱେଲସ୍ପନ ଗ୍ରୁପ। କଟକ ଚୌଦ୍ୱାରରେ ୱେଲସ୍ପନ ଗ୍ରୁପ ପ୍ରତିଷ୍ଠା କରିବ ସମନ୍ୱିତ ଟେକ୍ସଟାଇଲ କାରଖାନା। ୩ହଜାର ୫୦ କୋଟି ଟଙ୍କାର ଏହି ପୁଞ୍ଜିନିବେଶ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କ୍ଲିୟରାନ୍ସ ଅଥରିଟି ବୈଠକରେ ମଞ୍ଜୁରୀ ମିଳିଛି। ରାଜ୍ୟରେ ୮୪୯୧୮ କୋଟି ଟଙ୍କାର ୧୨ଟି ପ୍ରମୁଖ ଶିଳ୍ପ ପ୍ରକଳ୍ପକୁ ହାଇଲେଭଲ୍ କ୍ଲିଅରାନ୍ସ ଅଥରିଟି (ଏଚଏଲସିଏ)ଙ୍କ ମଞ୍ଜୁରୀ ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୩୩ତମ ବୈଠକରେ ଏହି ପ୍ରକଳ୍ପ ପ୍ରସ୍ତାବଗୁଡ଼ିକୁ ଅନୁମୋଦନ ମିଳିଛି। ଏହାଦ୍ୱାରା ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ଅତିରିକ୍ତ ୪୨୨୮୧ଜଣଙ୍କୁ ଅତିରିକ୍ତ ନିଯୁକ୍ତି ସୁଯୋଗ ମିଳିବ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ଏହି ୮୪୯୧୮.୭୫ କୋଟି ଟଙ୍କାର ପ୍ରକଳ୍ପ ଗ୍ରୀନ୍ ହାଇଡ୍ରୋଜେନ୍ , ଟେକ୍ସଟାଇଲ, ଷ୍ଟିଲ, ପାୱାର, ଅକ୍ଷୟ ଶକ୍ତି, କେମିକାଲ ଓ ପେଟ୍ରୋ କେମିକାଲ ଆଦି କ୍ଷେତ୍ରରେ ସ୍ଥାପନ ହେବ। ଏସବୁ ପ୍ରକଳ୍ପ କଟକ, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, ମାଲକାନଗିରି, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ସ୍ଥାପନ ହେବ ବୋଲି ଜଣାପଡ଼ିଛି। ୱେଲସ୍ପନ୍ ଗ୍ରୁପ୍ ଦ୍ୱାରା ଚୌଦ୍ୱାରରେ ଇଣ୍ଟିଗ୍ରେଟେଡ୍ ଟେକ୍ସଟାଇଲ୍ ଆଣ୍ଡ ଲଜିଷ୍ଟିକ କ୍ଷେତ୍ରରେ ୩୦୫୦କୋଟି ଟଙ୍କା ନିବେଶ କରିବ। ଏଥିରେ ପ୍ରାୟ ୨୦୨୧୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ଷ୍ଟିଲ ଡାଉନଷ୍ଟ୍ରିମ କ୍ଷେତ୍ରରେ ୩୧୩୭କୋଟି ଟଙ୍କା ନିବେଶ କରି ୧ଲକ୍ଷ ଟନ୍ ଇଆଡବ୍ଲ୍ୟୁ ପାଇପ ସ୍ଥାପନ କରିବ। ଏହାଦ୍ୱାରା ଅତିରିକ୍ତ ୩୮୩୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିପରି ୱେଲସ୍ପନ୍ ନ୍ୟୁ ଏନର୍ଜି ଲିମିଟେଡ୍ ଦ୍ୱାରା କେନ୍ଦ୍ରାପଡ଼ାଠାରେ ବାର୍ଷିକ ୦.୭୦ ନିୟୁତ୍ ମେଟ୍ରିକ ଟନ୍ ଗ୍ରୀନ୍ ଆମୋନିଆ ମାନ୍ୟୁଫାକଚରିଂ ୟୁନିଟ୍ ସ୍ଥାପନ କରାଯିବ। ଏଥିରେ ୧୩୮୬୦କୋଟି ଟଙ୍କା ବିନିଯୋଗ ହେବ ଓ ପ୍ରାୟ ଏକ ହଜାର ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଏସବୁ ବ୍ୟତୀତ ସେମ୍ବକ୍ରପ୍ ଗ୍ରୀନ୍ ହାଇଡ୍ରୋଜନ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ଗୋପାଳପୁରଠାରେ ବାର୍ଷିକ ୦.୭୨ ନିୟୁତ ମେଟ୍ରିକ ଟନ୍ ଗ୍ରୀନ୍ ଆମୋନିଆ ମାନ୍ୟୁଫାକଚରିଂ ୟୁନିଟ୍ ସ୍ଥାପନ କରିବ। ଏଥିରେ ପ୍ରାୟ ୧୩ହଜାର କୋଟି ଟଙ୍କା କମ୍ପାନୀ ବିନିଯୋଗ କରିବ ଓ ୧୨୫୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ମାଲକାନଗିରିରେ ଗ୍ରୀନ୍ ମେଥନଲ ଓ ଗ୍ରୀନ୍ ହାଇଡ୍ରୋଜେନ କମ୍ପାନୀ ସ୍ଥାପନ ପାଇଁ ରିନ୍ୟୁଇଫୁଏଲ ପ୍ରାଃ ଲିମିଟେଡ୍ ୧୦୦୦୫କୋଟି ଟଙ୍କା ବିନିଯୋଗ କରିବ। ରାୟଗଡ଼ାରେ ଏହି କମ୍ପାନୀ ୯ହଜାର କୋଟି ଟଙ୍କା ବ୍ୟୟରେ ଗ୍ରୀନ୍ ହାଇଡ୍ରୋଜେନ ଓ ଗ୍ରୀନ୍ ମିଥେନଲ ମାନ୍ୟୁଫାକଚରିଂ ୟୁନିଟ୍ ମଧ୍ୟ ସ୍ଥାପନ କରିବ। ଏହାଦ୍ୱାରା ପ୍ରାୟ ୨୮୦୦ଜଣଙ୍କୁ ନିଯୁକ୍ତି ସୁଯୋଗ କମ୍ପାନୀ ଯୋଗାଇ ଦେବ। ଇସ୍ପାତ କ୍ଷେତ୍ରରେ ଟାଟା ଷ୍ଟିଲ୍ ଦ୍ୱାରା ଢେଙ୍କାନାଳଠାରେ ବାର୍ଷିକ ୬.୫୦ ନିୟୁତ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ କଏଲ ପ୍ଲାଣ୍ଟ ସ୍ଥାପନ କରାଯିବ। ➤ ପୃ-୬

## ଜଗନ୍ନାଥ ଭକ୍ତଙ୍କ ସପକ୍ଷରେ କହିଲେ ବିଜେଡିକୁ ବାଧୁଛି କାହିଁକି ?



**ଭୁବନେଶ୍ୱର :** ଓଡ଼ିଆ ଅସ୍ମିତା, ଓଡିଆ ଭାଷା, ଓଡିଆ ମାନଙ୍କ ପାଇଁ ସଦା ସର୍ବଦା କହି ଆସୁଥିବା ବ୍ୟକ୍ତି ହେଲେ ଛତିଶଗଡ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ। ଶ୍ରୀ ହରିଚନ୍ଦନ ମହୋଦୟ ମହାପ୍ରଭୁ ଜଗନ୍ନାଥଙ୍କ ଭକ୍ତମାନେ ଭୋଗୁଥିବା ଅସୁବିଧା ଉପରେ ନିଜର ଉଦବେଗକୁ ଜଣେ ଓଡ଼ିଆ ଭାବରେ ପ୍ରକାଶ କରିଥିଲେ। ଶ୍ରୀମନ୍ଦିର ପରିଚାଳନାରେ ତ୍ରୁଟି ପାଇଁ ଯଦି ଜଣେ ଓଡିଆ ଭାବରେ ସେ କିଛି କହିଲେ ଏହା ବିଜୁ ଜନତା ଦଳର ମୁଖପାତ୍ରଙ୍କୁ ବାଧୁଛି କାହିଁକି। ଏହା ତାଙ୍କର ଜଗନ୍ନାଥ ବିରୋଧୀ ମାନସିକତା ନୁହେଁ ତ ବୋଲି ଦଳର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଓଡ଼ିଶାରେ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଭୂମିକା କ'ଣ ତାହା ସେ ନିଜେ ଭଲ ଭାବରେ ଜାଣିଛନ୍ତି। ଏଥିପାଇଁ ବିଜେଡିର ବା ତାଙ୍କ ଦଳର ମୁଖପାତ୍ରଙ୍କ ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ**
ଶରୀର ପୀଡାରୁ ମୁକ୍ତି ପାଇଁ ବିଶ୍ରାମ କରନ୍ତୁ। ବ୍ୟୟରେ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ଜଟିଳ ସ୍ଥିତି ଉପୁଜିପାରେ। ଛାତ୍ରମାନେ ଏକାଗ୍ର ରହିବେ। ଜୀବନସାଥୀଙ୍କ ସମ୍ପୂର୍ଣ୍ଣ ସହଯୋଗ ମିଳିବ। ପ୍ରତିକାର : ହନୁମାନଙ୍କ ନିକଟରେ ଚମେଲୀ ତେଲର ଦୀପ ଜାଳନ୍ତୁ।

**ବୃଷ**
ସ୍ୱାସ୍ଥ୍ୟ ଉତ୍ତମ ରହିବ। ଖର୍ଚ୍ଚ କରନ୍ତୁ ନାହିଁ। ଆୟ ଓ ବ୍ୟୟରେ ବୃଦ୍ଧି ରହିବ। ପିତାଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। ଜୀବନସାଥୀ ଆପଣଙ୍କୁ ଆର୍ଥିକ ସହାୟତା କରିପାରନ୍ତି। ପ୍ରତିକାର : ଶିବାଳୟରେ କ୍ଷୀର ତିଆରି ମିଠା ଦାନ କରନ୍ତୁ।

**ମିଥୁନ**
ପୁରୁଣା ରୋଗରୁ ମୁକ୍ତି ମିଳିବ। ନୂତନ ବ୍ୟବସାୟ କରିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ଭାବିଚିନ୍ତି ନିର୍ଣ୍ଣୟ ନିଅନ୍ତୁ। ଛାତ୍ରମାନେ ସଫଳ ହେବେ। ପ୍ରତିକାର ଗଣପତି ଚାଳିଶା ପାଠ କରନ୍ତୁ।

**କର୍କଟ**
ଋତୁକାଳୀନ ରୋଗରେ ପୀଡିତ ହୋଇପାରନ୍ତି। ଆୟରେ ବୃଦ୍ଧି ହେବ। ଛାତ୍ରମାନେ ପାଠରୁ ଦୂରେଇ ପାରନ୍ତି। ଗୁରୁଜନଙ୍କ ସହଯୋଗ ପାଇବେ। ଧାର୍ମିକ କାମରେ ମନଦେବେ। ପ୍ରତିକାର : ଭଗବାନ ଶିବଙ୍କୁ ଜଳ ଅର୍ପଣ କରନ୍ତୁ।

**ସିଂହ**
ମନ ଅସ୍ଥିର ରହିବ। ଭାଗୀଦାରୀ ବ୍ୟବସାୟ କରନ୍ତୁ ନାହିଁ। କାର୍ଯ୍ୟକ୍ଷେତ୍ରରେ ସ୍ଥାନାନ୍ତରଣ କ୍ଷତିକାରକ ହୋଇପାରେ। ପ୍ରତିକାର : ଗରିବଙ୍କୁ ଖାଦ୍ୟ ସାମଗ୍ରୀ ଦାନ କରନ୍ତୁ।

**କନ୍ୟା**
ଖାଦ୍ୟ ପେୟରେ ଧ୍ୟାନ ଦିଅନ୍ତୁ। ଆର୍ଥିକ ସ୍ଥିତି ସାଧାରଣ ରହିବ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ପାଇବେ। ଗୁରୁଜନମାନଙ୍କ ମାର୍ଗଦର୍ଶନ ନିଅନ୍ତୁ। ବାଣୀରେ ନିୟନ୍ତ୍ରଣ ରଖନ୍ତୁ। ପ୍ରତିକାର : ଗାଈକୁ ସବୁଜଚାରା ଖୁଆନ୍ତୁ।

**ତୁଳା**
ଧୈର୍ଯ୍ୟ ଓ ବିବେକ ହରାନ୍ତୁ ନାହିଁ। ଧନପ୍ରାପ୍ତିରେ ବିଳମ୍ବ ହୋଇପାରେ। କାର୍ଯ୍ୟ କ୍ଷେତ୍ରରେ ବ୍ୟସ୍ତତା ବଢ଼ିବ। ପଦୋନ୍ନତି ହୋଇପାରେ। ତର୍କ କରନ୍ତୁ ନାହିଁ। ପ୍ରତିକାର : ଭଗବାନ ଶିବଙ୍କୁ କଦଳୀ ଲାଗି କରନ୍ତୁ।

**ବିଛା**
ଅଧିକ ପରିଶ୍ରମ ଯୋଗୁ ଥକି ପାରନ୍ତି। ନୂତନ ବ୍ୟବସାୟ ପାଇଁ ସମୟ ଠିକ୍ ନୁହେଁ। କାର୍ଯ୍ୟକ୍ଷେତ୍ରରେ କନିଷ୍ଠଙ୍କ ସହଯୋଗ ପାଇବେ। ବହୁ ପ୍ରତିକ୍ଷିତ ସଫଳତା ମିଳିପାରେ। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**ଧନୁ**
ସ୍ୱାସ୍ଥ୍ୟଗତ ସମସ୍ୟା ଆସିପାରେ। ଆଇନ୍ ସମ୍ବନ୍ଧୀୟ କାର୍ଯ୍ୟରେ ବ୍ୟସ୍ତ ରହିବେ। ଭାବାବେଗରେ ପଡି କୌଣସି ନିଜ ଲୋକଙ୍କୁ କିଛି ଟିପ୍ପଣୀ କରନ୍ତୁ ନାହିଁ। ପ୍ରତିକାର : ଗୋ ମାତାଙ୍କ ସେବା କରନ୍ତୁ।

**ମକର**
ପୁରୁଣା ବିବାଦର ସମାଧାନ ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ଅନୈତିକ କାର୍ଯ୍ୟରୁ ଦୂରରେ ରହନ୍ତୁ। ପ୍ରେମୀ ମାନଙ୍କ ପାଇଁ ସମୟ ପ୍ରତିକୂଳ। ପ୍ରତିକାର : ଭଗବାନ ହନୁମାନଙ୍କୁ ଦୀପ ଓ ବୁନ୍ଦି ଭୋଗ ଲଗାନ୍ତୁ।

**କୁମ୍ଭ**
ଥଣ୍ଡା ଓ ଜ୍ୱରରେ ପୀଡିତ ହୋଇପାରନ୍ତି। ସଞ୍ଚିତ ଧନ ଖର୍ଚ୍ଚ ହେବ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ଛାତ୍ରମାନେ ଏକାଗ୍ରତା ହରାଇବେ। ଜୀବନସାଥିଙ୍କ ସହଯୋଗ ପାଇଷବ। ପ୍ରତିକାର : ମହାଦେବଙ୍କୁ ସୁଗନ୍ଧିତ ମିଠା ଭୋଗ ଲଗାନ୍ତୁ।

**ମୀନ**
ଜଟିଳ କାର୍ଯ୍ୟକୁ ସ୍ଥଗିତ ରଖନ୍ତୁ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ସରକାରୀ ବିରୋଧୀ କାର୍ଯ୍ୟକୁ ଦୂରେଇ ରହନ୍ତୁ। ବ୍ୟବସାୟ ପାଇଁ ସମୟ ପ୍ରତିକୂଳ ବାଣୀରେ ଲଗାମ ଦିଅନ୍ତୁ। ପ୍ରତିକାର : ଶିବଲିଙ୍ଗକୁ କଞ୍ଚା କ୍ଷୀରରେ ଅଭିଷେକ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ଡିପ୍‌ଫେକ୍‌କୁ ନେଇ ଅଣ୍ଟା ଭିଡିଲେ କେନ୍ଦ୍ର

# ଖୁବ୍‌ଶୀଘ୍ର ଆସିବ କଡା ନିୟମ

**ନୂଆଦିଲ୍ଲୀ :** ସମ୍ପ୍ରତି ଦେଶରେ 'ଡିପ୍‌ଫେକ୍' ଭିଡିଓକୁ ନେଇ ଚର୍ଚ୍ଚା ଜୋର ଧରିଛି। କୃତ୍ରିମ ବୁଦ୍ଧିମତା ବା ଏଆଇ ଜରିଆରେ ଏବେ ବିଭିନ୍ନ ସେଲିବ୍ରେଟିଙ୍କ ଡିପଫେକ ଫଟୋ ଏବଂ ଭିଡିଓ ପ୍ରସ୍ତୁତ କରାଯାଉଛି। ପ୍ରତିଷ୍ଠ ଲୋକଙ୍କ ଫଟୋ ଏବଂ ଭିଡିଓକୁ ବିକୃତ ଭାବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଯାହାକୁ ନେଇ ଗତକିଛି ଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚିନ୍ତା ପ୍ରକଟ କରିଥିଲେ। ଆଉ ଏବେ 'ଡିପ୍‌ଫେକ୍' ଜନିତ ସମସ୍ୟାର ମୁକାବିଲା କରିବା ଲାଗି ସରକାର ନୂଆ ନିୟମ ଆଣିବାକୁ ଯାଉଛନ୍ତି। ଏନେଇ କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ସୋସିଆଲ ମିଡିଆ ପ୍ଲାଟଫର୍ମ ପ୍ରତିନିଧି



ମାନଙ୍କ ସହ ଏକ ବୈଠକ କରିଛନ୍ତି। ଅଶ୍ୱିନୀ ବୈଷ୍ଣବ 'ଡିପଫେକ୍'କୁ ଗଣତନ୍ତ୍ର ପାଇଁ ଏକ ନୂଆ ବିପଦ ବୋଲି ଅଭିହିତ କରିଛନ୍ତି। ଏହାକୁ ରୋକିବା ପାଇଁ ସରକାର ଯଥାଶୀଘ୍ର ନୂଆ ନିୟମ ଆଣିବେ ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆଜି ବସିଥିବା ବୈଠକରେ ଗୁଗୁଲ, ଫେସ୍‌ବୁକ୍, ୟୁଟ୍ୟୁବ୍ ସମେତ ବିଭିନ୍ନ ଅନ୍‌ଲାଇନ୍ ପ୍ଲାଟଫର୍ମ ଉପସ୍ଥିତ ଥିଲେ। ଗଣତନ୍ତ୍ର ପାଇଁ ଡିପ୍‌ଫେକ୍ ଏକ ନୂଆ ବିପଦ। ଏହା ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସରକାର ଅନୁଭବ କରୁଛନ୍ତି। କେନ୍ଦ୍ର ସରକାର ଖୁବ୍ ଶୀଘ୍ର ଏହି ବିଷୟରେ ନିୟମ ସ୍ଥିର କରିବେ। ଏହା ବିରୁଦ୍ଧରେ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଅତ୍ୟନ୍ତ ଜରୁରୀ ବୋଲି ଆଜି ବୈଠକରେ କେନ୍ଦ୍ର ଆଇଟି ମନ୍ତ୍ରୀ କହିଛନ୍ତି। ଆଜି ନିଆଯାଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଆମେ ଡିସେମ୍ବର ପ୍ରଥମ ସପ୍ତାହରେ ସମସ୍ତ ସୋସିଆଲ ମିଡିଆ ପ୍ଲାଟଫର୍ମ ସହିତ ଦ୍ୱିତୀୟ ରାଉଣ୍ଡ ବୈଠକ ହେବ। ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। 'ଡିପଫେକ୍'କୁ ଚିହ୍ନଟ କରିବା, ଏହାକୁ ରୋକିବା ତଥା ଏ ସମ୍ପର୍କରେ ସୂଚନା ଦେବା ପାଇଁ ସୁଦୃଢ଼ ବ୍ୟବସ୍ଥା କରାଯିବ। ୟୁଜରମାନଙ୍କ ମଧ୍ୟରେ ଡିପଫେକ୍ ନେଇ ସଚେତନତା ସୃଷ୍ଟି କରିବାକୁ ସୋସିଆଲ ମିଡ଼ିଆ କମ୍ପାନୀ ଗୁଡ଼ିକ ରାଜି ହୋଇଛନ୍ତି। ଏଥିପାଇଁ ୧୦ ଦିନ ମଧ୍ୟରେ କେନ୍ଦ୍ର ସରକାର କାର୍ଯ୍ୟାନୁଷ୍ଠାନମୂଳକ ପନ୍ଥା ବାହାର କରିବେ। 'ଡିପ୍‌ଫେକ୍' ଚିହ୍ନଟ, ତାହାର ପ୍ରସାରଣ ରୋକିବା, ରିପୋର୍ଟିଙ୍ଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଏ ସଂକ୍ରାନ୍ତରେ ଜନସଚେତନତା ପ୍ରସାର କରିବା ଆଦି ଏହି କାର୍ଯ୍ୟାନୁଷ୍ଠାନମୂଳକ ଉପାୟରେ ଅନ୍ତର୍ଭୁକ୍ତ କରାଯାଇଛି।

## ଗିରିଶ ମୁର୍ମୁ ଜାତିସଂଘ ସମୀକ୍ଷକ ସମିତି ଉପାଧ୍ୟକ୍ଷ



**ନ୍ୟୁୟର୍କ :** ଭାରତ ସରକାରଙ୍କ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ଗିରିଶ ଚନ୍ଦ୍ର ମୁର୍ମୁ ଜାତିସଂଘର ଆଭ୍ୟନ୍ତରୀଣ ସମୀକ୍ଷକ ସମିତିର ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ନଭେମ୍ବର ୨୦ ଓ ୨୧ ତାରିଖରେ ନ୍ୟୁୟର୍କସ୍ଥିତ ଜାତିସଂଘ ମୁଖ୍ୟାଳୟରେ ଅନୁଷ୍ଠିତ ୬୩ତମ ଆଭ୍ୟନ୍ତରୀଣ ସମୀକ୍ଷକ ସମିତିରେ ଶ୍ରୀ ମୁର୍ମୁ ଯୋଗ ଦେଇଥିଲେ। ଏହି ସମିତିରେ ବିଶ୍ୱର ୧୨ଟି ପ୍ରମୁଖ ସମୀକ୍ଷା ଅନୁଷ୍ଠାନର ମୁଖ୍ୟମାନେ ଯୋଗ ଦେଇଥିଲେ। ଗିରିଶ ମୁର୍ମୁଙ୍କ ଏହି ନିର୍ବାଚନ ଭାରତର ଆଭ୍ୟନ୍ତରୀଣ ଅଡିଟ୍ ପ୍ରତି ରହିଥିବା ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଛି।

## ରାଜପଥରେ ହେବ ଅତ୍ୟାଧୁନିକ ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥା

**ନୂଆଦିଲ୍ଲୀ :** କେନ୍ଦ୍ର ସରକାର ଦେଶର ସମସ୍ତ ଜାତୀୟ ରାଜପଥ ଓ ଏକ୍ସପ୍ରେସ ୱେର ଡିଜିଟାଲାଇଜେସନ



କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜପଥରେ ଅତ୍ୟାଧୁନିକ ସିସିଟିଭି କ୍ୟାମେରା ଲଗାଯିବ। ଭିଡିଓ ରେକର୍ଡିଂ ସହାୟତାରେ ପ୍ରବର୍ତ୍ତନ ଏଜେନ୍ସିଗୁଡ଼ିକ ଯାତାୟାତ ନିୟମ ଉଲ୍ଲଂଘନ କରୁଥିବା ଗାଡ଼ି ମାଲିକଙ୍କୁ ସିଧାସଳଖ ଇ-ଚାଲାଣ ପଠାଇପାରିବେ। କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟର ସୂତ୍ର ଅନୁସାରେ, ସମସ୍ତ ରାଜପଥ ଓ ଏକ୍ସପ୍ରେସ୍ ୱେରେ ଆଡଭାନ୍ସ ଟ୍ରାଫିକ ମ୍ୟାନେଜମେଣ୍ଟ ସିଷ୍ଟମ(ଏଟିଏମ୍ଏସ୍) ଲାଗୁ କରାଯିବ। ଏଥିରେ ରାଜମାର୍ଗରେ ଟ୍ରାଫିକ୍ ମନିଟରିଂ କ୍ୟାମେରା ସିଷ୍ଟମ୍ (ଟିଏମ୍‌ସିଏସ୍), ଭିଡିଓ ଇନସିଡେଣ୍ଟ ଡିଟେକସନ୍ ଆଣ୍ଡ ଏନଫୋର୍ସମେଣ୍ଟ ସିଷ୍ଟମ୍ (ଭିଆଇଡିଇଏସ), ମୋବାଇଲ ରେଡିଓ କମ୍ୟୁନିକେସନ୍ ଆଦି ଅତ୍ୟାଧୁନିକ ବ୍ୟବସ୍ଥା ରହିବ। ମନ୍ତ୍ରାଳୟର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁସାରେ, ଏଟିଏମ୍ଏସ୍ ସିଷ୍ଟମ୍‌କୁ ପରିଚାଳନା ଲାଗି ରାଜମାର୍ଗର ବିଭିନ୍ନ ସ୍ଥାନରେ କମାଣ୍ଡ ଏଣ୍ଡ କଣ୍ଟ୍ରୋଲ ରୁମ୍‌ର ସ୍ଥାପନ ମଧ୍ୟ କରାଯିବ। ଏଥିରେ ରାଜପଥ ଓ ଏକ୍ସପ୍ରେସ ୱେରେ ଯାତାୟତର ଅନଲାଇନ ତଦାରଖ ହୋଇପାରିବ। ଏଥିସହିତ ଦ୍ରୁତ ଗତିର ଯାନ ଉପରେ ଅଙ୍କୁଶ ଲାଗିପାରିବ। ଦୁର୍ଘଟଣା ସମୟରେ ଆମ୍ବୁଲାନ୍ସ, ରିକଭରି ଭ୍ୟାନ୍ ଓ ପୁଲିସ ତୁରନ୍ତ ପହଞ୍ଚିପାରିବ।


# ଶସ୍ତାରେ ମିଳିବ ୧୩ ବିରଳ ରୋଗର ଔଷଧ

**ନୂଆଦିଲ୍ଲୀ :** ଅତି ବିରଳ ରୋଗରେ ପୀଡ଼ିତ ହୋଇ ଏହାର ଔଷଧ ପାଇଁ ବହୁ ଟଙ୍କା ଖର୍ଚ୍ଚ କରୁଥିବା ରୋଗୀଙ୍କ ପାଇଁ ଆଶ୍ୱସ୍ତିକର ଖବର। ଭାରତରେ ୧୩ଟି ବିରଳ ରୋଗ ପାଇଁ ଔଷଧ ପ୍ରସ୍ତୁତ କରାଯାଇଛି। ଏବେ ଏହି ଔଷଧ ପୂର୍ବରୁ କୋଟି କୋଟି ଟଙ୍କା ମୂଲ୍ୟରେ ଉପଲବ୍ଧ ହେଉଥିବାବେଳେ ଏବେ ସେଗୁଡ଼ିକର ଦାମ ଉଲ୍ଲେଖନୀୟଭାବେ ହ୍ରାସ ପାଇବ। ଏଭଳି ଏକ ରୋଗ ହେଉଛି ସିକଲ୍ ସେଲ୍ ଆନିମିଆ। ଯାହାର ସିରପ ମାର୍ଚ୍ଚ ୨୦୨୪ ସୁଦ୍ଧା ଦେଶରେ ଉପଲବ୍ଧ ହେବ। ଏହି ସିରପ୍ ଆସିବା ପରେ ସ୍କିଲ୍ ସେଲ୍ ରକ୍ତହୀନତାରେ ପୀଡ଼ିତ ଲକ୍ଷ ଲକ୍ଷ



ଲୋକଙ୍କ ଜୀବନ ବଞ୍ଚାଇବ। ଏହିପରିଭାବେ ୧୩ଟି ବିରଳ ରୋଗ ରହିଛି। ଏହି ବିରଳ ରୋଗ ଗୁଡ଼ିକ ମଧ୍ୟରେ ଟାଇରୋସିନେମିଆ, ଗାଉଚର୍ସ, ୱିଲସନ, ଡ୍ରାଭେଟ, ଫିନାଇଲକେଟୋନୁରିଆ ଏବଂ ହାଇପରଆମ୍ମୋନେମିଆ ଅନ୍ତର୍ଭୁକ୍ତ। ଏବେ ସେଗୁଡ଼ିକର ଔଷଧର ମୂଲ୍ୟ ୬ ଲକ୍ଷରୁ ୨.୨ କୋଟି ଟଙ୍କା ପର୍ଯ୍ୟନ୍ତ ରହିଛି। ଏହି ୬ଟି ରୋଗ ମଧ୍ୟରୁ ୪ଟି ରୋଗର ଔଷଧ ଉପଲବ୍ଧ ଥିବା ବେଳେ ବାକି ସବୁ କୁ ଏପର୍ଯ୍ୟନ୍ତ ଅନୁମୋଦନ ମିଳିନାହିଁ। ଏଣିକି ଦେଶରେ ନିତିସିନୋନ, ଇଗାଲୁସାଟ, ଟ୍ରାଇଏନ୍‌ଟିନ ଓ କାନାବିଡୋଲ ଔଷଧ ଉପଲବ୍ଧ ହେବ। ଏବେ ନିତିସିନୋନର ମୂଲ୍ୟ କୋଟି କୋଟି ଟ ରହିଛି, କିନ୍ତୁ ଏହା ମୂଲ୍ୟଠାରୁ ଅଧାରୁ ମଧ୍ୟ କମ୍ ହେବ। ସେହିପରି ଏଲିଗୁଷ୍ଟାଟ୍ ର ମୂଲ୍ୟ ୩.୬ କୋଟି ଟଙ୍କା ରହିଥିବା ବେଳେ ଏହା ୩ରୁ ୬ ଲକ୍ଷ ଟଙ୍କାରେ ଉପଲବ୍ଧ ହେବ।

## ସ୍କୁଲ ପିଲା ପଢିବେ ରାମାୟଣ, ମହାଭାରତ !



**ନୂଆଦିଲ୍ଲୀ :** ସ୍କୁଲ ପାଠ୍ୟପୁସ୍ତକରେ ଅନ୍ତର୍ଭୁକ୍ତ ହେବ ରାମାୟଣ ଏବଂ ମହାଭାରତ। ଏଥର ପିଲାମାନେ ପଢିବେ ରାମାୟଣ, ମହାଭାରତ। ଏନେଇ ଏନସିଇଆରଟିର ୭ ଜଣିଆ କମିଟି ସୁପାରିଶ କରିଛି। ଜାତୀୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ ବା (ଏନସିଆରଟି)ର ସିଲାବସରେ ରାମାୟଣ ଏବଂ ମହାଭାରତ ଭଳି ଉପନ୍ୟାସଗୁଡିକ ସାମିଲ ହୋଇପାରେ। ଏନ୍‌ସିଇଆରଟିର ୭ ଜଣିଆ ସଦସ୍ୟ ପାଠ୍ୟପୁସ୍ତକରେ ରାମାୟଣ ଓ ମହାଭାରତକୁ ଅର୍ନ୍ତଭୁକ୍ତ କରିବା ଲାଗି ସୁପାରିଶ କରିଛି। ସପ୍ତମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ରାମାୟଣ ଓ ମହାଭାରତ ଶିକ୍ଷା ଦେବାକୁ ଗୁରୁତ୍ୱ ଦିଆଯାଇଛି। ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ସ୍ଥାନ ଦେବାକୁ ସୁପାରିଶ କରାଯାଇଛି। ଏହାସହ ସ୍କୁଲ କାନ୍ଥରେ ଆଞ୍ଚଳିକା ଭାଷାରେ ସମ୍ବିଧାନର ମୁଖବନ୍ଧ ଲେଖାଯିବାକୁ ପରାମର୍ଶ ଦେଇଛନ୍ତି କମିଟିର ଅଧ୍ୟକ୍ଷ ସି.ଆଇ ଆଇଜାକ୍। ୭ଜଣିଆ କମିଟିର ସୁପାରିଶକୁ ଏବେ ଜାତୀୟ ସିଲାବସ ଏବଂ ଶିକ୍ଷାଦାନ, ଶିକ୍ଷା ସାମଗ୍ରୀର ବିକାଶ ପାଇଁ ଗଠିତ ୧୯ଜଣିଆ କମିଟି ନିକଟକୁ ପଠାଯିବ। କମିଟି ଦ୍ୱାରା ଏହାର ସମୀକ୍ଷା ପରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ। ରାମାୟଣ ଓ ମହାଭାରତ ଗ୍ରନ୍ଥର ବିଷୟବସ୍ତୁକୁ ସାମାଜିକ ବିଜ୍ଞାନ ସିଲାବସରେ ସ୍ଥାନିତ କରାଗଲେ ଏହା ଅତ୍ୟନ୍ତ ଫଳପ୍ରଦ ହୋଇପାରିବ ବୋଲି କମିଟି କହିଛି। ଏହାପୂର୍ବରୁ ଉକ୍ତ ପ୍ୟାନେଲ ପାଠ୍ୟପୁସ୍ତକରେ ଦେଶର ନାମ 'ଇଣ୍ଡିଆ'ରୁ' ଭାରତ 'କୁ ପରିବର୍ତ୍ତନ କରିବାକୁ ପରାମର୍ଶ ଦେଇଥିଲା। ପ୍ରାଚୀନ ଇତିହାସ ବଦଳରେ ପାଠ୍ୟକ୍ରମରେ, 'ଶାସ୍ତ୍ରୀୟ ଇତିହାସ' ଆରମ୍ଭ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

# କେତେ ଆଗେଇଛି ବୁଲେଟ୍ ଟ୍ରେନ ପ୍ରକଳ୍ପ ?

**ନୂଆଦିଲ୍ଲୀ:** ମୁମ୍ବାଇ-ଅହମ୍ମଦାବାଦ ବୁଲେଟ୍ ଟ୍ରେନ୍‌ର କାମ ଜୋରସୋରରେ ଆଗେଇ ଚାଲିଛି। ବୁଲେଟ୍ ଟ୍ରେନ୍ ପ୍ରକଳ୍ପ ସମ୍ପର୍କରେ ଭାରତୀୟ ରେଳ ସମୟ ସମୟରେ ଅପଡେଟ୍ ଦେଉଛି, ଯାହାଦ୍ୱାରା ଲୋକଙ୍କ ଅପେକ୍ଷା କେବେ ଶେଷ ହେବାକୁ ଯାଉଛି ତାହା ଆକଳନ କରାଯାଇପାରିବ। ଏହି କ୍ରମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତାଙ୍କ ଏକ୍ସ (ପୂର୍ବ ଟ୍ୱିଟର) ହ୍ୟାଣ୍ଡେଲ ମାଧ୍ୟମରେ ବୁଲେଟ୍ ଟ୍ରେନ୍ ପ୍ରକଳ୍ପର କାର୍ଯ୍ୟ ବିଷୟରେ ଏକ ଅପଡେଟ୍ ଦେଇଛନ୍ତି। ୨୦୨୩ ନଭେମ୍ବର ୨୧ ତାରିଖ ସୁଦ୍ଧା ୨୫୧.୪୦ କିଲୋମିଟରରେ ସ୍ତମ୍ଭ ନିର୍ମାଣ ହୋଇଥିବା ବେଳେ ୧୦୩.୨୪ କିଲୋମିଟରରେ ଏଲିଭେଟେଡ୍ ସୁପର ଷ୍ଟ୍ରକ୍ଚର ନିର୍ମାଣ କରାଯାଇଛି ବୋଲି ରେଳମନ୍ତ୍ରୀ କହିଛନ୍ତି। ଏହି ଅପଡେଟ୍ ସହିତ ରେଳମନ୍ତ୍ରୀ ଏକ ଭିଡିଓ ମଧ୍ୟ ସେୟାର କରିଛନ୍ତି ଯେଉଁଥିରେ ଦର୍ଶାଯାଇଛି ଯେ ବୁଲେଟ୍ ଟ୍ରେନ୍ ପ୍ରକଳ୍ପ ଗୁଜୁରାଟର ଭାଲସାଡ, ଗୁଜୁରାଟର ନବସାରୀ, ଗୁଜୁରାଟର ସୁରତ ଏବଂ ଭଦୋଦରା (ଗୁଜରାଟ)



ଏବଂ ଆନନ୍ଦ (ଗୁଜରାଟ)ରେ କାର୍ଯ୍ୟକାରୀ ହେଉଛି। ୨୦୧୫ରେ ମୁମ୍ବାଇ-ଅହମ୍ମଦାବାଦ ମଧ୍ୟରେ ବୁଲେଟ୍ ଟ୍ରେନ୍ ଚଳାଚଳ କରିବାକୁ ଘୋଷଣା କରାଯାଇଥିଲା। ୨୦୧୭ ସେପଟ୍ମେରରେ ଏହି ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା। ବୁଲେଟ୍ ଟ୍ରେନ୍ ପାଇଁ ମୋଟ ୩ଟି ଡିପୋ ନିର୍ମାଣ କରାଯିବ। ମହାରାଷ୍ଟ୍ରରେ ଗୋଟିଏ ରହିବାକୁ ଥିବାବେଳେ ଗୁଜୁରାଟର ସୁରଟ ଓ ସାବରମତୀରେ ଗୋଟିଏ ଲେଖାଏଁ ରହିବ।

## ୨୯ ନିର୍ମାଣାଧୀନ ସୁଡ଼ଙ୍ଗର ସୁରକ୍ଷା ଅଡିଟ୍ କରିବ ଏନ୍‌ଏଚ୍‌ଏଆଇ

**ନୂଆଦିଲ୍ଲୀ :** ଜାତୀୟ ରାଜପଥ ପ୍ରାଧିକରଣ ସମଗ୍ର ଦେଶରେ ୨୯ଟି ନିର୍ମାଣାଧୀନ ସୁଡ଼ଙ୍ଗର ସୁରକ୍ଷା ଅଡିଟ୍ କରିବ। ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ନିର୍ମାଣ ସମୟରେ ସର୍ବୋଚ୍ଚ ଗୁଣାତ୍ମକ ମାନର ନିରାପତ୍ତା ଏବଂ ପାଳନକୁ ନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ମନ୍ତ୍ରଣାଳୟ କହିଛି ଯେ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀମାନେ ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମଆରସି) ଏବଂ ଅନ୍ୟ ଟନେଲ ବିଶେଷଜ୍ଞଙ୍କ ସହ ନିର୍ମାଣାଧୀନ ଟନେଲ ପ୍ରକଳ୍ପଗୁଡ଼ିକର ଯାଞ୍ଚ କରିବେ। ଅଧିକାରୀମାନେ ୭ ଦିନ ମଧ୍ୟରେ ଏକ ରିପୋର୍ଟ ଦାଖଲ କରିବେ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି। ମନ୍ତ୍ରଣାଳୟ ଆହୁରି ସୂଚନା ଦେଇଛି ଯେ ଜାତୀୟ ରାଜପଥ ପ୍ରାଧିକରଣ କୋଙ୍କଣ ରେଳ ନିଗମ ଲିମିଟେଡ୍ ସହିତ ଏକ




ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ଚୁକ୍ତିନାମା ଅନୁଯାୟୀ, ଜାତୀୟ ରାଜପଥ ପ୍ରାଧିକରଣ ପ୍ରକଳ୍ପଗୁଡିକ ପାଇଁ ଟନେଲ୍ ନିର୍ମାଣ କ୍ଷେତ୍ରରେ ଡିଜାଇନ୍, ଡ୍ରଇଂ ଏବଂ ସୁରକ୍ଷା ଦିଗଗୁଡିକ ସମୀକ୍ଷା କରିବାକୁ କୋଙ୍କଣ ରେଳ ନିଗମ ସେବା ପ୍ରଦାନ କରିବ। ଏହା ଛଡା କୋଙ୍କଣ ରେଳ ନିଗମ, ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିବ। ଏହି ଚୁକ୍ତି ଦୁଇ ବର୍ଷ ପାଇଁ ବଳବତ୍ତର ରହିବ।

## +୨ ବିଜ୍ଞାନରେ ବାୟୋଲୋଜି ନଥିଲେ ବି ହୋଇପାରିବେ ଡାକ୍ତର

ନୂଆଦିଲ୍ଲୀ : ଏଣିକି ଯୁକ୍ତ ଦୁଇ ବିଜ୍ଞାନରେ ବାୟୋଲୋଜି ରଖିନଥିବା ଛାତ୍ରଛାତ୍ରୀ ବି ମେଡିକାଲ ପଢିବା ପାଇଁ ପ୍ରବେଶିକା ପରୀକ୍ଷା ଦେଇ ପାରିବେ। ଏନେଇ ନୂଆ ନିୟମ ଆଣିବାକୁ ଯାଉଛି ଜାତୀୟ ମେଡିକାଲ କମିଶନ (ଏନ୍‌ଏମ୍‌ସି)। ନିୟମ ଅନୁସାରେ, ଯେଉଁ ବିଦ୍ୟାର୍ଥୀ ଦ୍ୱାଦଶ ଶ୍ରେଣୀରେ ଫିଜିକ୍ସ, କେମିଷ୍ଟ୍ରି ଏବଂ ମ୍ୟାଥ୍ ବିଷୟ ରଖି ଉତ୍ତୀର୍ଣ୍ଣ ହୋଇଥିବେ, ସେମାନେ ପରବର୍ତ୍ତୀ ସମୟରେ ବାୟୋଲୋଜି/ ବାୟୋଟେକ୍ନୋଲୋଜି ପରୀକ୍ଷାରେ କୌଣସି ସ୍ୱୀକୃତିପ୍ରାପ୍ତ ବୋର୍ଡରୁ ଅତିରିକ୍ତ ବିଷୟ ଭାବରେ ଏଥିପାଇଁ ଯୋଗ୍ୟତା ହାସଲ କରିପାରିବେ। ପୂର୍ବରୁ ଡାକ୍ତରୀ ପରୀକ୍ଷା ଦେବାକୁ ହେଲେ ବାୟୋଲଜିକୁ ବାଧ୍ୟତାମୂଳକ ପାଠ୍ୟକ୍ରମରେ ରଖିବାକୁ ପଡୁଥିଲା। ଏବେ କିନ୍ତୁ ଏହି କଟକଣାକୁ ହଟାଇ ଦେବାକୁ



କରିଛି ଏନଏମସି। ଜାତୀୟ ମେଡିକାଲ କମିଶନର ନୂଆ ନିୟମ ଅନୁଯାୟୀ, ଯୁକ୍ତ ଦୁଇ ବିଜ୍ଞାନରେ ବାୟୋଲୋଜି ନରଖି ପାସ୍ ହୋଇଥିବା ପିଲା ଏମବିବିଏସ ଏବଂ ବିଡିଏସ ଆଡମିସନ୍ ପାଇଁ ନିଟ-ୟୁଜି ପରୀକ୍ଷା ଦେଇପାରିବେ। ଏହି ପ୍ରାର୍ଥୀମାନଙ୍କୁ ଏନଏମସି ନାମଲେଖା ପାଇଁ ଯୋଗ୍ୟତା ପ୍ରମାଣପତ୍ର ଦେବ। ପୂର୍ବ ନିୟମ ଅନୁସାରେ ଦ୍ୱାଦଶ ଶ୍ରେଣୀ ପାସ୍ କରିବା ପରେ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ବିଷୟବସ୍ତୁ ନେବାକୁ ଅନୁମତି ଦେଉନଥିଲା। ଏମବିବିଏସ ଏବଂ ବିଡିଏସ ନାମଲେଖା ପାଇଁ ଯୋଗ୍ୟ ହେବାକୁ ଫିଜିକ୍ସ, କେମିଷ୍ଟ୍ରି, ମ୍ୟାଥମେଟିକ୍ସ, ବାୟୋଲୋଜି/ ବାୟୋଟେକ୍ନୋଲୋଜି ଏବଂ ଇଂରାଜୀରେ ଦୁଇ ବର୍ଷର କ୍ରମାଗତ ଅଧ୍ୟୟନ କରିବା ବାଧ୍ୟତାମୂଳକ ଥିଲା। ଉପରକ୍ତ ସମସ୍ତ ବିଷୟରେ ଏକକାଳୀନ ଗୋଟିଏ ବୋର୍ଡର ପାସ୍ ସାର୍ଟିଫିକେଟ୍ ଦରକାର ପଡୁଥିଲା। କିନ୍ତୁ ନୂତନ ଏନଏମସି ଆଦେଶ ଏହି ପ୍ରତିବନ୍ଧକକୁ ହଟାଇ ଦେଇଛି। ଏନଏମସିର ଅଫିସିଆଲ ୱେବସାଇଟରେ ଅପଲୋଡ୍ ହୋଇଥିବା ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ ଏହି ନିଷ୍ପତ୍ତି ସେହି ଛାତ୍ରମାନଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ ଯେଉଁମାନଙ୍କର ଆବେଦନ ପୂର୍ବରୁ ପ୍ରତ୍ୟାଖ୍ୟାନ କରାଯାଇଥିଲା।

### ଚନ୍ଦ୍ର ପୃଷ୍ଠର ନମୁନା ସଂଗ୍ରହ ପାଇଁ ପ୍ରସ୍ତୁତି

# ଚୀନ୍ ପଠାଇବ ଚାଙ୍ଗ୍-୬ ମିଶନ୍

**ନୂଆଦିଲ୍ଲୀ :** ଗୋଟିଏ ପଟେ ଭାରତ ଚନ୍ଦ୍ର ପୃଷ୍ଠର ନମୁନା ସଂଗ୍ରହ କରିବା ପାଇଁ ଏକ ସ୍ୱତନ୍ତ୍ର ମିଶନ ଉପରେ କାର୍ଯ୍ୟ କରୁଥିବାବେଳେ ଅନ୍ୟ ପଟେ ଚୀନ୍ ଏହି କାର୍ଯ୍ୟ ପାଇଁ ପ୍ରାୟ ମିଶନ ପ୍ରସ୍ତୁତ କରିଛି। ଚାଇନା ଶୃଙ୍ଖଳାର ସହ ଅନେକ ଚନ୍ଦ୍ର ମିଶନ ଉପରେ କାମ କରୁଛି। ଏଥିମଧ୍ୟରୁ ଆସନ୍ତା ବର୍ଷ ପାଇଁ ଏକ ଚାଙ୍ଗ୍-୬ ମିଶନ୍ ପ୍ରସ୍ତୁତ ହେଉଛି। ଆସନ୍ତା ବର୍ଷ ଆରମ୍ଭରେ ଏହି ମିଶନ ଆରମ୍ଭ ହେବ ବୋଲି ଚାଇନାର ଜାତୀୟ ମହାକାଶ ପ୍ରଶାସନ ଗତ ସପ୍ତାହରେ ଘୋଷଣା କରିଛି। ଚୀନ୍ କ୍ରମାଗତ ଭାବରେ ମହାକାଶରେ ନିଜର ଶକ୍ତି ବୃଦ୍ଧି କରୁଛି। ୨୦୧୯ରେ ଚନ୍ଦ୍ରର ଦୁର୍ଗମ ଅଞ୍ଚଳରେ ଅବତରଣ କରିଥିବା ଚୀନ୍ ହେଉଛି ପ୍ରଥମ ଦେଶ। ଏହା ଗତ ବର୍ଷ ଟିଆଙ୍ଗ ସ୍ପେସ୍ ଷ୍ଟେସନର ନିର୍ମାଣ କାର୍ଯ୍ୟ ଶେଷ କରିଛି। ଚୀନ୍ ୨୦୩୦ ସୁଦ୍ଧା ଚନ୍ଦ୍ରକୁ ଏକ ମାନବ ମିଶନ ପଠାଇବାକୁ ଯୋଜନା କରିଛି। ଏହାପୂର୍ବରୁ, ଆସନ୍ତା ବର୍ଷ ସେ ଚନ୍ଦ୍ର ପୃଷ୍ଠର ନମୁନା ସଂଗ୍ରହ ଯୋଜନା କରୁଛନ୍ତି। ଗତ ଦଶଟି ଚନ୍ଦ୍ର ମିଶନର ଅବତରଣ ସ୍ଥାନରୁ ନମୁନା ସଂଗ୍ରହ କରାଯିବ, ଯାହା ଦୁର୍ଗମ ଅଞ୍ଚଳରେ ଅଧ୍ୟୟନ କରିବାରେ ବୈଜ୍ଞାନିକମାନଙ୍କୁ ସାହାଯ୍ୟ କରିବ। ଚାଇନାର ସ୍ପେସ୍ ଏଜେନ୍ସିର ସୂଚନା ଅନୁଯାୟୀ, ଚାଙ୍ଗ-୬ ମିଶନ୍ ଚନ୍ଦ୍ରର ଦକ୍ଷିଣ ପୋଲର ଆଇଟକେନ୍ ବେସିନକୁ ସ୍ପର୍ଶ କରିବ ଏବଂ ପୂର୍ବ ଅବତରଣ ସ୍ଥାନରୁ ଧୂଳି ଏବଂ ପଥରର ନମୁନା ସଂଗ୍ରହ କରିବ। ପୃଥିବୀରୁ ଚନ୍ଦ୍ରର ଏକ ବଡ଼ ଅଂଶ ଦେଖିବା



କଷ୍ଟକର। ଏହି ଅଞ୍ଚଳ କ୍ରାଟର ଦ୍ୱାରା ଘେରି ରହିଛି ଏବଂ ସୂର୍ଯ୍ୟଙ୍କଠାରୁ ନିର୍ଗତ ଶକ୍ତି ହେତୁ ଏହି ଅଞ୍ଚଳରେ ଗାତ ଏବଂ ଗାଢ ଚିହ୍ନ ରହିଛି, ଯାହା ବିଷୟରେ ବୈଜ୍ଞାନିକମାନେ ବହୁତ ଉତ୍ସାହିତ ଅଛନ୍ତି। ଚୀନ୍‌ର ଚାଙ୍ଗ-୬ ମିଶନ ଚାରିଟି ଆନ୍ତର୍ଜାତୀୟ ଭାଗୀଦାରଙ୍କ ସହାୟତା ପାଇବ। ଫ୍ରାନ୍ସର ସ୍ପେସ୍ ଏଜେନ୍ସି, ୟୁରୋପୀୟ ସ୍ପେସ୍ ଏଜେନ୍ସି, ଇଟାଲୀ ସ୍ପେସ୍ ଏଜେନ୍ସି ଏବଂ ପାକିସ୍ତାନ ସ୍ପେସ୍ ଏଜେନ୍ସିର ଏହି ସମର୍ଥନ ରହିବ, ଯେଉଁଥିରେ ପାକିସ୍ତାନରୁ କ୍ୟୁବସାଟ ଉପଗ୍ରହ ଅନ୍ତର୍ଭୁକ୍ତ ହେବ। ଯଦି ଚୀନ୍ ଏହି ମିଶନରେ ସଫଳ ହୁଏ, ତେବେ ୨୦୨୬ ମସିହାରେ ଚାଙ୍ଗ୍ -୭ ମିଶନ୍ ଏବଂ ଦୁଇ ବର୍ଷ ପରେ ଚାଙ୍ଗ୍ -୭ ମିଶନ୍ ଆରମ୍ଭ କରିବାକୁ ଏହା ସହଜ କରିବ। ୨୦୦୭ ମସିହାରୁ ଚୀନ୍ ଚନ୍ଦ୍ରକୁ ପାଞ୍ଚଟି ରୋବୋଟିକ୍ ପ୍ରୋବ ପଠାଇଛି। ଏହାର ଚାଙ୍ଗ -୫ ମିଶନ୍ ୨୦୨୦ ରେ ଚନ୍ଦ୍ରରେ ଅବତରଣ କରି ପୃଥିବୀକୁ ପଥର ଏବଂ ମାଟି ସହିତ ଫେରି ଆସିଥିଲା।

ଚନ୍ଦ୍ରର ଦକ୍ଷିଣ ପୋଲରେ ଅବତରଣ କରିବାର ସଫଳତାକୁ ଆଧାର କରି ଭାରତ ଚନ୍ଦ୍ରର ଦକ୍ଷିଣ ପୋଲାର ଅଞ୍ଚଳରୁ ନମୁନା ସଂଗ୍ରହ କରି ପୃଥିବୀକୁ ଫେରାଇ ଆଣିବାକୁ ଯୋଜନା କରିଛି। ପ୍ରାରମ୍ଭିକ ରିପୋର୍ଟରୁ ଜଣାପଡିଛି ଯେ ଭାରତୀୟ ମହାକାଶ ଅନୁସନ୍ଧାନ ସଂଗଠନ (ଇସ୍ରୋ) ଏକ ଚନ୍ଦ୍ର ନମୁନା-ପ୍ରତ୍ୟାବର୍ତ୍ତନ ମିଶନ ପ୍ରସ୍ତୁତ କରୁଛି। ଯାହା ଚନ୍ଦ୍ରାୟଣ -୪ ନାମରେ ଜଣାଶୁଣା । ତେବେ ଏହି ମିଶନ ପାଇଁ ଭାରତ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟସୂଚୀ ପ୍ରକାଶ କରି ନାହିଁ। ତେବେ ଏହି ମିଶନ ଆସନ୍ତା ପାଞ୍ଚ-ସାତ ବର୍ଷ ମଧ୍ୟରେ ଆରମ୍ଭ ହୋଇପାରିବ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୭ ନଭେମ୍ବର - ୩ ଡିସେମ୍ବର, ୨୦୨୩




'ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା'ର ଶୁଭାରମ୍ଭ

# ଉପକୃତ ହେବେ ୧ ଲକ୍ଷରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ

**ଭୁବନେଶ୍ୱର :** ବିଶ୍ୱ ମତ୍ସ୍ୟ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ମତ୍ସ୍ୟଜୀବୀ ମାନଙ୍କ ପାଇଁ ୧୬ଟି କାର୍ଯ୍ୟକ୍ରମ ରହିଛି ଏବଂ ଏବର୍ଷ ଏଥିପାଇଁ ୪୪୮ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଯୋଜନାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ, ମତ୍ସ୍ୟଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ନିବେଦନ କରି କହିଛନ୍ତି ଯେ ଆପଣମାନଙ୍କ କଲ୍ୟାଣ ଓ ବିକାଶ ପାଇଁ ଏହି ଯୋଜନା ଆରମ୍ଭ କରାଯାଇଛି। ଆପଣମାନେ ଏହାର ସୁଯୋଗ ନେଇ ନିଜର ଓ ରାଜ୍ୟର ସମୃଦ୍ଧିରେ ଯୋଗଦାନ ରଖନ୍ତୁ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ରାଜ୍ୟରେ ପ୍ରଚୁର ଜଳସଂପଦ ରହିଛି। ଅର୍ଥନୀତିର ବିକାଶ ପାଇଁ ଜଳସଂପଦର ପୂର୍ଣ୍ଣ ବିନିଯୋଗ ଆମର ଲକ୍ଷ୍ୟ ବୋଲି



ସେ କହିଥିଲେ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବା, ସେମାନଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି କରିବା, ମା ମାନଙ୍କୁ ସଶକ୍ତ କରିବା ଏବଂ ସର୍ବୋପରି ରାଜ୍ୟର ଆର୍ଥିକ ବିକାଶ କରିବା। ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଏ ସବୁ କାର୍ଯ୍ୟକ୍ରମକୁ ଆହୁରି ଆଗକୁ ନେବ ବୋଲି ପ୍ରକାଶ କରି ସେ କହିଥିଲେ ଯେ ଏହି କାର୍ଯ୍ୟକ୍ରମ ଆମର ୫ଟି ନୀତିରେ କାର୍ଯ୍ୟକାରୀ କରାଯିବ। ଏଥିରେ ୧୧,୦୦୦ରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ୫୦ ହଜାର ମାଛ ଚାଷୀ ଓ ଏକ ଲକ୍ଷରୁ ଅଧିକ ମତ୍ସ୍ୟଜୀବୀ ଉପକାର ପାଇବେ ବୋଲି ସେ କହିଥିଲେ। ରାଜ୍ୟରେ ମତ୍ସ୍ୟ ବିକାଶ କ୍ଷେତ୍ରରେ ହୋଇଥିବା ଉନ୍ନତି ସଂପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଗତ ୨୦ ବର୍ଷ ଭିତରେ ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ଚାରି ଗୁଣ ବୃଦ୍ଧି ପାଇଛି। ସାମୁଦ୍ରିକ ମତ୍ସ୍ୟ ରପ୍ତାନୀ ୪୫୦୦ କୋଟି ଟଙ୍କାରେ ପହଞ୍ଚିଛି । ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ଓଡିଶା ମତ୍ସ୍ୟନୀତି-୨୦୧୫ ଏବଂ ଓଡିଶା ଜଳଭଣ୍ଡାର ମତ୍ସ୍ୟନୀତି-୨୦୧୨ ଆଣିବାରେ ଓଡିଶା ଦେଶର ପ୍ରଥମ ରାଜ୍ୟ ବୋଲି ସେ କହିଥିଲେ। ଓଡିଶା ଆଜି ମାଛ ଯାଁଳ ଉତ୍ପାଦନରେ ଆତ୍ମନିର୍ଭର ହୋଇପାରିଛି ବୋଲି ସେ କହିଥିଲେ। ମତ୍ସ୍ୟଜୀବୀ ମାନଙ୍କ କଲ୍ୟାଣ ପାଇଁ ଗରିବ ଲୋକଙ୍କ କଲ୍ୟାଣ ପଇଁ ମୋ ସରକାର କାମ କରୁଛନ୍ତି ବୋଲି ମତଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆପଣମାନଙ୍କ ସାମାଜିକ ସୁରକ୍ଷା, ଖାଦ୍ୟ ସୁରକ୍ଷା, ରୋଜଗାର ଓ ପୁଷ୍ଟିକୁ ଅଧିକ ଗୁରୁତ୍ୱ ଦେଇ ଅନେକ ପଦକ୍ଷେପ ନିଆଯାଇଛି।

# ଚାଲାଣ କାଟିପାରିବେନି ଟ୍ରାଫିକ୍ ଏଏସ୍ଆଇ

## କ୍ଷମତା ଛଡ଼ାଇନେଲା ପରିବହନ ବିଭାଗ

**ଭୁବନେଶ୍ୱର :** ଟ୍ରାଫିକ୍ ଏଏସ୍ଆଇ ଆଉ ଇ-ଚାଲାଣ କାଟିପାରିବେନି କିମ୍ବା ଜରିମାନା ବି ଆଦାୟ କରିପାରିବେନି। ରାଜ୍ୟ ପରିବହନ ବିଭାଗ ତାଙ୍କର ଏହି କ୍ଷମତାକୁ ଛଡ଼ାଇ ନେଇଛନ୍ତି। ଟ୍ରାଫିକ୍ ଏଏସ୍ଆଇମାନେ ଚାଲାଣ କାଟିବାରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ସେମାନଙ୍କୁ ଦିଆଯାଇଥିବା ମେସିନ୍‌କୁ ଠିକ୍ ଢଙ୍ଗରେ ଚଲାଇ ପାରୁନଥିଲେ। ଏଥିପାଇଁ ସେମାନଙ୍କୁ ଟ୍ରେନିଂ ମଧ ଦିଆଯାଇନଥିଲା। ଏହାକୁ ଦୃଷ୍ଟିରେ ରଖି ପରିବହନ ବିଭାଗ ଏପରି ନିଷ୍ପତ୍ତି ନେଇଛି। ସଡ଼କ ସୁରକ୍ଷା ବିଶେଷଜ୍ଞ ସୁବ୍ରତ ନନ୍ଦ କହିଛନ୍ତି ଯେ, ଟ୍ରାଫିକ୍ ଏଏସ୍ଆଇମାନେ ଅନଭିଜ୍ଞ। ଚାଲାଣ ପାଇଁ ଆସୁଥିବା ବିଭିନ୍ନ ଯନ୍ତ୍ରପାତିକୁ ସେ ଠିକ୍ ଭାବେ ଚଲାଇ



ପାରୁନାହାନ୍ତି। ଯେଉଁଥିପାଇଁ ଅନେକ ତ୍ରୁଟି ଦେଖିବାକୁ ମିଳୁଥିଲା। ଏହାକୁ ନେଇ ମଧ ଆମେ ବିରୋଧ କରୁଥିଲୁ। ଶେଷରେ ସରକାର ପ୍ରତ୍ୟାହାର କରି ନେଇଛନ୍ତି।

## ଜାନୁଆରୀ ୧୫ରୁ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା



**ଭୁବନେଶ୍ୱର :** ଆସନ୍ତା ଜାନୁଆରୀ ୧୫ ତାରିଖରୁ ଆରମ୍ଭ ହେବ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା। ଜିଲ୍ଲାପାଳଙ୍କ ଅଧକ୍ଷତାରେ ବସିଥିବା ବୈଠକେ ଏହି ନିଷ୍ପତ୍ତି ନିଆଯାଇଛି। ୧୧ଦିନ ଧରି ଚାଲିବ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା। ଧନୁଯାତ୍ରା କମିଟି, ଜିଲ୍ଲା ପ୍ରଶାସନ ତଥା ବରଗଡ଼ର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସର୍ବସମ୍ମତି କ୍ରମେ ଏହି ତାରିଖ ଧାର୍ଯ୍ୟ କରାଯାଇଛି। ଧନୁଯାତ୍ରା ଓଡ଼ିଶାର ବରଗଡ଼ରେ ଏକ ବାର୍ଷିକ ନାଟକ-ଭିତ୍ତିକ ଖୋଲା ରଙ୍ଗମଞ୍ଚ ଯାତ୍ରା। ବରଗଡ଼ ପୌରାଞ୍ଚଳର ୭କିମି ପରିଧି ମଧରେ ଆୟୋଜିତ ଏହି ଯାତ୍ରା ପୃଥିବୀର ବିଶାଳତମ ଖୋଲା ରଙ୍ଗମଞ୍ଚ ଭାବେ ଜଣା। ପୌରାଣିକ କଥାବସ୍ତୁ ହରିବଂଶର ମଥୁରା ବିଜୟକୁ ନାଟ୍ୟ ରୁପାନ୍ତର ଆକାରରେ ମଞ୍ଚସ୍ଥ କରାଯାଇଥାଏ ଧନୁଯାତ୍ରାରେ। ଧନୁଯାତ୍ରା ମାତୁଳ କଂସର ଧନୁଯାତ୍ରାରେ ଭାଗନେବାପାଇଁ ଭଗବାନ କୃଷ୍ଣଙ୍କର ମଥୁରାଯାତ୍ରାର ସ୍ମୃତି ବହନ କରେ। ଯାତ୍ରା ସମୟରେ ବରଗଡ଼ ସହର କଂସଙ୍କ ମଥୁରା ପାଲଟୁଥିବାବେଳେ ପୌରାଞ୍ଚଳର ୧୭ନଂ ୱାର୍ଡ଼ ଅମ୍ବାପାଲି ପାଲଟି ଥାଏ ଗୋପପୁର, ବରଗଡ଼ ସହରବାସୀ ଓ ଦର୍ଶକ ପାଲଟିଥାନ୍ତି ପ୍ରଜା। ମହାରାଜା କଂସଙ୍କ ଆଦେଶ ଅବମାନନା କଲେ ଯେତେବଡ଼ ପଦପଦବୀରେ ଥିଲେ ସୁଦ୍ଧା ଦଣ୍ଡଭୋଗିବାକୁ ହୋଇଥାଏ। ଏହି ମଞ୍ଚରେ କଂସ ଦୋଷ ନିମନ୍ତେ ଲୋକଙ୍କୁ ଦଣ୍ଡବିଧାନ ମଧ କରିଥାନ୍ତି।

# ରାଜ୍ୟରେ ଆବଶ୍ୟକତା ଠାରୁ ଅଧିକ ପିଆଜ ଉତ୍ପାଦନ

**ଭୁବନେଶ୍ୱର :** ରାଜ୍ୟରେ ପିଆଜର ଆବଶ୍ୟକତା ଯେତିକି ତା'ଠୁ ଢେର ଅଧିକ ଉତ୍ପାଦନ ହେଉଛି। କିନ୍ତୁ ସରକାରୀ ପ୍ରୋତ୍ସାହନ ଅଭାବରୁ ଏହାର ସଂରକ୍ଷଣ ସମ୍ଭବପର ହୋଇପାରିନି। ଏପରିକି ସରକାରଙ୍କ ଆନ୍ତରିକତା ନଥିବାରୁ ଏବେବି ବାଲେଶ୍ୱର, ଜଗତସିଂହପୁର, ଗଜପତି ଓ ମାଲକାନଗିରି ଭଳି ଜିଲ୍ଲାରେ ଆଖିଦୃଶିଆ ପିଆଜ ଚାଷ ହୋଇପାରୁନି। ତଥାପି ରାଜ୍ୟରେ ଚାହିଦାଠୁ ଅଧିକ ପିଆଜ ଅମଳ ହୋଇପାରୁଛି। ପିଆଜ ଅଧିକ ଅମଳ ହେଉଥିଲେ ମଧ ରାଜ୍ୟର ଖାଉଟିଙ୍କୁ ଆମଦାନୀ ହେଉଥିବା ପିଆଜ ଉପରେ ନିର୍ଭର କରିବାକୁ ପଡୁଛି। ପିଆଜ ଦର ଅନେକ ସମୟରେ ଆକାଶଛୁଆଁ ବି ହେଉଛି। ରାଜ୍ୟ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଧାନସଭାରେ ଏକ ଲିଖିତ ଉତ୍ତରରେ କହିଛନ୍ତି ଯେ, ରାଜ୍ୟରେ ବାର୍ଷିକ ୩.୫୫ଲକ୍ଷ ମେଟ୍ରିକ ଟନ୍ ପିଆଜର ଆବଶ୍ୟକତା ରହିଛି। କିନ୍ତୁ ରାଜ୍ୟରେ ୩.୬୮ଲକ୍ଷ ମେଟ୍ରିକ ଟନ୍ ପିଆଜ ଉତ୍ପାଦନ ହେଉଛି। ଅର୍ଥାତ୍ ଚାହିଦା ତୁଳନାରେ ପ୍ରାୟ ୧୩ହଜାର ମେଟ୍ରିକ ଟନ୍ ଅଧିକ ପିଆଜ ଅମଳ ହେଉଛି। ରାଜ୍ୟରେ ଅତିକମରେ ୩ଲକ୍ଷ ମେଟ୍ରିକ ଟନ୍ ପିଆଜ ସଂରକ୍ଷଣ ନିମନ୍ତେ ଶୀତଳଭଣ୍ଡାରର ଆବଶ୍ୟକତା ଥିବାବେଳେ ଏବେ ମାତ୍ର ୧.୮୩ଲକ୍ଷ ମେଟ୍ରିକ ଟନ୍ ପିଆଜ ସଂରକ୍ଷଣର ବ୍ୟବସ୍ଥା ୭୩୨୧ଟି ସଂରକ୍ଷଣ ଗୃହରେ ସମ୍ଭବପର



ହୋଇପାରିଛି। ଏବେ ଟିଟିଲାଗଡ଼ରେ ଆଉ ୧୧୦୦ ମେଟ୍ରିକ ଟନ୍ ପିଆଜ ସଂରକ୍ଷଣ ଗୋଦାମ ନିର୍ମାଣ ହୋଇଛି। ଆଉ ୫ଟି ଜିଲ୍ଲାରେ ୬ହଜାର ମେଟ୍ରିକ୍ ଟନ୍ ପିଆଜ ସଂରକ୍ଷଣ ଗୋଦାମ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ରାଜ୍ୟରେ ପିଆଜ ମିଶନ କାର୍ଯ୍ୟକ୍ଷମ କରାଯାଉ ନାହିଁ କିନ୍ତୁ ମସଲା ମିଶନ ମାଧ୍ୟମରେ ପିଆଜ ଚାଷ ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। ରାଜ୍ୟର ଆବଶ୍ୟକତାଠୁ ଅଧିକ ପିଆଜ ଅମଳ ହେଉଥିଲେ ମଧ କାହିଁକି ଚାହିଦା ମେଣ୍ଟାଉ ନାହିଁ ବୋଲି ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ, ଓଡ଼ିଶାର ଜଳବାୟୁ ଅନୁସାରେ ରବି ଋତୁରେ ପିଆଜ ଅଧିକ ଉତ୍ପାଦନ ହୋଇଥାଏ। ଏହା ବାହାର ରାଜ୍ୟକୁ ରପ୍ତାନୀ ହୋଇଥାଏ। ତେଣୁ ବର୍ଷ ଯାକର ଚାହିଦା ମେଣ୍ଟାଇବା ସବୁ ସମୟରେ ସମ୍ଭବପର ହୋଇପାରିନଥାଏ। ଓଡ଼ିଶା ମୁଖ୍ୟତଃ ପିଆଜ ଆମଦାନୀ ପାଇଁ ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଗୁଜୁରାଟ ଓ ପଶ୍ଚିମବଙ୍ଗ ଉପରେ ନିର୍ଭର କରେ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଏତେ ପରିମାଣର ପିଆଜ ଅମଳ ହେଉଥିଲେ ମଧ ସଂରକ୍ଷଣ ଅଭାବ ଯୋଗୁ ଖାଉଟିଙ୍କୁ ବିଭିନ୍ନ ସମୟରେ ଚଢ଼ା ଦରରେ ପିଆଜ କିଣିବାକୁ ପଡୁଛି। ଆଉ ସରକାର ସେହି ସମୟରେ ପିଆଜର ଆମଦାନୀ ବନ୍ଦ ଥିବା ଦର୍ଶାଇ ହାତ ଟେକି ଦେଉଛନ୍ତି। ଯଦି ରାଜ୍ୟ ସରକାର ଆନ୍ତାରିକତା ଦେଖାନ୍ତେ ଓ ଆବଶ୍ୟକ ପ୍ରୋତ୍ସାହନ ଦିଅନ୍ତେ ତା'ହେଲେ ଓଡ଼ିଶାରେ ପିଆଜ ଅମଳ ଆହୁରି ବୃଦ୍ଧି ପାଇପାରନ୍ତା। ତେବେ ଏହା ପୂର୍ବରୁ ସରକାରଙ୍କୁ ପିଆଜ ସଂରକ୍ଷଣ ନିମନ୍ତେ ଆବଶ୍ୟକ ଗୋଦାମ ନିର୍ମାଣ କରିବାର ଆବଶ୍ୟକତା ରହିଛି।

# ସୁଜାତା ରାଉତ କାର୍ତ୍ତିକେୟନଙ୍କୁ ସଂସ୍କୃତି ବିଭାଗ


**ଭୁବନେଶ୍ୱର :** ଓଡ଼ିଆ ଭାଷା , ସାହିତ୍ୟ ଓ ସଂସ୍କୃତି ବିଭାଗର ନୂତନ କମିଶନର ତଥା ଶାସନ ସଚିବ ଭାବେ ସୁଜାତା ରାଉତ କାର୍ତ୍ତିକେୟନ୍ ଦାୟିତ୍ୱ ଗ୍ରହଣ କରିଛନ୍ତି। ଓଡ଼ିଆ ଭାଷା , ସାହିତ୍ୟ ଓ ସଂସ୍କୃତି ବିଭାଗର ବିକାଶ ଦିଗରେ କାର୍ଯ୍ୟ କରିବା ଏକ ଗୌରବର କଥା ଓ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବାରୁ ଏହାକୁ ସେ ଆନ୍ତରିକ ଭାବେ ସମ୍ପାଦନ କରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଲୋକସେବା ଭବନ ଠାରେ ବିଭାଗୀୟ ନିର୍ଦ୍ଦେଶକ ଦିଲିପ ରାଉତରାଏ, ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ , ଯୁଗ୍ମ ସଚିବ ଅତସୀ ଦାସ, ଯୁଗ୍ମ ସଚିବ ତଥା ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ, ସଂଗୀତ ନାଟକ ଏକାଡେମୀ ସଭାପତି ଅରୁଣା ମହାନ୍ତି, ଉତ୍କଳ ସଂସ୍କୃତି



ବିଶ୍ୱବିଦ୍ୟାଳୟର କୁଳପତି ଡ . ପ୍ରସନ୍ନ କୁମାର ସ୍ୱାଇଁଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ପରେ ଶ୍ରୀମତୀ କାର୍ତ୍ତିକେୟନ୍ ବିଭାଗର ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିବା ସହ ଅଧିକାରୀମାନଙ୍କ ଠାରୁ ସହଯୋଗ କାମନା କରିଥିଲେ। ପରେ ରାଜ୍ୟ ସଂଗ୍ରହାଳୟ ପରିସରରେ ଥିବା କଳିଙ୍ଗ ଆର୍ଟ ଗ୍ୟାଲେରୀରେ ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ୩୨ତମ ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀକୁ ବୁଲି ଦେଖିବା ସହ ଶ୍ରୀମତୀ କାର୍ତ୍ତିକେୟନ୍ ଖୁସି ବ୍ୟକ୍ତ କରିଥିଲେ। ଏଭଳି ଚିତ୍ରକଳା ଆୟୋଜନ କରିଥିବାରୁ ମହାବିଦ୍ୟାଳୟର ଅଧାପକ, ଅଧାପିକା ଓ ଛାତ୍ରଛାତ୍ରୀମାନଙ୍କର ସେ ପ୍ରଶଂସା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷ ଗଜେନ୍ଦ୍ର କୁମାର ପାଢ଼ୀ, ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ . ଭାଗ୍ୟଲିପି ମଲ୍ଲଙ୍କ ସମେତ ସଂଗ୍ରହାଳୟର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ବର୍ଷରେ ୭,୪୭୮ ସ୍କୁଲ ବନ୍ଦ

**ଭୁବନେଶ୍ୱର:** ବିଗତ ୧୦ବର୍ଷ ମଧ୍ୟରେ ରାଜ୍ୟରେ ମୋଟ ୭୪୭୮ଟି ସରକାରୀ ସ୍କୁଲକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯାଇଛି। ଏହି ସ୍କୁଲଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ ସହ ନିକଟସ୍ଥ ସ୍କୁଲରେ ମିଶ୍ରଣ କରାଯାଇଛି। ଆଦିବାସୀବହୁଳ ଜିଲ୍ଲା ଗଜପତିରେ ସର୍ବାଧିକ ୬୦୪ଟି ସ୍କୁଲ, ମୟୂରଭଞ୍ଜରେ ୫୩୬ଟି ଓ କନ୍ଧମାଳ ଜିଲ୍ଲାରେ ୪୬୦ଟି ସରକାରୀ ସ୍କୁଲକୁ ବନ୍ଦ କରାଯାଇଛି ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ସୂଚନା ଦେଇଛନ୍ତି। ବିଧାନସଭାରେ ଲିଖିତ ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି କହିଛନ୍ତି ଯେ, ୨୦୧୨-୧୩ରୁ ୨୦୨୨-୨୩ ମସିହା ମଧ୍ୟରେ ମୋଟ ୭୪୭୮ଟି ସରକାରୀ ସ୍କୁଲକୁ ନିକଟସ୍ଥ ସ୍କୁଲ ସହ ମିଶ୍ରଣ କରାଯାଇଛି। ବନ୍ଦ ହୋଇଥିବା ସ୍କୁଲଗୁଡ଼ିକରେ କାର୍ଯ୍ୟରତ ଶିକ୍ଷକମାନଙ୍କୁ ନିକଟସ୍ଥ ସ୍କୁଲରେ ନିୟୋଜିତ କରାଯାଇଛି। ପୁରୀ ଜିଲ୍ଲାରେ ସର୍ବନିମ୍ନ ୫୦ଟି ସ୍କୁଲ, ଦେବଗଡ଼ରେ ୯୬ଟି ସ୍କୁଲ, କେନ୍ଦୁଝରରେ ୧୦୦ଟି ସ୍କୁଲ, ମାଲକାନଗିଗିରିରେ ୧୨୨ଟି, ଝାରସୁଗୁଡ଼ାରେ ୧୧୪ଟି ସ୍କୁଲ, ବାଲେଶ୍ୱରରେ ୧୨୩ଟି ସ୍କୁଲକୁ ବନ୍ଦ କରାଯାଇଛି। କଟକ ଜିଲ୍ଲାରେ ୫୨୯ଟି, ବାଲେଶ୍ୱର ଜିଲ୍ଲାରେ ୧୨୩ଟି, ଗଞ୍ଜାମ ଜିଲ୍ଲାରେ ୪୯୩ଟି ସ୍କୁଲ, କୋରାପୁଟ ଜିଲ୍ଲାରେ ୪୨୫ଟି ସ୍କୁଲକୁ ସବୁଦିନ ପାଇଁ ବନ୍ଦ କରିଦିଆଯାଇଛି। ଅନ୍ୟପକ୍ଷରେ ରାଜ୍ୟର ମୋଟ ୭୯୯୮ଟି ପଞ୍ଚାୟତରେ ୮୦୯୯ଟି ହାଇସ୍କୁଲ ଥିବାବେଳେ ୪୨୬ଟି ପଞ୍ଚାୟତରେ ବିଲକୁଲ ହାଇସ୍କୁଲ ନାହିଁ। ଯଦିଓ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ହାଇସ୍କୁଲ ଖୋଲିବା ପାଇଁ ସରକାର ଘୋଷଣା କରିଥିଲେ। ରାଜ୍ୟରେ ଏବେ ମୋଟ ୫୨୮୦୭ଟି ସ୍କୁଲ ରହିଛି। ସେଥିରେ ୪୬୯୫୭ଟି ସରକାରୀ ସ୍କୁଲ




ଓ ୫୮୫୦ଟି ସରକାରୀ ଅନୁଦାନ ଓ ବ୍ଲକଗ୍ରାଣ୍ଟ ସ୍କୁଲ ରହିଛି। ରାଜ୍ୟରେ ୨୬୬୧୦ଟି ସରକାରୀ ପ୍ରାଥମିକ, ୧୪୯୧୮ଟି ଉଚ୍ଚ ପ୍ରାଥମିକ, ୪୭୬୨ଟି ମାଧ୍ୟମିକ, ୬୬୭ଟି ଉଚ୍ଚ ମାଧ୍ୟମିକ ସରକାରୀ ସ୍କୁଲ ରହିଛି। ସେହିପରି ସରକାରୀ ଅନୁଦାନପ୍ରାପ୍ତ ଓ ବ୍ଲକଗ୍ରାଣ୍ଟ ସ୍କୁଲ ବର୍ଗରେ ୨୯୨ଟି ପ୍ରାଥମିକ ସ୍କୁଲ, ୧୫୧୯ଟି ଉଚ୍ଚ ପ୍ରାଥମିକ, ୩୩୩୭ଟି ମାଧ୍ୟମିକ ଓ ୭୦୨ଟି ଉଚ୍ଚ ମାଧ୍ୟମିକ ସ୍କୁଲ ରହିଛି। ରାଜ୍ୟରେ ଏବେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲରେ ୨୦ହଜାର ଜୁନିୟର ଶିକ୍ଷକ ପଦବୀ ପୂରଣ ନିମନ୍ତେ ନିଯୋଜନ ପ୍ରକ୍ରିୟା ଜାରି ରହିଛି। ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୫୪୦ଟି ଶିକ୍ଷକ ପଦବୀ ପୂରଣ ପାଇଁ ଓଡ଼ିଶା ଷ୍ଟାଫ ସିଲେକ୍ସନ ଆୟୋଗ ମାଧ୍ୟମରେ ନିଯୁକ୍ତି ଦେବାର ବ୍ୟବସ୍ଥା କରାଯାଉଛି। ସେହିପରି ୬୯୦ଟି ପୂର୍ଣ୍ଣ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ପାଇଁ ୨୦୬୪ଟି ଶିକ୍ଷକ ପଦବୀ ପୂରଣ ନିମନ୍ତେ ରାଜ୍ୟ ସିଲେକ୍ସନ ବୋର୍ଡ ମାଧ୍ୟମରେ ନିଯୁକ୍ତି ପ୍ରକ୍ରିୟା ଚାଲୁ ରହିଛି। ଚଳିତବର୍ଷ ସରକାରୀ ଉଚ୍ଚ ବିଦ୍ୟାଳୟରେ ୯୨ଟି ପ୍ରଧାନ ଶିକ୍ଷକ ପଦବୀରେ ଯୋଗ୍ୟ ବିବେଚିତ ଓଇଏସ୍ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ମାର୍ଣ୍ଡି କହିଛନ୍ତି।

# ବସ୍ତିବାସିନ୍ଦାଙ୍କୁ ମିଳିଲା ଘର

**ଭୁବନେଶ୍ୱର :** ଭୁବନେଶ୍ୱରର ବସ୍ତିବାସିନ୍ଦା ଓ ଗରିବ ଲୋକଙ୍କୁ ମିଳିଛି ରହିବା ପାଇଁ ଘର। ଆଶ୍ରୟ ଅଧିକାର। ସମ୍ମାନର ସହ ବଞ୍ଚିବାର ଅଧିକାର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରେ ବସ୍ତିବାସିନ୍ଦାଙ୍କ ପାଇଁ ୩ଟି ସୁଲଭ ବାସଗୃହ ପ୍ରକଳ୍ପ ଲୋକାର୍ପିତ କରିଛନ୍ତି। ଏହି ପ୍ରକଳ୍ପ ଗୁଡିକ ହେଲା- ଚନ୍ଦ୍ରଶେଖରପୁର ବୁଦ୍ଧବିହାରରେ ସୁଲଭ ବାସଗୃହ, ସତ୍ୟନଗର ଶାନ୍ତିପଲ୍ଲିରେ ବସ୍ତି ପୁନଃର୍ବିକାଶ ପ୍ରକଳ୍ପ ଓ ସୁବୁଦ୍ଧିପୁରରେ ସୁଲଭ ବାସଗୃହ ପ୍ରକଳ୍ପ। ଏହି ସବୁ ପ୍ରକଳ୍ପ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ହିତାଧିକାରୀମାନଙ୍କୁ ନୂଆ ଘରର ଚାବି ହସ୍ତାନ୍ତର କରିଛନ୍ତି। ଏହି ୩ଟି ପ୍ରକଳ୍ପରେ ସମୁଦାୟ ୧୭୨୨ ଜଣ ହିତାଧିକାରୀ ଘର ପାଇଛନ୍ତି। ଏହି ସମସ୍ତ ପ୍ରକଳ୍ପ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମାଣ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସହରର



ବିକାଶରେ ବସ୍ତିଲୋକଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗରିବ ଲୋକ ମାନଙ୍କୁ ନୂଆ ଘର ଭଲ ଘର ଯୋଗାଇ ଦେଇ ସେ ବହୁତ ଖୁସି। ମୁଖ୍ୟମନ୍ତ୍ରୀ ଚନ୍ଦ୍ରଶେଖରପୁର ବୁଦ୍ଧବିହାର ଯାଇ ସେଠାରେ ସୁଲଭ ବାସଗୃହ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ସହରାଞ୍ଚଳରେ 'ସମସ୍ତଙ୍କ ପାଇଁ ଘର' କାର୍ଯ୍ୟକ୍ରମରେ ଏହି ପ୍ରକଳ୍ପଟି ୫ ମହଲା ବିଶିଷ୍ଟ ଏବଂ ଏହା ୧୨ ଏକର ଜମିରେ ନିର୍ମାଣ କରାଯାଇଛି। ଏଥିରେ ୮୨୦ଟି ଘର ସମ୍ପୂର୍ଣ୍ଣ ହୋଇ ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଉଛି। ଆର୍ଥିକ ଅନଗ୍ରସର ବର୍ଗର ଲୋକଙ୍କ ପାଇଁ ସମୁଦାୟ ୨୬୦୦ଟି ଘର ନିର୍ମାଣର ଲକ୍ଷ୍ୟ ରଖାଯାଇଛି। ସେହପରି ସତ୍ୟନଗର ଶାନ୍ତିପାଲିଠାରେ ବସ୍ତି ପୁନଃଉନ୍ନୟନ ଯୋଜନାରେ ସମୁଦାୟ ୧୩୦୦ଟି ଘର ନିର୍ମାଣ କରାଯାଉଛି। ଭୁବନେଶ୍ୱର ଟାଉନ ସେଣ୍ଟର ଡିଷ୍ଟ୍ରିକ୍ଟ (ବିଟିସିଡି) ଅଞ୍ଚଳରେ ଥିବା ବସ୍ତି ଅଞ୍ଚଳ ଗୁଡିକର ରୂପାନ୍ତର ଲକ୍ଷ୍ୟରେ ଏହା ହେଉଛି ପ୍ରଥମ ପ୍ରକଳ୍ପ। ୫୬୦ଟି ଘର ନିର୍ମାଣ କରାଯାଇ ହିତାଧିକାରୀଙ୍କୁ ଆବଣ୍ଟନ କରାଯାଇଛି। ସୁବୁଦ୍ଧିପୁରରେ ସୁଲଭ ବାସଗୃହ ପ୍ରକଳ୍ପରେ ୩୪୨ଟି ଘର ନିର୍ମାଣ କରାଯାଇ ହିତାଧିକାରୀଙ୍କୁ ଆବଣ୍ଟନ କରାଯାଇଛି। ଏହି ସମସ୍ତ ପ୍ରକଳ୍ପ ଗୁଡିକ ୫ ମହଲା ବିଶିଷ୍ଟ। ଏହି ସବୁ ପ୍ରକଳ୍ପ ପାଇଁ ପାନୀୟ ଜଳଯୋଗାଣ, ଡ୍ରେନେଜ୍ ବ୍ୟବସ୍ଥା, ସ୍ୱେରେଜ୍ ବ୍ୟବସ୍ଥା, ରାସ୍ତା ଆଲୋକୀକରଣ, ଦୋକାନ ଘର ସହିତ ପାଠାଗାର, ରିଡିଙ୍ଗ୍ ରୁମ୍, ଡିସ୍‌ପେନ୍‌ସରି ଆଦି ଅନେକ ସୁବିଧାର ବ୍ୟବସ୍ଥା କରାଯାଇଛି।

## ଭିକାରୀ ମୁକ୍ତ ହେବ ଭୁବନେଶ୍ୱର



**ଭୁବନେଶ୍ୱର :** ରାଜଧାନୀ ରାଜରାସ୍ତାରେ ଆଉ ବୁଲିବେନି ଭିକାରୀ। ଭୁବନେଶ୍ୱରକୁ ଭିକାରୀମୁକ୍ତ କରିବାକୁ ବିଏମସିର ଜୋରଦାର ପ୍ରୟାସ। ଭିକାରୀ ମୁକ୍ତ ହେବ ରାଜଧାନୀ ଭୁବନେଶ୍ୱର। ଭିକାରୀ ମୁକ୍ତ ଭୁବନେଶ୍ୱର ପାଇଁ ବିଏମସି ବିଭିନ୍ନ ପଦକ୍ଷେପ ନେବାକୁ ଯାଉଛି। ଯେଉଁ ଭିକାରି ନିରାଶ୍ରୟ ସେମାନଙ୍କୁ ବିଗର ରିହାବିଟେସନ ସେଣ୍ଟରରେ ରଖିବ ବିଏମସି। ଭିକାରି ମାନଙ୍କୁ ରଖିବା ପାଇଁ ବିଏମସି ପାଖରେ ଜାଗାର ଅଭାବ ନାହିଁ ବୋଲି ବିଏମସି କମିଶନର କହିଛନ୍ତି। ସବୁ ବ୍ୟବସ୍ଥା ରହିଛି। ମନ୍ଦିର, ଷ୍ଟେସନ, ବସଷ୍ଟାଣ୍ଡରୁ ଉଦ୍ଧାର କରି ରିହାବିଟେସନ ସେଣ୍ଟରରେ ରଖିବ ବିଏମ୍‌ସି। ଏ ନେଇ ୩ ଟା ଟିମ ଗଠନ ହୋଇଛି। ପୁଲିସ, ଏନଜିଓ ଓ ବିଏମସି ଟିମ ମିଳିତ ଭାବେ ଭିକାରି ଉଦ୍ଧାର କାର୍ଯ୍ୟରେ ଲାଗିବେ। ବିଆରସି ସେଣ୍ଟରରେ ଭିକାରୀଙ୍କ ଚିକିତ୍ସା, ଖାଦ୍ୟ ପେୟ ଓ ରହିବା ବ୍ୟବସ୍ଥା ରହିଛି। ଯେଉଁ ମାନଙ୍କ ଘର ପରିଚୟ ସଠିକ ମିଳିବ ତାଙ୍କୁ ଘରକୁ ପଠାଇବା ବ୍ୟବସ୍ଥା କରିବ ବିଏମ୍‌ସି। ଶୀତ ଦିନରେ ବାହାରେ ଆଶ୍ରୟ ଲୋକଙ୍କୁ ମଧ ଉଠାଇବ ବିଏମସି। ବାହାର ରାଜ୍ୟରୁ ମଧ ଭିକାରୀ ଆସି ବସଷ୍ଟାଣ୍ଡ ଓ ଟ୍ରାଫିକରେ ପେନ, ବେଲୁନ ଆଦି ଖେଳନା ବିକିବା ଆଳରେ ଯେଉଁମାନେ ଏହି କାର୍ଯ୍ୟରେ ଲିପ୍ତ ସେମାନଙ୍କୁ ମଧ ବିଏମସି ଉଠାଇବ ବୋଲି ବିଏମସି କମିଶନର ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି।

## ସରକାରଙ୍କ ଦୃଢ଼ୋକ୍ତି


# ଗ୍ରାମାଞ୍ଚଳର ସବୁ ପରିବାରକୁ ମିଳୁଛି ବିଶୁଦ୍ଧ ପାନୀୟ ଜଳ

**ଭୁବନେଶ୍ୱର :** ରାଜ୍ୟର ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା ନାହିଁ। ଗ୍ରାମାଞ୍ଚଳର ସମସ୍ତ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଏଭଳି ଦମ୍ଭୋକ୍ତି ବାଢ଼ିଛନ୍ତି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍। ତା'ପୁଣି ବିଧାନସଭାରେ। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ଅମାତ୍ ଏହା କହିଛନ୍ତି। ତେବେ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଓ ପରିବାର ବିଶୁଦ୍ଧ ପାନୀୟ ଜଳରୁ ବଂଚିତ ଥିବାବେଳେ ବିଭାଗୀୟ ମନ୍ତ୍ରୀ କେଉଁ ତଥ୍ୟ ଆଧାରରେ ଏଭଳି ଦୃଢ଼ୋକ୍ତି ବ୍ୟକ୍ତ କରୁଛନ୍ତି ତାହା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏବେବି ରାଜ୍ୟର କିଛି ଅଞ୍ଚଳରେ ଲୋକେ ଲୁଣା ପାଣି ଓ ଝରଣା ପାଣି ପିଇବାକୁ ବାଧ ହେଉଛନ୍ତି। ମନ୍ତ୍ରୀ ଶ୍ରୀ ଅମାତ୍ ବିଧାନସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ଯେ, ରାଜ୍ୟର ଗ୍ରାମାଞ୍ଚଳରେ ଥିବା ସମସ୍ତ ୮୮ଲକ୍ଷ ୬୩ହଜାର ୨୦୭ଟି ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଅଦ୍ୟାବଧି ରାଜ୍ୟର ୫୯ଲକ୍ଷ ୬୯ହଜାର ୪୯ଟି ପରିବାରକୁ ଟ୍ୟାପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଅବଶିଷ୍ଟ ପରିବାରକୁ ପାଇପ ଜଳ ଯୋଗାଣ ପ୍ରକଳ୍ପ,



ନଳକୂପ, ପରିମଳକୂପ, ସୌରଶକ୍ତି ଭିତ୍ତିକ ଜଳଯୋଗାଣ ପ୍ରକଳ୍ପ ଓ ମେଗା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଆଦିବାସୀବହୁଳ କୋରାପୁଟ ଜିଲ୍ଲାରେ ଥିବା ମୋଟ ୩ଲକ୍ଷ ୨୪ହଜାର ୨୯୧ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଏଥିରୁ ୫୬.୫୧ ପ୍ରତିଶତ ପରିବାର ଟ୍ୟାପ୍ ଯୋଗେ ପାନୀୟ ଜଳ ପାଉଛନ୍ତି। ଏହି ଜିଲ୍ଲାର ଅବଶିଷ୍ଟ ପରିବାରକୁ ପାଇପ ଜଳ ଯୋଗାଣ ପ୍ରକଳ୍ପ, ନଳକୂପ, ପରିମଳକୂପ, ସୌରଶକ୍ତିଭିତ୍ତିକ ଜଳଯୋଗାଣ ପ୍ରକଳ୍ପ ଓ ମେଗା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଏହି ଜିଲ୍ଲାରେ କାର୍ଯ୍ୟକ୍ଷମ ଥିବା ପାଇପ ଜଳଯୋଗାଣ ପ୍ରକଳ୍ପଗୁଡ଼ିକ ମଧ୍ୟରୁ କ୍ଷୁଦ୍ର ମରାମତି କାର୍ଯ୍ୟ ପଞ୍ଚାୟତସ୍ତରରେ ମରାମତି ହେଉଛି। ବଡ଼ ମରାମତି କାର୍ଯ୍ୟ ଟେଣ୍ଡର ମାଧ୍ୟମରେ ଠିକାଦାରଙ୍କ ଦ୍ୱାରା କରାଯାଇ ପାନୀୟ ଜଳ ପ୍ରକଳ୍ପଗୁଡ଼ିକୁ ସଚଳ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଅମାତ୍ କହିଛନ୍ତି। ତେବେ ପ୍ରଶ୍ନ ଉଠୁଛି, ରାଜ୍ୟର ଉପକୂଳ ଅଞ୍ଚଳରେ ଏବେବି ଲୋକେ ଲୁଣା ପାଣି ପିଇବାକୁ ବାଧ ହେଉଥିବାବେଳେ କିଛି ଅଞ୍ଚଳରେ ଲୋକେ ନଦୀ-ପୋଖରୀ ଓ ଝରଣା ପାଣି ଉପରେ ନିର୍ଭରଶୀଳ ରହିଛନ୍ତି। ଏସବୁ ବର୍ଗର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳୁନଥିଲେ ମଧ ବିଭାଗୀୟ ମନ୍ତ୍ରୀ କିଭଳି ଏପରି ଦାବି(ସମସ୍ତ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି) କରୁଛନ୍ତି ତାହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୭ ନଭେମ୍ବର - ୩ ଡିସେମ୍ବର, ୨୦୨୩

# ସମୟ ଅସମୟର କାହାଣୀ



ତାରକ ମହାନ୍ତି

ଅଖି ସାମ୍ନାରେ ଦେଖୁଥିବା ଦୃଶ୍ୟ, ଘଟୁଥିବା ଘଟଣାକୁ ଅନୁଶୀଳନ କଲେ ଜୀବନର ବାସ୍ତବତା କେତେ ନିଷ୍ଠୁର ଓ ଅସହାୟ ତାହା ବିସ୍ମିତ କରିଦିଏ। ମନ ଓଦା ହେବାକୁ ବାଧ ହୋଇପଡେ। ଗତକାଲି ଗୋଟିଏ ପରିବାରରେ ହସଖୁସି ଭରି ରହିଥିଲା ବେଳେ ଆଜି କିପରି ସେଠାରେ ଦୁଃଖର ପାହାଡ଼ ଭାଙ୍ଗିପଡେ ତାହା ଆଶ୍ଚର୍ଯ୍ୟ ମନେହୁଏ। ତେବେ ଜୀବନର ଏହି ଦୁର୍ଦ୍ଦିନ ଦେଖିବା ପରେ ପ୍ରତ୍ୟେକ ବ୍ୟକ୍ତି ନିଜକୁ ଅଜଣା ଭୟ ଭିତରକୁ ନେଇଯିବା କିଛି ଅସମ୍ଭବ ନୁହେଁ। ଏହି ଭୟ ହିଁ ଶେଷ ପର୍ଯ୍ୟନ୍ତ ମଣିଷକୁ ଭିତରେ ଭିତରେ ଡରାଉଥାଏ। ଏଥିରୁ ମୁକୁଳିବାକୁ ପ୍ରୟାସ କରୁ କରୁ ହୁଏତ କେତେବେଳେ ମୃତ୍ୟୁ ନିକଟତର ହୋଇଥାଏ ତାହା ବୁଝିହୁଏନି, ବରଂ ଜଣେ ଆଖି ବୁଝିସାରିଦିଏ। ଏଠାରେ ଆଖି ସାମ୍ନାରେ ଘଟୁଥିବା କିଛି ଦୃଶ୍ୟର ଅବତାରଣା କରୁଛି। ଛୋଟିଆ ପରିବାରଟିଏ। ପରିବାର ମୁଖିଆ ତାଙ୍କ ପତ୍ନୀ ଓ ଦୁଇ କନ୍ୟାକୁ ନେଇ ସଂସାର ବେଶ ହସଖୁସିରେ ଚାଲିଥିଲା। କନ୍ୟା ଦୁଇଜଣ ବିବାହଯୋଗ୍ୟା ହେଲେଣି। ଉଭୟ ଶିକ୍ଷା ସମାପ୍ତ ପରେ ଘରୋଇ ଅନୁଷ୍ଠାନରେ କାର୍ଯ୍ୟ କରନ୍ତି। ଗୃହକର୍ତ୍ତାଙ୍କ ରୋଜଗାର ସ୍ୱଳ୍ପ ହେଲେ ବି ମନ୍ଦ ନଥିଲା। ସକାଳେ ପେପର ହକର ଓ ଦିନ ବେଳା ନିଜ ଅଟୋରିକ୍ସା ଚଳାଇ ସେ ବେଶ ଦୁଇପଇସା ପାଉଥିଲେ। ଅତ୍ୟନ୍ତ ଭଦ୍ର ଓ ମେଳାପୀ ସ୍ୱଭାବର ଉକ୍ତ ଗୃହକର୍ତ୍ତା ଗତ ଚାରିମାସ ତଳେ କୌଣସି ଏକ ସ୍ୱାସ୍ଥ୍ୟ ସମସ୍ୟା ନେଇ ଡାକ୍ତରଙ୍କ ପାଖକୁ ଯାଇଥିଲେ। ବାହାରକୁ ବେଶ ସୁସ୍ଥ ଶବଳ ଜଣାପଡୁଥିବା ଏହି ବ୍ୟକ୍ତିଙ୍କୁ ଯେ କର୍କଟ ରୋଗ ଗ୍ରାସ କରିଛି ତାହା ଡକ୍ଟର ଜଣାଇଦେଲେ। ଏହାପରେ ବିଭିନ୍ନ ପରୀକ୍ଷା ନିରୀକ୍ଷା ଆରମ୍ଭ ହୋଇଗଲା। ଦେଖାଗଲା ପ୍ରଥମେ ପ୍ରଥମେ ସେ କୌଣସି ରୋଗର ଶିକାର ହୋଇଥିବା ତାଙ୍କ ମୁଖମଣ୍ଡଳରେ ଦର୍ଶାଉନଥିଲେ। ଧୀରେ ଧୀରେ ଡାକ୍ତରୀ ଚିକିତ୍ସା ଆରମ୍ଭ ହୋଇଗଲା। ଭିନ୍ନ ଭିନ୍ନ କ୍ୟାନ୍ସର ହସ୍ପିଟାଲ ଯାଇ ସେ କିପରି ସୁସ୍ଥ ହେବେ ତାହାର ପ୍ରକ୍ରିୟା ଚାଲିଥିଲା। ତାହାରି ଭିତରେ ସଞ୍ଚିତ ଅର୍ଥ ସରୁଥିଲା। ଏଥର ଆରମ୍ଭ ହେଲା ଦୁଃଖର ପାହାଡ଼ କିପରି ମଣିଷ ଉପରେ ଭାଙ୍ଗେ ସେହି ସବୁ ଦୃଶ୍ୟ। ପ୍ରାୟ ମାସକ ମଧ୍ୟରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ସରିଯାଏ। ଇତିମଧ୍ୟରେ ବନ୍ଧୁବାନ୍ଧବ ଓ କିଛି ସାଙ୍ଗ ସାଥି ଆସି ନିଜ ସକ୍ଷମ ମୁତାବକ ଆର୍ଥିକ ସହାୟତା ଦେଲେ ତ ଆଉକିଏ ଆଗକୁ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇଚାଲିଲେ। ଜଣାପଡିଲା ଉକ୍ତ କ୍ୟାନ୍ସର ସ୍ଥାନରେ ଅସ୍ତ୍ରୋପଚାର ନହେଲେ ନଚଳେ। ଆରମ୍ଭ ହେଲା ଅସଲ ଅର୍ଥ ସଙ୍କଟର ବେଳ। ପାଖରେ ଥିବା ଅଟୋରିକ୍ସା ପ୍ରଥମେ ବିକ୍ରୀ ହୋଇଗଲା। ପୁଣି ଟଙ୍କା ଦରକାର ପଡିଲା। ଚିନ୍ତା ବଢୁଥାଏ ଭୁବନେଶ୍ୱରରୁ ଦୈନିକ କଟକ ଯାଇ ଚିକିତ୍ସା କରିବା। ଅପରେସନ ଶେଷ ବେଳକୁ ହାତରେ ଆଉ ଟଙ୍କା ନାହିଁ। ବାଧ୍ୟରେ ହକର ଲାଇନ ବିକ୍ରି କରି ସେଥିରୁ କିଛି ଟଙ୍କା ମିଳିଲା। ଚିକିତ୍ସାର ଦିନ ବଢିବା ସାଙ୍ଗକୁ ଗୃହକର୍ତ୍ତାଙ୍କ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ବିଗିଡ଼ିଯାଇଛି। ଛଅମାସ ତଳେ ଯେଉଁ ବ୍ୟକ୍ତି ଅତ୍ୟନ୍ତ ହୃଷ୍ଟପୁଷ୍ଟ ଥିଲେ ସେ ଯେପରି ଅଙ୍ଗାର ପରି କଳା ପଡିଯାଇଛନ୍ତି ଏବଂ ତାଙ୍କ ଓଜନ ଆଧାରୁ ଅଧିକ କମି ଯାଇ ଏକ ନୂଆ ଶରୀର ଦେଖାଦେଇଛି। ସେ ରହୁଥିବା କଲୋନୀର ଲୋକମାନେ ଆହାଃ ଆହାଃ ଚୁ ଚୁ କରି ଦୁଃଖ ପ୍ରକାଶ କରୁଥିଲେ ବି କେହିକିନ୍ତୁ ଆର୍ଥିକ ସହାୟତା ଯୋଗାଇପାରୁନଥିଲେ। ଏଥର କଟକ ଯିବା ଆସିବା ବଦଳରେ ସେ ସେଇଠି ରହି ଚିକିତ୍ସିତ ହେଉଛନ୍ତି। ଟଙ୍କାର ଘୋର ଅଭାବ ପଡିବାରୁ ଗାଁରେ ଥିବା ନିଜ ଭାଗ ସମ୍ପତ୍ତି ମଧ୍ୟ ବିକ୍ରି ସରିଲାଣି। ହେଲେ ରୋଗରୁ ସମ୍ପୂର୍ଣ୍ଣ ମୁକ୍ତି ମିଳୁନି। ସମୟରେ ତାଡନାରେ କେତେ କଣ ଘଟଣା ଘଟିଯିବା ନୂଆ ନହେଲେ ବି ଅଖି ସାମ୍ନାରେ ଦେଖୁଥିବା ଦୃଶ୍ୟ ମଣିଷକୁ ବିଚଳିତ କରିଦିଏ। ଯେମିତିକି ରାସ୍ତାରେ ଘଟୁଥିବା ଦୁର୍ଘଟଣା ଯଦି ନିଜ ସାମ୍ନାରେ ହୋଇଥାଏ ତାହା ମନ ଓ ହୃଦୟକୁ ବିଚଳିତ କରିବା ସ୍ୱାଭାବିକ। ଏପରିକି ଉକ୍ତ ଦୁର୍ଘଟଣାର ଦୃଶ୍ୟ ଅନେକ ଦିନ ଧରି ମଣିଷ ମନରେ ଗଭୀର ରେଖାପାତ କରିପାରେ। ପ୍ରତି ମୁହୂର୍ତ୍ତ ଉକ୍ତ ଦୁର୍ଘଟଣାର ଦୃଶ୍ୟ ସମୂହକୁ ଆଖି ଆଗରେ ନାଚିବା ଭଳି ଅନୁଭବ ହୁଏ। ରାସ୍ତାରେ ଗଲାବେଳେ ସେହି ବିଭତ୍ସ ଚିତ୍ର ମନକୁ ଦୋହଲାଇ ଦିଏ। କେଉଁଠି ମେଞ୍ଚା ମେଞ୍ଚା ତାଜା ରକ୍ତ ତ ଆଉ କେଉଁଠି ମୃତ ଶରୀରର ଅବୟବ ଭୟଙ୍କର ମାନସିକତା ଆଣିଥାଏ। ସେଭଳି କିଛି ଦୃଶ୍ୟ ସାରା ଜୀବନ ମଣିଷକୁ ବିବ୍ରତ କରୁଥିଲେ ବି ଏଭଳି ଚିନ୍ତାରୁ ମୁକ୍ତି ଖୋଜିବା ଯଦିଓ ନିତାନ୍ତ ଆବଶ୍ୟକ ତଥାପି ମଣିଷର ସୁକ୍ଷ୍ମ ଭାବନା ଏହାକୁ ଉଜ୍ଜୀବିତ କରିରଖେ। ଯେଉଁ ଘଟଣାର ଅବତାରଣା କରୁଥିଲି ତାହା ଏପରି - କର୍କଟ ଜନିତ ଦୁଃଖରେ ପୀଡିତ ପରିବାର ଏବେ ଭାଙ୍ଗିପଡ଼ିଛି। ବାହାରକୁ ପରିପ୍ରକାଶ ହେଉନଥିବା ଅନେକ କିଛି କିନ୍ତୁ ଭିତରେ ବୃକ୍ଷକୁ ଘୁଣ ଖାଉଥିବା ବେଶ ଦୃଶ୍ୟମାନ। ପୂର୍ବରୁ ଅତ୍ୟନ୍ତ ଚଳଚଞ୍ଚଳ ଶରୀର ଏବେ କେବଳ ଘର ଭିତରୁ ଟିକେ ମାତ୍ର ବାହାରକୁ ଜଣାପଡୁଛି। ମୁହଁରେ ମାସ୍କ ଶରୀର ଆବୃତ ଦେହରେ ଶକ୍ତି ନଥିଲା ଭଳି ଜଣାପଡୁଛି। ଗତବର୍ଷ ବଡ଼ ଝିଅର ବାହାଘର ପାଇଁ ଦେଖାଶୁଣା ସରିଥିଲେ ବି ଗୃହକର୍ତ୍ତା ସମ୍ବଳ ହରାଇ ଯେପରି ବେସାହାରା ହୋଇ ଭାଙ୍ଗିପଡିଛନ୍ତି। ତେବେ ଏତେବଡ ଅଘଟଣ ପଛରେ କେଉଁ କାରଣ ରହିଛି ତାହା ଜାଣିବା ନିତାନ୍ତ ଆବଶ୍ୟକ। କାରଣଟି ଏଇଆ ଯେ, ଉକ୍ତ ଭଦ୍ରବ୍ୟକ୍ତି ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଥିବା ଅତିମାତ୍ରାରେ ଗୁଟ୍‌ଖା ସେବନ କରନ୍ତି। ଯାହାର ଫଳ ସେ ନିଜେ ଭୋଗିବା ସହିତ ସମ୍ପୂର୍ଣ୍ଣ ପରିବାରଟିକୁ ଭୋଗିବାକୁ ବାଧ କରୁଛନ୍ତି।

# ବିଶ୍ୱକପ୍ ୨୦୨୩: ଏକ ଅଧୁରା ସ୍ୱପ୍ନ



ଶ୍ରୀବସ୍ତ ନାୟକ

କ୍ରିକେଟ ଇଭେଣ୍ଟର ସବୁଠାରୁ ବଡ ମହାକୁମ୍ଭ କୁହାଯାଉଥିବା ବିଶ୍ୱକପ୍‌ରେ ବିଜୟୀ ହେବା ସମସ୍ତ କ୍ରିକେଟ ଖେଳୁଥିବା ଦେଶ ପାଇଁ ଏକ ସ୍ୱପ୍ନ। ଯଦିଓ ଭାରତ କପିଳ ଦେବଙ୍କ ନେତୃତ୍ୱରେ ୧୯୮୩ ମସିହାରେ ଏବଂ ୨୦୧୧ ମସିହାରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଦିନିକିଆ ବିଶ୍ୱକପ୍ ଜିତିବାର ସ୍ୱାଦ ଚାଖି ସାରିଛି ତଥାପି ଘରୋଇ ମାଟିରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ତୃତୀୟ ଥର ପାଇଁ ବିଶ୍ୱକପ୍ ଚାମ୍ପିଅନ ହେବାର ଯେଉଁ ସ୍ୱପ୍ନ ଦେଖିଥିଲା ତାହା ଅଧୁରା ରହିଗଲା। ଘରୋଇ ମାଟିର ଷ୍ଟାଡିୟମରେ ଅତି ପରିଚିତ ପିଚ୍, ଚଳିତ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟରେ ଅପରାଜିତ ରହି ଦାଦାଗିରି, ନିଜକୁ ସୁହାଇଲା ଭଳି ପିଚ୍, ଘରୋଇ ଦର୍ଶକଙ୍କ ପୂର୍ଣ୍ଣ ସମର୍ଥନ, ଦୃଢ଼ ଆତ୍ମବିଶ୍ୱାସ, ପ୍ରଧାନ ମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ, ସେଲିବ୍ରିଟ, କିମ୍ବଦନ୍ତୀ ଖେଳାଳୀ, ଶିଳ୍ପପତି, ପୁଞ୍ଜିପତି ମାନଙ୍କ ଦ୍ୱାରା ଲୋକାରଣ୍ୟ ଷ୍ଟାଡିୟମ୍, ଭାରତୀୟଙ୍କ ପୂଜାର୍ଚ୍ଚନା, ମାନସିକ, ଯାଚଞ୍ଚା ସତ୍ତ୍ୱେ ବି ଭାରତର ପରାଜୟ, ଫଳରେ ବିଶ୍ୱକପ୍ ବିଜୟୀ ହେବାର ଆଶା ନେଇ ଦେଶ ବ୍ୟାପୀ ଯେଉଁ ଆନନ୍ଦ, ଉତ୍ସାହ, ଉଦ୍ଦୀପନା, ଉନ୍ମାଦନା, ଉତ୍କଣ୍ଠା ଓ ଉଲ୍ଲାସର ମାହୋଲ ଦେଖାଦେଇଥିଲା ତାହା ଫିକା ପଡ଼ିଗଲା। ଅଷ୍ଟ୍ରେଲିଆର ରଣନୀତି ଆଗରେ ସମ୍ପୂର୍ଣ୍ଣ ଫେଲ୍ ମାରିଲା ଟିମ୍ ଇଣ୍ଡିଆ। ଆଶା ଆଶାରେ ରହିଗଲା। ନିରାଶ ହେଲେ ଭାରତୀୟ। ସ୍ୱପ୍ନ ଚୁରମାର ହେଲା। ଫାଇନାଲରେ ପୁଣି ଫେଲ୍ ମାରିଲା ଟିମ୍ ଇଣ୍ଡିଆ। ଶୁଭେଚ୍ଛା, ଶୁଭକାମନା, ମାନସିକ, ମନୋବଳ ବୃଦ୍ଧି ପାଇଁ ଭାରତୀୟ ବାୟୁ ସେନାର ପରାକ୍ରମ କିଛି କାମ ଦେଲାନି। ଖେଳର ଆରମ୍ଭ ଦମଦାର ଥିଲା କିନ୍ତୁ ଶେଷ ଠିକ୍ ଭାବେ ହୋଇପାରିଲା ନାହିଁ। କଙ୍ଗାରୁ ଦଳ ଉପରେ ବାଘ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କଲା। ବଡ଼ ମ୍ୟାଚ୍‌ର ଚାପରେ ଚାପା ହେଲା ଭାରତ। ନକ୍ ଆଉଟ୍‌ରେ ଭାରତର ପୁଣି ବିଫଳତା ପଦାକୁ ଆସିଲା। ଚଳିତ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟରେ ଅପରାଜିତା ରହି ପୁରା ସିରିଜ୍‌ରେ ଦାଦାଗିରି କରୁଥିବା ଦଳ ଶେଷରେ ଧୂଳି ଚାଟିଲା। ଆତ୍ମ ବିଶ୍ୱାସ ଭରା ଭାରତ ଶେଷ ପରୀକ୍ଷାରେ ସମ୍ପୂର୍ଣ୍ଣ ଫେଲ। ଅଷ୍ଟ୍ରେଲିଆର ଯୋଜନାବଦ୍ଧ ଲଢ଼େଇ ଆଗରେ ଫିକା ପଡ଼ିଗଲା ଭାରତର ଖେଳ। ବିଶ୍ୱକପ୍ ଆରମ୍ଭରୁ ଆଧିପତ୍ୟ, ଲିଗ୍ ପର୍ଯ୍ୟାୟରେ ଅପ୍ରିତିଦ୍ୱନ୍ଦ୍ୱୀ,ସେମିଫାଇନାଲରେ ଦମଦାର ବିଜୟ କିନ୍ତୁ ଫାଇନାଲ ରେ ଚିତ୍ ଫଟାଙ୍ଗ ମରିଥିଲା ଦଳ। ବିଶ୍ୱାସ ନହେଲେ ମଧ୍ୟ ଏହା ସତ୍ୟ। ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ଭାରତର ଖେଳାଳୀ ମାନେ ଗୋଟିଏ ପରେ ଗୋଟିଏ କୀର୍ତ୍ତିମାନ ରଚନା କରିଥିଲେ ମଧ୍ୟ ଦଳଗତ ପ୍ରଦର୍ଶନ ଆଧାରରେ ସଫଳତା ଆଣିବାରେ ବିଫଳ ହେଲେ। ଗ୍ରୁପ୍ ପର୍ଯ୍ୟାୟରେ ଭଲ ଖେଳିଥିଲେ ସୁଦ୍ଧା ଫାଇନାଲରେ ସେହିଭଳି ଖେଳ ପ୍ରଦର୍ଶନ ନକରିପାରି ପରାଜୟ ବରଣ କରିଥିଲା ଦଳ। ପଞ୍ଚାୟତରୁ ପାର୍ଲିଆମେଣ୍ଟ ସବୁଠି ଗୋଟିଏ ଚର୍ଚ୍ଚା ଭାରତର ବିଶ୍ୱକପ ପରାଜୟ। ସାଧାରଣରେ ଅନେକ ଚର୍ଚ୍ଚା, ଆଲୋଚନା, ସମାଲୋଚନା ଚାଲିଛି ଏହାକୁ ନେଇ। ଏହି ପରାଜୟକୁ ସହଜରେ ଗ୍ରହଣ କରି ହେଉନାହିଁ। ଘରୋଇ ମାଟିରେ ଦ୍ୱିତୀୟ ଥର ତଥା ଭାରତର ତୃତୀୟ ଥର ବିଶ୍ୱକପ୍ ଚାମ୍ପିଅନ ହେବା ଆଶା ଆଶାରେ ରହିଗଲା। ବେଳେବେଳେ ସମୟ ଏମିତି ଆସେ ଯେ ସବୁ ସ୍ୱପ୍ନ ଦୁଃସ୍ୱପ୍ନ ପାଲଟିଯାଏ। ଠିକ୍ ଯେମିତି ଭାରତୀୟଙ୍କ ପାଇଁ ଦୁଃସ୍ୱପ୍ନ ପାଲଟିଯାଇଥିଲା ବିଶ୍ୱକପ୍ ସ୍ୱପ୍ନ, ଯେତେବେଳେ କ୍ରିକେଟର ଫାଇନାଲ ମ୍ୟାଚ୍ ରେ ଭାରତ,ଅଷ୍ଟ୍ରେଲିଆ ଠାରୁ ପରାଜୟ ବରଣ କଲା। ଗତ ନଭେମ୍ବର ୧୯ ତାରିଖରେ ବିଶ୍ୱକପର ଫାଇନାଲ ମ୍ୟାଚରେ ଭାରତ, ଅଷ୍ଟ୍ରେଲିଆ ଠାରୁ ପରାଜୟ ସହ ମଉଳି ଗଲା ବିଶ୍ୱ ଚାମ୍ପିଅନ ହେବାର ଆଶା। ପରିଶେଷରେ ଭାରତୀୟମାନେ ସ୍ତବ୍ଧ, ନିରାଶ ଓ ମର୍ମାହତ ହେଲେ।

ପୁରୁଷ ସିନିଅର କ୍ରିକେଟ ବିଶ୍ୱକପର ତ୍ରୟୋଦଶତମ ସଂସ୍କରଣ, ବିଶ୍ୱକପ୍ ୨୦୨୩ ଭାରତରେ ଆୟୋଜନ କରାଯାଇଥିଲା। କୋଲକତା, ମୁମ୍ବାଇ, ବାଙ୍ଗାଲୋର, ପୁନେ, ଲକ୍ଷ୍ନୌ, ଚେନ୍ନାଇ, ଦିଲ୍ଲୀ, ଧର୍ମଶାଳା, ହାଇଦ୍ରାବାଦ, ଅହମଦାବାଦ ଆଦି ଐତିହାସିକ ଷ୍ଟାଡିୟମରେ ବିଶ୍ୱକପ୍ ର ମ୍ୟାଚ ଗୁଡ଼ିକ ଖେଳ ଯାଇଥିଲା। ରୋବିନ ରାଉଣ୍ଡ ପର୍ଯ୍ୟାୟ ରେ ଖେଳାଯାଇଥିବା ଏହିସଂସ୍କରଣ ରେ ଆରମ୍ଭରୁ ଧମକାଦାର ପ୍ରଦର୍ଶନ କରିଥିଲା ଟିମ୍ ଇଣ୍ଡିଆ। ସିରିଜ ଆରମ୍ଭରୁ ହିଁ ଜଣା ପଡୁଥିଲା ଯେ ଏଥରର ଟିମ୍ ଇଣ୍ଡିଆ ଏକ ସନ୍ତୁଳିତ ଦଳ ଯାହା ବିଶ୍ୱକପ୍ ହାତେଇବା ପାଇଁ ପ୍ରବଳ ଦାବିଦାର ଥିଲା। ଗ୍ରୁପ୍ ପର୍ଯ୍ୟାୟରେ ୯ଟିରୁ ୯ ଟିରେ ବିଜୟ ସହ ସେମିଫାଇନାଲରେ ନିଉଜିଲ୍ୟାଣ୍ଡ ବିପକ୍ଷରେ ଯେଉଁଭଳି ଦମଦାର ବିଜୟ ହାସଲ କଲା ମନେ ହେଉଥିଲା ଭାରତ ଏକତରଫା ଫାଇନାଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ବିଶ୍ୱ ଚାମ୍ପିଅନ ହେବ। କିନ୍ତୁ ଫାଇନାଲରେ ଯାହା ଘଟିଲା ତାହା କେହି ସ୍ୱପ୍ନରେ ସୁଦ୍ଧା ଭାବିନଥିଲେ। ମ୍ୟାଚ୍‌ର ଆରମ୍ଭରୁ ଟସ୍ ହାରିବା ସହ ଲୟ ହରାଇ ସାରିଥିଲା ଟିମ୍ ଇଣ୍ଡିଆ। ଅପେକ୍ଷାକୃତ ଧିମା ଗ୍ରାଉଣ୍ଡ ସାଙ୍ଗକୁ ଦ୍ୱିତୀୟ ଇନିଙ୍ଗସରେ କାକର ପ୍ରଭାବକୁ ଆଖିଆଗରେ ରଖି ଅଷ୍ଟ୍ରେଲିଆ ଟସ୍ ଜିତି ଭାରତକୁ ପ୍ରଥମେ ବ୍ୟାଟିଂ କରିବା ପାଇଁ ଆମନ୍ତ୍ରଣ କରିଥିଲା। ଉଚ୍ଚହାରରେ ରନ୍ ସଂଗ୍ରହ କରିବା ଲକ୍ଷ୍ୟରେ ଭାରତର ଅଧିନାୟକ ରୋହିତ ଶର୍ମା ଆଉଟ୍ ହେବା ପରେ ଅଷ୍ଟ୍ରେଲିଆର ଆତ୍ମ ବିଶ୍ୱାସ ଦ୍ୱିଗୁଣିତ ହୋଇଯାଇଥିଲା। ରୋହିତ ଶର୍ମା ଜଣେ ଅଧିନାୟକ ଭାବେ ଫାଇନାଲ ମ୍ୟାଚରେ ବେପରୁଆ ସଟ୍ ସିଲେକ୍ସନ କରି ଅଯଥା ନିଜର ୱିକେଟ ଫିଙ୍ଗି ଦେଇ ପରବର୍ତ୍ତୀ ବ୍ୟାଟ୍ସମ୍ୟାନ୍‌ଙ୍କ ଉପରେ ଚାପ ସୃଷ୍ଟି କରିଥିଲେ। ଜଣେ ଅଧିନାୟକ ତଥା ଦଳର ସିନିଅର ଖେଳାଳୀ ଭାବେ ଦଳକୁ ବିପଦରୁ ଉଦ୍ଧାର କରିବା ନିହାତି ଦରକାର। ପ୍ରଥମ ପାୱାର ପ୍ଲେରେ ଏକ ୱିକେଟ ପତନ ପରେ ବି ଧିମା ଗ୍ରାଉଣ୍ଡ ରେ ଉଚ୍ଚ ହାରରେ ସ୍କୋର ସଂଗ୍ରହ କରିବାର କିଛି ଦରକାର ନଥିଲା। ସିରିଜରେ ଚମତ୍କାର ଫର୍ମରେ ଥିବା ବିରାଟ କୋହଲି ଭଲ ଆରମ୍ଭ କରିଥିଲେ ମଧ୍ୟ ଏହାକୁ ବଡ଼ ସ୍କୋରରେ ପରିଣତ କରିପାରିନଥିଲେ। ଟପ୍ ଅର୍ଡର୍‌ର ବିଫଳତା ପରେ ମଧ୍ୟମ କ୍ରମର ଖେଳାଳୀମାନେ ଧିମା ଖେଳିଥିଲେ ଏବଂ ଅଷ୍ଟ୍ରେଲିଆର ସାଣିତ ବୋଲିଂଙ୍ଗ ଆଗରେ ତାସ ଘର ପରି ଭୁଶୁଡ଼ି ପଡ଼ିଥିଲା ଭାରତର ବ୍ୟାଟିଂ ଲାଇନ୍। ତାରକା ଖଚିତ ଖେଳାଳୀଙ୍କ ସହ ବିଶ୍ୱରେ ସବୁଠାରୁ ମଜଭୁତ ବ୍ୟାଟିଂ ଲାଇନ୍ କୁହାଯାଉଥିବା ଭାରତୀୟ ଦଳ ଅଷ୍ଟ୍ରେଲିଆର ଯୋଜନାବଦ୍ଧ ଆକ୍ରମଣର ଶିକାର ହୋଇଥିଲେ। ଫଳରେ ଆଶା ଠାରୁ ବହୁତ କମ୍ ସ୍କୋର, ୨୪୦ରନ୍ ରେ ଭାରତର ପାଳି ଅଟକି ଯାଇଥିଲା। କମ୍ ସ୍କୋରରେ ମଧ୍ୟ ଭାରତୀୟମାନଙ୍କର ଆଶା ଥିଲା କି ସେମାନେ ନିଶ୍ଚିତ ବିଜୟୀ ହେବେ କିନ୍ତୁ ସମୟ ସାଥ ଦେଲାନି। ବୋଲିଙ୍ଗ ଠାରୁ ବ୍ୟାଟିଂ ଆହୁରି ଶକ୍ତିଶାଳୀ ଥିଲା ଅଷ୍ଟ୍ରେଲିଆ ଦଳର। ୬୪ ରନ୍‌ରେ ୩ ଟି ୱିକେଟର ପତନ ହୋଇଥିଲେ ମଧ୍ୟ ବ୍ୟାଟ୍ସମ୍ୟାନମାନଙ୍କ ଧର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ଯୋଗୁଁ ଅଷ୍ଟ୍ରେଲିଆ ମ୍ୟାଚକୁ ଅତି ସହଜରେ ବିଜୟ ଲାଭ କରିବା ସହ ଷଷ୍ଠ ଥର ପାଇଁ ବିଶ୍ୱ ଚମ୍ପିଅନ ହୋଇଥିଲା। ଅଷ୍ଟ୍ରେଲିଆର ଉଭୟ ବ୍ୟାଟିଂ, ବୋଲିଙ୍ଗ ଓ କ୍ଷେତ୍ର ରକ୍ଷଣ ଖୁବ୍ ଉଚ୍ଚକୋଟୀର ଥିଲା। ଖେଳ ଏମିତି ଥିଲା ଯେ ମନେ ହେଉନଥିଲା ଏହା ଫାଇନାଲ ମ୍ୟାଚ ଭଳି। ଭାରତର ସମସ୍ତ ରଣନୀତି ଫେଲ ମାରିଲା। ଲଢ଼େଇ କରିବା ପାଇଁ ମଧ୍ୟ ସକ୍ଷମ ନଥିଲା ଭାରତ। ଶକ୍ତିଶାଳୀ ଅଷ୍ଟ୍ରେଲିଆ ପୁଣି ଥରେ ଶକ୍ତି ପ୍ରଦର୍ଶନ କରିଥିଲା। ଟିମ୍ ଇଣ୍ଡିଆକୁ ଧରାଶାୟୀ କରି ଏକତରଫା ବିଜୟ ଲାଭ କରିବା ସହ ଅଷ୍ଟ୍ରେଲିଆ ବିଶ୍ୱକପ୍ ଝାମ୍ପି ନେଇଥିଲା। ସେମିଫାଇନାଲ ପର୍ଯ୍ୟନ୍ତ ଭାରତର ସବୁକିଛି ଠିକ୍ ଠାକ୍ ଥିଲା। ସମୟ ବଦଳି ଗଲା। ବଦଳିଗଲା ସବୁକିଛି। ଭାରତର ସବୁ ରଣନୀତି ଫେଲ୍ ମାରିଲା। ୨୦୦୩ ଦିନିକିଆ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆ ଠାରୁ ପରାଜୟର ବଦଳା ନେବାପାଇଁ ପ୍ରସ୍ତୁତ ଥିଲା କିନ୍ତୁ ସମୟ ତାହା କରାଇ ଦେଲାନି। କେଉଁଠି ରହିଲା ତ୍ରୁଟି? କାହିଁକି ସୁନିଶ୍ଚିତ ବିଜୟ ହାତ ଛଡା କଲା ଭାରତ? କଣ ପାଇଁ ପରାଜୟ ବରଣ କଲା? ସମୀକ୍ଷା ଚାଲିଛି। ପରାଜୟର ଅନେକ କାରଣ ଥିଲେ ମଧ୍ୟ ବଡ଼ ମ୍ୟାଚ୍‌ର ଚାପ ପରାଜୟର ଏକ ପ୍ରମୁଖ କାରଣ ବୋଲି ବିବେଚନା କରାଯାଏ। ଇତିହାସକୁ ଲକ୍ଷ୍ୟ କଲେ ଏହା ଜଣାଯାଏ ଯେ ନକ୍ ଆଉଟ୍‌ରେ ଭାରତ ସର୍ବଦା ଚାପରେ ରହିଛି। ଭାରତ ୨୦୧୪ ମସିହାରେ ଟି-୨୦ ବିଶ୍ୱକପ୍‌ରେ ଶ୍ରୀଲଙ୍କା ଠାରୁ ୬ ୱିକେଟରେ ଫାଇନାଲରେ ପରାସ୍ତ, ୨୦୧୫ମସିହାରେ ଦିନିକିଆ ବିଶ୍ୱକପର ସେମିଫାଇନାଲରେ ଅଷ୍ଟ୍ରେଲିଆ ଠାରୁ ୯୫ ରନ୍‌ରେ ପରାସ୍ତ, ୨୦୧୬ ମସିହାରେ ଟି-୨୦ ବିଶ୍ୱକପ୍‌ର ସେମିଫାଇନାଲରେ ୱେଷ୍ଟଇଣ୍ଡିଜ୍ ଠାରୁ ପରାସ୍ତ, ୨୦୧୭ରେ ମିନି ବିଶ୍ୱକପ (ଚାମ୍ପିଅନ ଟ୍ରଫି)ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ଥାନଠାରୁ ବୃହତ ରନ୍ (୧୮୦ ରନ୍) ବ୍ୟବଧାନରେ ପରାସ୍ତ, ୨୦୧୯ ଦିନିକିଆ ବିଶ୍ୱକପ୍‌ର ସେମିଫାଇନାଲରେ ନିଉଜିଲ୍ୟାଣ୍ଡ ଠାରୁ ୧୮ ରନ୍‌ରେ ପରାସ୍ତ, ୨୦୨୧ ମସିହାରେ ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନ ଟ୍ରଫିରେ ନିଉଜିଲ୍ୟାଣ୍ଡ ଠାରୁ ୮ ୱିକେଟରେ ପରାସ୍ତ, ୨୦୨୨ ଟି-୨୦ ବିଶ୍ୱକପ୍‌ର ସେମିଫାଇନାଲ ମ୍ୟାଚରେ ଇଂଲଣ୍ଡ ଠାରୁ ୧୦ ୱିକେଟରେ ପରାସ୍ତ, ୨୦୨୩ ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନ ଟ୍ରଫିରେ ଅଷ୍ଟ୍ରେଲିଆ ଠାରୁ ୨୦୯ ରନ୍‌ରେ ପରାସ୍ତ ଏବଂ ସଦ୍ୟସଦ୍ୟ ୨୦୨୩ ଦିନିକିଆ ବିଶ୍ୱକପ୍‌ର ଫାଇନାଲ ରେ ଅଷ୍ଟ୍ରେଲିଆ ଠାରୁ ପରାସ୍ତ ହେବା ଦର୍ଶାଉଛି ଯେ ଭାରତୀୟ ଦଳର ନିଶ୍ଚିତ ଭାବେ ବଡ଼ ମ୍ୟାଚ୍ ରେ ଚାପରେ ରହିଛି। ଏହି ମ୍ୟାଚ୍ ଗୁଡ଼ିକରେ ପ୍ରତିପକ୍ଷ ଦଳର ରଣକୌଶଳକୁ ସାମ୍ନା କରିବାରେ ବିଫଳ ହୋଇ ପରାଜୟ ବରଣ କରୁଛି। କୁହାଯାଏ ଆତ୍ମବିଶ୍ୱାସ କୌଣସି ଗୋଟେ ଦଳ ପାଇଁ ସବୁଠାରୁ ବଡ଼ ଅସ୍ତ୍ର। କିନ୍ତୁ ବେଳେ ବେଳେ ଅତ୍ୟଧିକ ଆତ୍ମବିଶ୍ୱାସ ଓ ଭାବପ୍ରବଣତାର ବଶବର୍ତ୍ତୀ ହୋଇ ପରାଜୟ ବରଣ କରିବାକୁ ପଡେ। ଯାହା ଘଟିଲା ଠିକ୍ ଭାରତୀୟ କ୍ରିକେଟ ଦଳ ଉପରେ। ଲିଗ୍ ପର୍ଯ୍ୟାୟରେ ଅପରାଜୟ ରହିବା ସହ ଗ୍ରୁପ୍‌ର ଶୀର୍ଷରେ ରହିବାର ବଡ଼ପଣ ଭାରତ ପାଇଁ ଘାତକ ସାବ୍ୟସ୍ତ ହୋଇଛି। ଅପରାଜୟ ଥିଲେ ମଧ୍ୟ ଦଳ ଭିତରେ ଅନେକ ତ୍ରୁଟି ପରିଲକ୍ଷିତ ହୋଇଥିଲା ଯାହାକୁ ଭାରତୀୟ ଦଳ ସୁଧାରିବା ଦରକାର ଥିଲା କିନ୍ତୁ ୧୦ଟି ମ୍ୟାଚ୍ ଖେଳି ସାରିବା ପରେ ମଧ୍ୟ ତ୍ରୁଟିରେ କୌଣସି ସୁଧାର ଆସିନଥିଲା। କ୍ରିକେଟ ହେଉଛି ୧୧ ଜଣଙ୍କୁ ନେଇ ଖେଳା ଯାଉଥିବା ଖେଳ। ଜଣେ ଖେଳାଳୀ ଚାହିଁଲେ ଗୋଟିଏ ଦଳକୁ କେବେ ବିଜୟ ଆଡ଼କୁ ଅଗ୍ରସର କରାଇ ପାରିବ ନାହିଁ। ଭାରତ ଲିଗ୍ ପର୍ଯ୍ୟାୟରେ ଖେଳିଥିବା ମ୍ୟାଚ୍ ଗୁଡ଼ିକରେ ହାତଗଣତି କେତେକ ଖେଳାଳୀଙ୍କ ପ୍ରଦର୍ଶନ ଯୋଗୁଁ ବିଜୟୀ ହୋଇଥିଲା। ବାକି ଅନ୍ୟ ଖେଳାଳୀମାନେ ପ୍ରଭାବହୀନ ଭଳି ଲାଗୁଥିଲେ। ବିଶେଷ କରି ବିଶ୍ୱକପ୍ ଭଳି ବଡ଼ ଟୁର୍ଣ୍ଣାମେଣ୍ଟରେ ଦଳକୁ ବିଜୟୀ ହେବାକୁ ହେଲେ ଦଳକୁ ତିନି ପ୍ରମୁଖ ବିଭାଗ ବ୍ୟାଟିଂ, ବୋଲିଙ୍ଗ ସହ ଫିଲ୍ଡିଙ୍ଗ କ୍ଷେତ୍ରରେ ଆଖିଦୃଶିଆ ପ୍ରଦର୍ଶନ କରିବାକୁ ପଡ଼ିବ। ଦୁର୍ବଳ ଫିଲ୍ଡିଁ ପାଇଁ ସର୍ବଦା ନିନ୍ଦିତ ହୋଇଆସୁଥିବା ଭାରତ ଚଳିତ ବିଶ୍ୱକପ୍‌ରେ ଉନ୍ନତ କ୍ଷେତ୍ରରକ୍ଷଣ କରିଥିଲେ ମଧ୍ୟ ବିଶ୍ୱଚମ୍ପିଅନ ଦଳ ଭାବରେ ପ୍ରଦର୍ଶନ ଆଶାନୁରୂପ ନଥିଲା।

ନିମ୍ନ ମଧ୍ୟ କ୍ରମରେ ଉଚ୍ଚ ହାରରେ ରନ୍ ସଂଗ୍ରହ କରିବାରେ ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇଥିଲା ଭାରତ। ବୋଲଂରେ ପେସ ବାହିନୀ ଠାରୁ ଭାରତର ସ୍ପିନ ବିଭାଗ ଶକ୍ତିଶାଳୀ ମନେ ହେଉଥିବା ବେଳେ କେତେକ ମ୍ୟାଚରେ ସ୍ପିନରମାନେ ୱିକେଟ ନେବାର ଅସମର୍ଥ ହୋଇଥିଲେ ଯାହାକି ପରାଜୟର କେତେଗୁଡ଼ିଏ କାରଣ ହୋଇଥାଇପାରେ। କାରଣ ଯାହାବି ହେଉଥାଉ ନା କାହିଁକି ଯୋ ଜିତା ଓହି ସିକନ୍ଦର। ଯିଏ ଭଲ ଖେଳ ପ୍ରଦର୍ଶନ କଲା ସିଏ ବିଜୟୀ ହେଲା। ୧୩ ବିଶ୍ୱକପ ମଧ୍ୟରୁ ୬ଟି ବିଜୟୀ ହୋଇ ଅଷ୍ଟ୍ରେଲିଆ ସର୍ବାଧିକ ଥର ବିଶ୍ୱ ଚାମ୍ପିଅନ ହେବାର ଗୌରବ ଲାଭ କରିଛି। ସମୟ ଆସିଛି ନିଜ ଭୁଲ୍‌ରୁ କିଛି ଶିକ୍ଷା ଲାଭ କରିବା ସହ ଆଗାମୀ ବିଶ୍ୱକପ୍ ପାଇଁ ନିଜକୁ ପ୍ରସ୍ତୁତ ରଖିବା।

କ୍ରିକେଟ ଖେଳ ଇଂଲଣ୍ଡର ଜାତୀୟ ଖେଳ ହୋଇଥିଲେ ମଧ୍ୟ ଭାରତରେ ଏହା ସର୍ବଜନାଦୃତ କ୍ରୀଡା ଏଥିରେ ସନ୍ଦେହ ନାହିଁ। ଏହା ଏକ ରଙ୍ଗୀନ ଖେଳ, ଏଠି ଅଛି ଷ୍ଟାଇଲ, ଷ୍ଟାଟସ୍, ଟଙ୍କା, ସେଲିବ୍ରିଟ, ସେଲିବ୍ରେଶନ, ରୋମାଞ୍ଚ, ରେକର୍ଡ ସବୁକିଛି। ଖେଳାଳୀ ଦର୍ଶକ ସଭିଏଁ ପାଗଳ ତାରି ପ୍ରେମରେ। କି ପିଲା! କି ବୁଢ଼ା! କି ପୁରୁଷ! କି ନାରୀ! ସଭିଏଁ ପାଗଳ ତାରି ଲାଗି। ଏଇତ କ୍ରିକେଟ ଖେଳ! ଭାରତ ଏକ କ୍ରିକେଟ ପାଗଳ ଦେଶ। ଭିନ୍ନ ଭିନ୍ନ ରାଜ୍ୟରୁ ଖେଳାଳୀ ମାନଙ୍କୁ ନେଇ ଗଠନ କରାଯାଇଛି ଗୋଟିଏ ଦଳ ଭାରତୀୟ କ୍ରିକେଟ ଦଳ। ବିଭିନ୍ନତା ମଧ୍ୟରେ ଏକତା। ସବୁ ପରେବି ଆମେ ଭାରତୀୟ। ଆମ ଭିତରେ କ୍ରିକେଟକୁ ନେଇ ଅଦ୍ଭୁତ ପାଗଳପଣ। ଏଠି ଜିତିଲେ ପ୍ରଶଂସା ହାରିଲେ ସମାଲୋଚନା। ବିଶ୍ୱକପ୍ ଜିତିବା କେବଳ ରୋହିତଙ୍କ ସ୍ୱପ୍ନ କିମ୍ବା କୋହଲି ଙ୍କ ଆଶା ଥିଲା ତା ନୁହେଁ ବରଂ ଆମ ସମସ୍ତଙ୍କର ସ୍ୱପ୍ନ ଥିଲା। ଗୋଟିଏ ମ୍ୟାଚରେ ଖରାପ ବ୍ୟାଟିଂ ସାଙ୍ଗକୁ ପ୍ରଭାବହୀନ ବୋଲିଙ୍ଗ୍ ଯୋଗୁଁ ଭାରତ ପରାଜିତ ହେଲା ଫଳରେ ଦେଶବାସୀ ବିଶ୍ୱକପ୍ ବିଜେତା ହେବା ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ସେଥିରେ ନିରାଶ ଓ ମର୍ମାହତ ହେଲେ। ବାସ୍ତବିକ ସ୍ୱପ୍ନ ପୂରଣ ନହୋଇ ପାରିବା ଅଗଣିତ ପ୍ରଶଂସକଙ୍କ ଆଖିରେ ଲୁହ ଓ ଛାତିରେ କୋହ ଆଣିଛି। ଆମେ ମନେ ରଖିବା ଉଚିତ୍ ଜିତିବା ହାରିବା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ। ଖେଳରେ ହାର୍ ଜିତ୍ ଲାଗି ରହିଛି। ଦେଶ ପାଇଁ ଏଗାର ଜଣ ଖେଳାଳୀ ଯେଉଁଭଳି ପରିଶ୍ରମ କରିଥିଲେ ତାହା ନିଶ୍ଚିତ ଆମ ପାଇଁ ଗର୍ବ ଓ ଗୌରବର କଥା। ଆମେ ଆମର ସବୁ ପ୍ରଚେଷ୍ଟା ସତ୍ତ୍ୱେ ବିଫଳ ହେଲୁ ତାର ମାନେ ନୁହେଁ ଖେଳାଳୀଙ୍କୁ ସମାଲୋଚନା କରିବା କିମ୍ବା ତାଙ୍କ ଖେଳକୁ ନେଇ କୌଣସି ଅଶାଳୀନ ମନ୍ତବ୍ୟ ଦେବା ବରଂ ସର୍ବଦା ଖେଳାଳୀ ମାନଙ୍କ ମନୋବଳକୁ ବଢ଼ାଇବା ପାଇଁ ଚେଷ୍ଟା କରିବା ଦରକାର। ଆମେ ବିଜୟରେ ବି ଭାରତୀୟ ଖେଳାଳୀ ମାନଙ୍କ ସହିତ ଥିଲୁ, ପରାଜୟରେ ମଧ୍ୟ ରହିବୁ। ତାଙ୍କୁ ପୂର୍ଣ୍ଣ ସମର୍ଥନ କରିବୁ। ଆଶା କରିବୁ ଆଗାମୀ ଦିନରେ ଅର୍ଥାତ୍ ୨୦୨୭ ଦିନିକିଆ ବିଶ୍ୱକପ୍ ବିଜୟୀ ହୋଇ ଭାରତର ଅଧୁରା ସ୍ୱପ୍ନକୁ ପୂରଣ କରି ସେମାନେ ଦେଶ ପାଇଁ ଅନେକ ଗୌରବ ଆଣିବେ।

*ଅଧ୍ୟାପକ,ବାଣିଜ୍ୟ ବିଭାଗ, କଟକ*

# ଅନୁଭବରେ ଶୀତ



ପ୍ରେମାନନ୍ଦ ପାଣିଗ୍ରାହୀ

ଅନ୍ଧାର ପରେ ଆଲୋକର ଆବିର୍ଭାବ ଯେମିତି ଚିରନ୍ତନ ସତ୍ୟ ସେମିତି ଋତୁଚକ୍ରର ପରିବର୍ତ୍ତନରେ ଶୀତଋତୁର ସ୍ପର୍ଶ ଏକ ପ୍ରାକୃତିକ ପ୍ରକ୍ରିୟା । ବାୟୁ ମଣ୍ଡଳରେ ସୃଷ୍ଟି ହେଉଥିବା ଗୁରୁଚାପ ବଳୟ ଯୋଗୁଁ ଆଦ୍ରତା ବଢେ । ଆଦ୍ରତା ବୃଦ୍ଧି ଯୋଗୁଁ ଜଳୀୟ ବାଷ୍ପ ବାୟୁମଣ୍ଡଳ ସହ ମିଶି ପାରେ ନାହିଁ । ଫଳରେ ଶୀତ ବଢେ । ସାଧାରଣତଃ ନଭେମ୍ବର,ଡିସେମ୍ବର ଓ ଜାନୁଆରୀ ମାସରେ ରାତି ତାପମାତ୍ରା ସ୍ୱାଭାବିକ ଠାରୁ ଅଧିକ ତଳକୁ ଖସି ଆସିବା ଦ୍ୱାରା ଆମ ରାଜ୍ୟରେ ହାଡଥରା ଶୀତ ଅନୁଭୂତ ହୋଇଥାଏ । ସାଧାରଣତଃ ପଶ୍ଚିମା ଝଡ ପରେ ଶୀତଲହର ଆସିଥାଏ । ଅକ୍ଟୋବର ଶେଷ ସପ୍ତାହରୁ ରାଜ୍ୟରେ ହାଲକା ଶୀତ ଅନୁଭବ ହୋଇଛି । ଧିରେଧିରେ ବାୟୁମଣ୍ଡଳରୁ ପାରଦ ଯେତିକି ହ୍ରାସ ପାଉଛି ଜାଡ ସେତିକି ବଢୁଛି । ଶୀତ ଏକ ଶିହରିତ ମାୟାର ଋତୁ । ପ୍ରତିଟି ମଣିଷର ସାମଗ୍ରୀକ ଚେତନା ବୋଧ ପାଇଁ ଚମତ୍କାର ସମ୍ବୋଧନ ଭରା ଆବେଗର ଋତୁ ଶୀତ । ହେମାଙ୍ଗ ଆଲିଙ୍ଗନରେ ଆବୋରି ହୋଇଯାଏ ଜଗତ । ଶୀତ ସକାଳରେ ପୁଲକିତ ହୋଇ ଉଠିଛି ପ୍ରକୃତି ରାଣୀ । ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ସକାଳ ଓ ସନ୍ଧ୍ୟାକୁ ବିମୋହିତ କରୁଛି । ଶୀତଳ ସଂନ୍ଧ୍ୟାରେ ଉତ୍ତରା ପବନ ପରିବେଶକୁ ଆହୁରି ଶୀତୁଆ କରିଦେଉଛି । ଶୀତ ଋତୁ ସମସ୍ତଙ୍କ ମନରେ ଆଶା, ଆନନ୍ଦ, ଉଲ୍ଲାସ ଭରିଦିଏ । ଏ ଆନନ୍ଦ ଆତ୍ମାକୁ ବାରମ୍ବାର ସ୍ପର୍ଶ କରେ । ସ୍ପର୍ଶ କରେ ଚେତନାର ଉତ୍ସକୁ । କେଉଁଠି ସୋରିଷ ଫୁଲର ଶୋଭା ପୁଣି ଅସୁମାରୀ ବିହଙ୍ଗଙ୍କ ଖୋଲା ଆକାଶ ତଳେ ସଂନ୍ଧ୍ୟାକାଳୀନ ଶୋଭାଯାତ୍ରା । ଧାନ ବିଲ ଭିତରେ ଚିଲ, ଗେଣ୍ଡାଳିଆ, ବଗ ପକ୍ଷୀମାନଙ୍କର ସ୍ୱଚ୍ଛନ୍ଦ ବିହାର । ବାୟୁର ତାପମାତ୍ରା ଯେତେବେଳେ ଶିଶିରାଙ୍କ ତଳକୁ ଖସିଯାଏ, ଜଳୀୟ ବାଷ୍ପ ଘନୀଭୂତ ହୋଇ ଛୋଟଛୋଟ ଜଳ ବିନ୍ଦୁ ଆକାରରେ ଘାସପତ୍ର ଉପରେ ଲାଗି ରହିଥାଏ । ଶୀତ ସକାଳରେ ଏହି କାକର ବିନ୍ଦୁ ମୁକ୍ତା ପରି ଝଟକେ । ସକାଳର ହାଲକା କୁହୁଡିର ଲୁଚକାଳି ଖେଳରେ ସୂର୍ଯ୍ୟ ବି ହାର ମାନିଯାନ୍ତି । ଧଳାଧଳା ଭସା କୁହୁଡି ଯାନବାହନ ଓ ବିମାନ ଚଳାଚଳରେ ବାଧା ସୃଷ୍ଟି କରେ ।

ଶୀତ ଋତୁ ଆଣେ ନାନା ପ୍ରକାର ଫଳ, ଫୁଲ, ସବୁଜ ପନିପରିବାର ସମ୍ଭାର। ନାନା ଜାତିର ପନିପରିବାରେ ହସି ଉଠେ ବାଡିବଗିଚା । ପୌଷମାସରେ ଧାନ କଟା ଓ ଅମଳ ଚାଲିଥାଏ । ଶଗଡ ଶଗଡ ଧାନ ଆସୁଥାଏ । ଖଳାରେ, ବାଡିରେ ଭର୍ତ୍ତି ହୋଇଯାଏ ଧାନଗଦା । ବସୁଧା ପିନ୍ଧିଥାଏ ସୁନା ଛିଟିକା ଖଣ୍ଡୁଆ ପାଟ । ମହାଲକ୍ଷ୍ମୀ ଅଗଣାରେ ହସି ଉଠନ୍ତି । କୃଷକ ମନରେ ତାର ପାଚିଲା ଧାନ କ୍ଷେତର ଦୃଶ୍ୟ ଆତ୍ମତୃପ୍ତି ଭରିଦିଏ । ଜାତିଜାତିକା ରଙ୍ଗବେରଙ୍ଗର ଦେଶୀ ବିଦେଶୀ ଫୁଲ ଆଉ ତାର ପ୍ରିତୀଭରା ଉଛୁଳା ଭୁରୁଭୁରୁ ମହକରେ ମନ ମତୁଆଲା ହୋଇଯାଏ । ବସୁଧାକୁ ଅଳସୀ ଓ ସୋରିଷ ଫୁଲର ହଳଦୀ ରଙ୍ଗରେ ଘୋଡାଇ ରଖିଥାଏ । ଶୀତ ଋତୁରେ ପ୍ରାୟ ଓଡିଆଙ୍କ ଘରେ ଦେଶୀ ସୁପ୍ କାଞ୍ଜି ର ଚାହିଦା ମିଳିଥାଏ। ବାସି ଅରୁଆ ତୋରାଣୀରେ ହଳଦୀ, ଲୁଣ, ସାରୁ, ମୂଳା, ପାଳଙ୍ଗ, କଖାରୁ, ଭେଣ୍ଡି ଓ ଭୃଷଙ୍ଗ ପତ୍ରକୁ ଫୁଟଣ କରି କାଞ୍ଜି ପ୍ରସ୍ତୁତ ହୁଏ । ଏହି ଦେଶୀ ସୁପ୍‌ର ଚାହିଦା ଏବେବି ଗାଁ ମାନଙ୍କରେ ରହିଛି । କେବଳ କାଞ୍ଜି ନୁହେଁ ଶୀତୁଆ ସକାଳ ଓ ସଞ୍ଜରେ ଉଷୁମ ଚା ର ସ୍ୱାଦ ସମ୍ପୂର୍ଣ୍ଣ ନିଆରା। ଚା ଖଟିରେ ସାଙ୍ଗମାନଙ୍କ ଗହଣରେ କିଛି ସମୟ ବିତାଇବାର ଅନୁଭୂତି ଭାଇଚାରାକୁ ଆହୁରି ନିବିଡ କରିଥାଏ । ଉଷ୍ମତା ପାଇଁ କେତେକ ଲୋକେ କାଠିକୁଟା ଜାଳି ହସଖୁସି ଓ କଥାବାର୍ତ୍ତା ଭିତରେ ନିଆଁ ପୋଇଁଥାନ୍ତି ।

ଶୀତ ଋତୁ ଆସିଲେ ପିଲାମାନଙ୍କର ଗୁଡ ଉଡା କଥା ମନେପଡେ । ନାନା ରଙ୍ଗର ଗୁଡିରେ ଆକାଶ ରଙ୍ଗିନ୍ ହୋଇଉଠେ । ନଇପଠା ଓ ଖେଳପଡିଆରେ କି ଯୁବକ କି ପିଲା ଗୁଡି ଉଡାର ମଜା ନିଅନ୍ତି। ବାୟୁମଣ୍ଡଳରୁ ଉତ୍ତାପ ହ୍ରାସ ପାଇବା ଫଳରେ ଶରୀରକୁ ଉଷ୍ମ ରଖିବା ,ପାଇଁ ପଶମ ଓ ଉଲେନର ରଙ୍ଗ ବେରଙ୍ଗ ବସ୍ତ୍ର ପିଲାଙ୍କଠାରୁ ବୁଢାବୁଢୀଙ୍କ ପର୍ଯ୍ୟନ୍ତ ପରିଧାନ କରିଥାନ୍ତି। ଅସହ୍ୟ ଶୀତରୁ ରକ୍ଷା ପାଇବା ପାଇଁ ପକ୍ଷୀତୀର୍ଥ ଚିଲିକାରେ ଦେଶବିଦେଶରୁ ଅତିଥୀ ପକ୍ଷୀଙ୍କର ସମାଗମ ହୋଇଥାଏ । ଏମାନଙ୍କ କୋଳାହଳ ଓ ଜଳକ୍ରିଡା ପର୍ଯ୍ୟଟକଙ୍କୁ ଅଧିକ ବିମୋହିତ କରେ । ହାଡଭଙ୍ଗା ଶୀତର କ୍ଳେଶ ବୟସ୍କ ଲୋକଙ୍କୁ କଷ୍ଟ ଦିଏ । କେତେକ ଅନୁଷ୍ଠାନ ଓ ଧର୍ମପରାୟଣ ବ୍ୟକ୍ତି ଶୀତ ଋତୁରେ ଗରୀବ ଓ ନିରାଶ୍ରୟ ଲୋକଙ୍କୁ ଶୀତ ବସ୍ତ୍ର ବାଣ୍ଟି ପୂଣ୍ୟ ଅର୍ଜନ କରିଥାନ୍ତି । ଆମ ରାଜ୍ୟ ସରକାର ମଧ୍ୟ ଶୀତ ବସ୍ତ୍ର କ୍ରୟ ପାଇଁ ମଧୁବାବୁ ପେନସନ ଉପଭୋକ୍ତାଙ୍କୁ ଆର୍ଥିକ ସହାୟତା ଦେଇଥାନ୍ତି । ସାରା ଦେଶରେ ଶୀତର ରାଜୁତି ଚାଲିଥିବା ବେଳେ ସଂସଦ ଓ ବିଧାନସଭାରେ ଶୀତକାଳିନ ଅଧିବେଶନ ଅନୁଷ୍ଠିତ ହୁଏ । ସର୍ବାଧିକ ଶୀତ ଅନୁଭୂତ ହେଉଥିବା ଓଡିଶାର କନ୍ଧମାଳ ଜିଲ୍ଲାର ଦାରିଙ୍ଗିବାଡି ଅଞ୍ଚଳରେ ଶୀତଋତୁରେ ଥଣ୍ଡାର ମଜା ନେବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସୁଅ ଛୁଟେ । ଦାରିଙ୍ଗବାଡିର ସବୁଜ ପରିବେଶ ଓ ସକାଳର କୁହୁଡିରେ ଶୀତ ଅନୁଭୂତିକୁ ପାଖରୁ ସାଉଣ୍ଟିବା ପାଇଁ ପର୍ଯ୍ୟଟକ ଏଠାକୁ ଆକୃଷ୍ଟ ହୋଇଥାନ୍ତି । ଦାରିଙ୍ଗବାଡିରେ ଶୀତଋତୁରେ ବରଫପାତ ହୋଇଥିବାର ନଜିର ମଧ୍ୟ ରହିଛି । କେବଳ ଦାରିଙ୍ଗବାଡି ନୁହେଁ ଓଡିଶାର ସୁନାବେଡା ଓ ଟେନ୍‌ସାରେ ମଧ୍ୟ ହାଡଥରା ଶୀତ ଅନୁଭବ କରିହୁଏ । ଶୀତ ଋତୁରେ ମଣିଷ ଓ ଜୀବଜନ୍ତୁ ଙ୍କୁ ଶୀତ ଲାଗେ । ଏହି ଶୀତ ଶ୍ରୀମନ୍ଦିରର ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ବି ଅନୁଭୁତ ହୁଏ । ମହାପ୍ରଭୁ ମଧ୍ୟ ଶୀତ ପ୍ରକୋପରେ ଥରନ୍ତି । ମହାପ୍ରଭୁଙ୍କ ପାଇଁ ପ୍ରସ୍ତୁତ କରାଯାଇଥାଏ ସ୍ୱତନ୍ତ୍ର ଘୋଡ । ମାର୍ଗଶର ଶୁକ୍ଳ ପକ୍ଷ ଷଷ୍ଠୀ ଯାହାକୁ କି ଓଢଣ ଷଷ୍ଠୀ କୁହାଯାଏ ସେହିଦିନ ଠାରୁ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ସପ୍ତାହର ସାତ ଦିନରେ ଠାକୁର ମାନଙ୍କୁ ଭିନ୍ନ ଭିନ୍ନ ରଙ୍ଗର ଘୋଡ ଲାଗି ହୋଇଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ସାତ ଦିନରେ ସାତ ଗ୍ରହର ପ୍ରତୀକ ଭାବେ ମହାପ୍ରଭୁଙ୍କୁ ସାତ ରଙ୍ଗର ଘୋଡ ପରିଧାନ କରାଯାଏ । ଶୀତ ଋତୁରେ ବୁଲାବୁଲି କରିବାରେ ଥାଏ ଏକ ନିଆରା ଆନନ୍ଦ । ପର୍ଯ୍ୟଟନ କ୍ଷେତ୍ର ପରିଭ୍ରମଣ ସାଙ୍ଗକୁ ପ୍ରାକୃତିକ ପରିବେଶରେ ବଣଭୋଜି କରିବାର ମଜା ନେବା ପାଇଁ ସମସ୍ତଙ୍କର ଆଗ୍ରହ ଥାଏ । ଶୀତର ଆଗମନ ସହ ଆସେ ମେଳା ମହୋତ୍ସବ । ସାହିତ୍ୟ ଉତ୍ସବ,ଜିଲ୍ଲା ମହୋତ୍ସବ,ପୁସ୍ତକ ମେଳା ସହ ସାମାଜିକ ଉତ୍ସବ ଆମ ଜୀବନଧାରାକୁ ରସମୟ କରେ।

*ଭୁଷଳ,ଭୁବନ,ଢେଙ୍କାନାଳ*
*ମୋ-୯୪୩୭୭୨୯୩୮୪*

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


## ଧାରାବାହିକ ଉପନ୍ୟାସ

# ଶେଷ ଦୃଶ୍ୟ



କ୍ଷୀରୋଦ ଦାସ

ଭାଗ-୨୨





(ପୂର୍ବପ୍ରକାଶ ଉତ୍ତାରୁ)

ନିଃଶ୍ୱାସକୁ ବିଶ୍ୱାସ ନାହିଁ ପରା!

ଅନେକ ଦିନ ହେଲାଣି ତଳ ମହଲାରେ ଥିବା ତାଙ୍କ କ୍ଲିନ୍ ବନ୍ଦ। ଟି.ଭି ଓ ଖବରକାଗଜ ବାଲା ରାତାରାତି ପ୍ରଚାର କରିଦେଲେ ଡାକ୍ତର ଶୁଭକାନ୍ତ ସାମଲଙ୍କ ପୁଅ ସଂଜୟ ସାମଲ ଦୁଷ୍କର୍ମ ମାମଲାରେ ଗିରଫ ହୋଇ ଜେଲ୍ ସଜା କାଟୁଛି! ବାସ୍! କ୍ଲିନିକ୍ ବନ୍ଦ। ଲୋକମାନଙ୍କ ଯିବାଆସିବା ବନ୍ଦ। ଲକ୍ଷ୍ମୀଛଡା ଦେଖାଯାଉଥିଲା 'ରାଜଲକ୍ଷ୍ମୀ-ନିବାସ'।

'ରାଜଲକ୍ଷ୍ମୀ ନିବାସ'! -ଶୁଖିଲା ହସଟେ ଉକୁଟି ଉଠିଲା ଶୁଭକାନ୍ତଙ୍କ ଓଠରେ ଓ ସଙ୍ଗେ ସଙ୍ଗେ ମିଳାଇଗଲା ପବନରେ। ଘର ତିଆରି ହେବା ସମୟରେ, ଘରର ନାମକରଣକୁ ନେଇ କେତେ କେତେ ଆଲୋଚନା, ପର୍ଯ୍ୟାଲୋଚନା ହୋଇଥିଲା ପତି ପତ୍ନୀଙ୍କ ଭିତରେ। 'ପ୍ରଭୁପାଦ', 'ମୈତ୍ରୀ ନିବାସ', 'ପଦାରବିନ୍ଦ', 'କରୁଣାଳୟ', 'ଆରୋଗ୍ୟ ଆଳୟ' ଆଦି କେତେ କେତେ ନାମ ନାକଚ ହୋଇ ଶେଷରେ 'ରାଜଲକ୍ଷ୍ମୀ ନିବାସ' ନାମରେ ମୋହର ମାରିଥିଲେ ଦୁହେଁ।

'ରାଜଲକ୍ଷ୍ମୀ-ନିବାସ' ଯେ ଦିନେ ଲକ୍ଷ୍ମୀଛଡା ହୋଇଯିବ ଏକଥା କେବେ କଳ୍ପନା କରି ନଥିଲେ ଶୁଭକାନ୍ତ। ଆହା, କେତେ ଆଶା ଓ ଭରସା ନ ଥିଲା ସତେ ତାଙ୍କ ଉପରେ ଲୋକମାନଙ୍କର! କୁଆଡୁ କୁଆଡୁ ରୋଗୀମାନେ ଆସୁଥିଲେ ତାଙ୍କ ପାଖକୁ ନିଜ ନିଜ ଅଖଞ୍ଜ ଦେହକୁ ଧରି! ସମସ୍ତଙ୍କର ସେ ଚିକିତ୍ସା କରନ୍ତି ଅଶେଷ ଶ୍ରଦ୍ଧା ଓ ଆଗ୍ରହର ସହ। କେତେ କେତେ ମହିଳାମାନଙ୍କୁ ବନ୍ଧ୍ୟା ଦୋଷରୁ ମୁକ୍ତ କରି ସେମାନଙ୍କୁ ଗର୍ଭଧାରଣର ସାମର୍ଥ୍ୟ ସେ ପ୍ରଦାନ କରିଛନ୍ତି ନିଜର ସୁ-ଚିକିତ୍ସା ମାଧ୍ୟମରେ! କରାଇଛନ୍ତି ମଧ୍ୟ ଅନେକଙ୍କର ସିଜରିଆନ୍ ଅପରେସନ୍।

ଏବେ ସେସବୁ ଦୁଃସ୍ୱପ୍ନ ପରି ଲାଗୁଛି। ସେ ଯେ ଏକଦା ଏତେ କାର୍ଯ୍ୟକ୍ଷମ, ଏତେ ଚଳଚଞ୍ଚଳ ଓ କରିତ୍କର୍ମା ଥିଲେ, ସେକଥା ଏବେ ଭାବିଲେ ବିଶ୍ୱାସ କରି ହେଉନି।

ଏବେ ବିରାଟକାୟ ସେଇ ଅଟ୍ଟାଳିକା ଭିତରେ କେବଳ ଦୁଇଜଣ ମଣିଷ ଚଳପ୍ରଚଳ ହେଉଛନ୍ତି ଦୁଇଟଇ ରୋବଟ୍ ପରି। ସଂଜୟ ଜେଲ୍ ଯିବା ପରଠାରୁ ରାଜଲକ୍ଷ୍ମୀ ପଥର ପରି ନିରବ ପାଲଟି ଯାଇଛନ୍ତି। ଶୁଭକାନ୍ତଙ୍କ ସହ ଯେ ତାଙ୍କର ଚାଳିଶ ବର୍ଷର ମଧୁର ଦାମ୍ପତ୍ୟ ଜୀବନ ଗଭୀର, ନିବିଡ ଅଶ୍ଳେଷ ଭିତରେ ବିତିଛି, ସେକଥା ବୋଧହୁଏ ସେ ପାସୋରି ଦେଇଛନ୍ତି।

ରାଜଲକ୍ଷ୍ମୀଙ୍କ ଅଲଣା ଉଦାସୀନତାକୁ ବି ଗୁରୁତ୍ୱ ଦିଅନ୍ତି ନାହିଁ ଶୁଭକାନ୍ତ। ଆପଣା ହସ୍ତେ ଜିହ୍ୱା ଛେଦି... ଏବେ ଯେତେ ମୁଣ୍ଡ ବାଡେଇଲେ ଅବା ଦୋଷକୁ ଅନ୍ୟ ମୁଣ୍ଡ ଉପରକୁ ଫିଙ୍ଗିଲେ କି ଲାଭ?

ଯା ପରଠାରୁ ରାଜଲକ୍ଷ୍ମୀ ତାଙ୍କୁ ପୁଅ ବାବଦରେ କିଛି କହିନାହାନ୍ତି। କିନ୍ତୁ ଅନେକ ସମୟରେ ଡ୍ରାଇଭର ପ୍ରଦୀପ୍ତକୁ ଧରି କୁଆଡେ ବାହାରି ଯାଇଛନ୍ତି, ତାଙ୍କୁ କୌଣସି ସୂଚନା ନ ଦେଇ।

ସେଦିନ ଅପରାହ୍ଣ ସାଢ଼େ ଚାରିଟା।

ଅସରାଏ ଜୋର୍‌ଦାର ବର୍ଷା ହୋଇ ଛାଡିଯାଇଥାଏ। ତଥାପି ଆକାଶ ମେଘର ଓଜନରେ ଗର୍ଭବତୀ ଥିବା ପରି ଲାଗୁଥିଲା। ରାଜଲକ୍ଷ୍ମୀ ନିଜ ଘରର କବାଟ ବନ୍ଦ କରି ବୋଧହୁଏ ଶୋଇଥିଲେ।



ନିଦରେ ଶୋଇଥିଲେ କିମ୍ବା ଗଡପଡ ହେଉଥିଲେ ତାହା ମାଲୁମ ନଥିଲା ଶୁଭକାନ୍ତଙ୍କୁ। ପୁଝାରୀ ପିଲାଟି କାମଦାମ ସାରି ଟଙ୍କା ନେଇ ଯାଇଥିଲା ମାର୍କେଟ୍। ପରିବା ଓ କିଛି ତେଜରାତି ସଉଦା ପାଇଁ। ପ୍ରଦୀପ୍ତ, ତାଙ୍କ ଡ୍ରାଇଭର ଦି' ଦିନ ହେବ ଯାଇଥିଲା ତା ଗାଁକୁ। ଫେରିଛି ସକାଳ ଓଳି। ଘଣ୍ଟାଏ ହେଲା ଯାଇଛି କୁଆଡେ।

ଟିଙ୍ଗ୍ ଟଙ୍ଗ୍... ଟିଙ୍ଗ୍ ଟଙ୍ଗ୍। -ବାଜିଲା କଲିଂବେଲ୍।

ଆଦୌ ମାନସିକତା ନ ଥିଲା ଶୁଭକାନ୍ତଙ୍କର ଉଠିଯାଇ କବାଟ ଖୋଲିବା ପାଇଁ। ସେ ଅପେକ୍ଷା କଲେ - କାଳେ ରାଜଲକ୍ଷ୍ମୀ ଯାଇ କବାଟ ଖୋଲିବେ!

ପୁଣି ବାଜିଲା କଲିଂବେଲ୍। ଅନିଚ୍ଛାର ସହ ଶୁଭକାନ୍ତ ଉଠିଗଲେ କବାଟ ପାଖକୁ।

ଦ୍ୱାରବନ୍ଧ ସେ ପାଖରେ ଠିଆ ହୋଇଥିଲା ସଂଜୟ।

ତାଙ୍କୁ ଗୋଟାଏ ଖୁମ୍ବ ବୋଲି ଭାବି ସେ ଘର ଭିତରକୁ ପଶିଲା ଏବଂ ସିଧା ଗଲା ରାଜଲକ୍ଷ୍ମୀଙ୍କ ଶୋଇବା ଘରକୁ।

ଦ୍ୱାରବନ୍ଧ ପାଖରେ ସତସତିକା ଖୁମ୍ବଟିଏ ପାଲଟି ଯାଇଥିଲେ ଶୁଭକାନ୍ତ।

ପୁଅର ମୁକ୍ତିର ଆନନ୍ଦରେ ରାଲକ୍ଷ୍ମୀ ବିହ୍ୱଳିତ ହୋଇପଡୁଥିବା ବେଳେ ଶୁଭକାନ୍ତ କାହାରିକୁ କିଛି ନ କହି ମୁଣ୍ଡ ଝୁଙ୍କାଇ ସିଧା ପଶିଲେ ନିଜ ଶୋଇବା ଘରେ ଏବଂ ଭିତରପଟୁ ବନ୍ଦ କଲେ କବାଟ।

ତାଙ୍କୁ ଚ୍ୟାଲେଞ୍ଜ କରିଥିଲେ ରାଜଲକ୍ଷ୍ମୀ- 'ପନ୍ଦରଦିନ ଭିତରେ ପୁଅ ଫେରିଆସିବ ତାଙ୍କ ପାଖକୁ।" ଆସିଲା।


ସେ ବୁଡି ଯାଇଥିଲେ ଅଥଳ ଚିନ୍ତା ଭିତରେ।

ସବୁକିଛି ଧୀରେ ଧୀରେ ପରିଷ୍କାର ହୋଇଯାଉଥିଲା ତାଙ୍କ ଆଗରେ। ଏସବୁ ତେବେ ରାଜଲକ୍ଷ୍ମୀଙ୍କ କାରସାଦି! ତାଙ୍କୁ ଅନ୍ଧକାର ଭିତରେ ରଖି, ତାଙ୍କ ପାରିବାପଣିଆ ପ୍ରତି ଉପହାସ କରି ସେ ତେବେ ହାତ ମିଳାଇଥିଲେ ସଂଜୟର ସେଇ ଦୁଇ ଅପଦାର୍ଥ ସାଙ୍ଗଙ୍କ ବାପାମାନଙ୍କ ସହ! ବୋଧେ ରାଜଲକ୍ଷ୍ମୀଙ୍କ ଠାରୁ ଅନୁମତି ଓ ସାହସ ପାଇ ସେଦିନ ଅପରାହ୍ଣରେ ସେଇ ଅଭଦ୍ର ବ୍ୟକ୍ତି ଦୁଇଜଣ ଆସିଥିଲେ ତାଙ୍କ ପାଖକୁ, କୁତ୍ସିତ ପ୍ରସ୍ତାବ ଧରି।

କହୁଥିଲେ ସେମାନେ-ପ୍ରାୟ ପନ୍ଦର ଲକ୍ଷ ଟଙ୍କା ଖର୍ଚ୍ଚ ହେବ ଏ ବାବଦରେ। ମୁଣ୍ଡପିଛା ଚାନ୍ଦା ପାଞ୍ଚଲକ୍ଷ।

(କ୍ରମଶଃ)

## ଆଉକିଛି ବାକିଅଛି



ସାଗରିକା ଦାସ

ଏ ବଳକା ଯୌବନ ବୋଲି ଯା'ଅଛି
ବସନ୍ତ ଆ' ବସନ୍ତ ଆ' ଡାକ ଛାଡୁଛି
ତୋବିନୁ ଆଉଯେ ରଙ୍ଗ ନାହିଁ
ଫୁସର ଧୂସର କାଦୁଅ ମେଞ୍ଚା ଜୀବନ
ଠାଏଖସା ଠାଏନେସା ସିମେଣ୍ଟ କାନ୍ଥ
ତେଡେଇ ଯାଇଛି ଜଞ୍ଜାଳ କାନ୍ଧେଇ।


କେବେଯେ ସମୟ ମୁରୁକି ହସୁଥିଲା
ସବୁଋତୁ ସୁବାସିତ ବସନ୍ତ ଉତ୍ସବ
ଆଃ ! ଧୂ ଧୂ ସେ ନଈପଠାର ଦୁର୍ଗନ୍ଧ
ମେଘସୂର୍ଯ୍ୟର ଚକାଭଉଁରୀ ଛାଇରେ
ଅଜଣାଫୁଲ ବାସ ପରି ଚହଟେ
ଡର କଣ? ଭୟର ସଂଜ୍ଞା କେ ରଚିଥିଲା?
ସବୁଜ ଗୋଲାପି ମନରେ ଯାଦୁଭରା ଧରା
ସମୟକି ଅଳସେଇ କଟୀ ଭାଙ୍ଗୁଥିଲା?

ଧୂଳିଆ ପବନ ବି ପ୍ରେମିକ
କେବେ ଓଟାରି ନେଉଥିଲା ଅବା
କେବେ ଗୁଡାଇ ଦିଏ ପଣତ
ଆଖିବୁଜି ଆଣନିଃଶ୍ୱାସୀ ମୁଁ
ଓଃ! ବାଲି, ବର୍ଷା ଓ ପବନ ଘର୍ଷଣେ
ବାହୁ ମେଲା ଅନନ୍ତ ଆନନ୍ଦେ
ପାହାଡି ଝରଣା କୁତୁକୁତୁ କରେ
କେବେ ସୂର୍ଯ୍ୟଙ୍କୁ ଫୁଙ୍ଗୁଳା ଦେହଡାଙ୍କେ
ଶିହରିତା ମୁଁ ,କୁନ୍ତୀ ବା ଅଞ୍ଜନା?

ଏବେ ବସନ୍ତ ଅପେକ୍ଷାରେ
ସାରା ବର୍ଷ ଗଡିଯାଏ,ସେଯେବେ
ହୋଲିରଂଗ ଉଡାଇ ଆସୁଥାଏ
ବୈଶାଖ ଟା ଧୁମ୍ କରି ପହଞ୍ଚିଯାଏ ,
ଭୀତି ସବୁ ବାହାର ଖୋଳପା
ଛିଃ! ଇସ୍ ମାନେ ନଥାନ୍ତି ଆଦୌ
ଚାଲିତ ଗଲା ବସନ୍ତ ନଦେଇ ଧରା
ତା ଛମ୍ ଛାମ୍ ଶବ୍ଦ ଶୁଣୁ ଶୁଣୁ
ଇଡିଯାଏ ସୁଖର ପର୍ଯ୍ୟାୟ
ଧୁତ୍! ଅଜଣା ବହୁବେଳ ନଷ୍ଟ ଗଲା।

ନୂଆଦିଲ୍ଲୀ

## ତିଅଣ



ଗଜାନନ ମିଶ୍ର

ମିଛ ନୁହଁ,
ନାହିଁ ମୋଠି ମୋ ସତ ବୟସ।
ନୁହଁ ଅସମ୍ଭବ
ମୁଠେଇ ପାଣି ପବନ
ଉଡିଯିବି ଦୂର, ବହୁଦୂର।
ନାହିଁ କିଛି
ଏଇ ପାପୁଲିରେ ମୋର,
ନ ଥିଲା କେବେ ବି।
ଶୋଇଥିଲି ତ!
କେତେକାଳ? ନାହିଁ ଜଣା।
ଉଠିବା ମିଛ,
ନୁହଁ ମିଛ ଏଇଠୁ ଯିବା।
ହେଲା ଲଇଁପଡିବା
ମାଗିଆଣିଲା ତିଅଣକୁ ନେଇ।

ତପୋବନ, ଟିଟିଲାଗଡ

## ଧର୍ମ ମାସ କାର୍ତ୍ତିକ



ସଂଶୟ କୁମାର ସାହାଣୀ

ମହା ପୁଣ୍ୟମୟ କାର୍ତିକ ମାସ
ବାର ମାସ ମଧ୍ୟେ ଅଟେ ବିଶେଷ।

ଧର୍ମ ଜାଗରଣ ମନରେ ଆସେ
ଚିତା ମୁରୁଜରେ ଅଗଣା ହସେ।

ପ୍ରାତଃ ସ୍ନାନ ପୁଣି ଦେବ ଦର୍ଶନ
ସାତ୍ୱିକ ଭୋଜନ ପବିତ୍ର ମନ।

ଘରେ ଘରେ ରନ୍ଧା ହୁଏ ହବିଷ
ଭକ୍ତିରେ ମାନବ ତ୍ୟଜେ ଆମିଷ।

ପ୍ରତ୍ୟୁଶେ ପ୍ରଦୋଶେ ଦୀପ ଲଗାଇ
ପ୍ରତିଟି ଭକତ ବିଭୁ ସ୍ମରଇ।

ବୃନ୍ଦାବତୀ ଶିରେ ଢାଳନ୍ତି ଜଳ
ତୁଳସିର ମାଟି ମାଖି କପାଳ।

ଅଁଳା ନବମୀ ମହାନ ଦିନ
ରାଧା ପାଦେ ହୋଇଥାଏ ଦର୍ଶନ।

ଶେଷ ପାଞ୍ଚଦିନ ଅଟେ ପଞ୍ଚୁକ
ସରି ଆସୁଥାଏ ମହା କାର୍ତିକ।

ନିଷ୍ଠାରେ କାଟନ୍ତି ଏ ପାଞ୍ଚ ଦିନ
ଶୁଦ୍ଧପୂତ ଥାଏ ପବିତ୍ର ମନ।

ପ୍ରଭୁ ପାଦତଳେ ଲଗାଇ ଚିତ୍ତ
ଭକ୍ତିରେ ପାଳିବା ମାସ କାର୍ତ୍ତିକ।

ଶେଷ ଦିନେ ଦେବା ଡ଼ଙ୍ଗା ଭସାଇ
ବରଷକ ପୁଣ୍ୟ ଅର୍ଜନ ପାଇଁ।

ଅଲଣା-୨, ବଛାଲୋ, ନାଉଗାଁ ହାଟ,
ଜଗତସିଂହପୁର
ମୋ - ୭୮୭୯୧୫୬୩୩୮

## ଚଢେଇ ପେଟ



ସୁନନ୍ଦା ମହାନ୍ତି



ଡାମେରା କାଉଟା ଆଉ ଆସୁନଥିଲା ଛାତକୁ ମୁଠେ ଚାଉଳ ଖାଇ ପାଣି ମୁନ୍ଦେ ପିଇ ଉଡିଯିବାକୁ, ତ ବହୁତ ମନ ଦୁଃଖ ହେଉଥିଲା ଇରାଙ୍କୁ। ଏବେ ଏବେ ଯେବେ ଖବରୀ ଚଟିଆମାନେ ଆସି ପାଣି ପିଉଥିଲେ, ଜଳ ଭରା ମାଠିଆରୁ ଓ ଚାଉଳ ଖାଇ କିଚିରି ମିଚିରି ହୋଇ ପରସ୍ପର ଭିତରେ କି କଥା ହେଉଥିଲେ, ବୁଝିନପାରିଲେ ବି ବହୁତ ଖୁସି ହେଉଥିଲେ ଇରା. ସକାଳୁ ସକାଳୁ ପକାଇଥିବା ମୁରୁଜ ଝୋଟି ଉପରେ ଖବରୀ ଚଢେଇଙ୍କ ସମାବେଶ ସାଙ୍ଗକୁ ମୁରୁଜ ହୋଇଥିବା ଅରୁଆ ଚାଉଳ ଦାନା ସବୁକୁ ଖୁଣ୍ଟି ଖାଉଥିବା ଦେଖି ଖୁବ ଆମୋଦିତ ହୁଅନ୍ତି ଇରା। ଏବର୍ଷ ଦୀପାବଳୀରେ ରଙ୍ଗୋଲି ପକା ଓ ଅରୁଆଚାଉଳ ଝୋଟି ଚିତା ଉପରେ ଖବରୀ ଚଢେଇ ମାନଙ୍କର କିଚିରି ମିଚିରି ନଥିଲା କାରଣ ଏସବୁ ରଙ୍ଗ ଓ ଚିତାରେ ଖାଦ୍ୟର ଆଭାସ ନଥିଲା ବୋଧହୁଏ ତ ତଳେ ପଡ଼ିଥିବା ମୁରୁଜ ଉପରେ ବି ଖବରୀ ଚଢେଇ ବସିଥିବା ଦେଖିବାକୁ ନପାଇ ମନ ଆଶାନ୍ତି ଲାଗୁଥିଲା।

ଇରା ଭାବୁଥିଲେ, ବାୟୁ ପ୍ରଦ୍ୟୁଷଣ ରୋକିବା ପାଇଁ ଯେମିତି ସବୁଜ ବାଣର ଆବଶ୍ୟକ ସେମିତି ଚଢେଇମାନଙ୍କ ପେଟ ପାଟଣା ପାଇଁ ମଧ୍ୟ ଅରୁଆ ଚାଉଳର ମୁରୁଜ ଠିକଠାକ। ଖବରୀ ଚଢେଇ ନିଶ୍ଚୟ ବୁଝିଛି ଏବେର ନୂଆ ମୁରୁଜରେ କେମିକାଲ କିଛି ମିଶିଛି ତେଣୁ ସେମାନେ ଖାଦ୍ୟ ହିସାବରେ ତାକୁ ଗ୍ରହଣ କରିନାହାଁନ୍ତି, ଭଲକଥା କିନ୍ତୁ ଦୀପାବଳୀ ଆସିବା ଯାଏଁ ଖବରୀ ଚଢେଇ ମାଆ କାଳୀଙ୍କ ଆଗମନୀ ଖବର ଦେଉଥିଲେ। ଏବେ ମାଆ ପଧାରିବା ବେଳେ ନୂଆ ଆସିଥିବା ମୁରୁଜ ଖୁଣ୍ଟି ଖୁଣ୍ଟି ଖାଉଥିବାର ଆନନ୍ଦ ଆଉ ନାହିଁ ଖବରୀ ଚଢେଇମାନଙ୍କର ତ ବାଡ଼ିପଟ ଓଳାପୋଛା କରି, ସନ୍ଧ୍ୟାରେ ମାଆ ଗଙ୍ଗାମାତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାରେ, ଦୀପ ଜାଳିବାକୁ ପୂର୍ବ ପ୍ରସ୍ତୁତି ପାଇଁ କୂଅ ଘୋଡଣୀ ଉପର ସ୍ଲାବ ଓଳାଓଳି କରିବାକୁ ଯାଇ ଦେଖିଲେ ସେଠାରେ ନାତି ଅରୁଆ ଚାଉଳ ସବୁକୁ ଶୀଳପୁଆ ସାହାଯ୍ୟରେ ଚୁରିବାକୁ ଚେଷ୍ଟା କରି ଝାଳନାଳ ହେଇପଡୁଛି ଏ ଶୀତ ପଡି ପଡି ଆସୁଥିବା କାର୍ତ୍ତିକ ମାସଟାରେ। ପଚାରିଲେ କାହିଁକି ଚୁନା କରୁଛୁ ଏତେ ପରିଶ୍ରମ କରି ଅରୁଆ ଚାଉଳ ମୋ ଧନ? ମୁନା କହିଲା ଆଜି ଖବରୀ ଚଢେଇ ମାନେ କିଛି ଖାଇନାହାଁନ୍ତି ଜେଜେମାଆ। ଦୀପାବଳୀରେ ତୁମେ ଓ ମାଆ ମିଶି ଏତେ ସୁନ୍ଦର ସୁନ୍ଦର ଖାଇବା ଦରବ କରିଛ ହେଲେ ଖବରୀ ଚଢେଇଙ୍କ ପାଇଁ କିଛି ନାହିଁ, ସେଇଥିପାଇଁ ଅରୁଆ ଚାଉଳ ଚୁନା କରୁଥିଲି।

ଇରା କାନ୍ଦିପକେଇଲେ। ବୁଦ୍ଧି ଶିଖିଲେ ନାତି ଠାରୁ। ଅରୁଆ ଚାଉଳ ଗ୍ରାଇଣ୍ଡିଙ୍ଗ କରି ବାଡ଼ିପଟେ ରଖିଲେ କୂଅ ମୂଳେ। କୋଉଠି ଥିଲେ ଖବରୀ ଚଢେଇ ସବୁ ଉଡିଆସି ଖାଉଥିଲେ ଏକତ୍ର। ତାଙ୍କ ଖାଇବା ଦେଖି ମୁନା ଖୁସିରେ ତାଳି ମାରୁଥିଲା ଆଉ ଇରା କହୁଥିଲେ ଦେଖିଲୁ ଧନ ସେମାନେ କିପରି ଏକତ୍ର ଖାଇବା, ରହିବା, ଉଡିବା ଶିଖି ମଣିଷମାନଙ୍କୁ ବାର୍ତ୍ତା ଦେଉଛନ୍ତି ଯେମିତି ଏକତାହିଁ ବଳ। ହଁ ଜେଜେମା କହି ମୁନା ଦୌଡୁଥିଲା ଛାତ ଉପରେ କିଛି ଚାଉଳ ଚୁନା ରଖିବାକୁ। ତା ପଛେ ପଛେ ଇରା।

ଦୀପାବଳୀ ସନ୍ଧ୍ୟାରେ ବାଣ ଫୁଟା, କାଉଁରିଆ କାଠି ଜଳା, ଚଉରା ପୂଜା ଓ ଏଳି ଉଡ଼ା, ଭୋଗ ଖିଆ ପରେ ବି ଜେଜେ ଜେଜେମାଙ୍କ ପାଖରେ ମୁନାକୁ ନିଦ ଆସୁନଥିଲା. ମୁନା କହୁଥିଲା ଗୋଟେ ଗପ କୁହନା ଜେଜେମା। ଜେଜେମାଆଙ୍କ ଆଖିପତା ମୁଦି ହୋଇ ଆସୁଥିଲା ତ ସେ କହିଲେ ଆଜି ଜେଜେ ଗପ କହିବେ। ଜେଜେ ସେତେବେଳକୁ କଣ ଗୋଟେ କାଗଜ ଲଫାପା ଭିତରେ ରଖୁଥିଲେ ତ ମୁନା ଦଉଡିଗଲା ଜେଜେଙ୍କ ପାଖକୁ କହିଲା କି କାଗଜ ରଖୁଛ ଜେଜେ, ଆରେ ମୁନା ସେଇଟା ମୋର ଅଙ୍ଗ ଦାନ କାଗଜ। ଅଙ୍ଗ ଦାନ କାଗଜ କଣ ଜେଜେ? ଜେଜେ ବୁଝେଇ ଦେଲେ ମଣିଷ ଜନ୍ମ ହେଲେ ନିଶ୍ଚୟ ମରିବ ଦିନେ। ମଣିଷ ମରିଗଲା ପରେ ତା ଆତ୍ମା ସିନା ଚାଲିଯାଏ କିନ୍ତୁ ଶରୀରର ଅଙ୍ଗ ପ୍ରତ୍ୟେଙ୍ଗ କିଛି ସମୟ ପାଇଁ କ୍ରିୟାଶୀଳ ବା ସକ୍ରିୟ ରହିଥାଏ। ତାହାକୁ ଯଦି ଅନ୍ୟ କୌଣସି ଦିବ୍ୟାଙ୍ଗ ଲୋକଙ୍କୁ ଦିଆଯାଏ ତ ସେହି ଲୋକ ଯଦି ଅନ୍ଧ ହୋଇଥିବ, ଦେଖିପାରିବ ଦୁନିଆଁ, ଛୋଟା ହୋଇଥିଲେ ଚାଲିପାରିବ, କାଲା ହୋଇଥିଲେ ଶୁଣି ପାରିବ। ମୁନା କହିଲା ହଁ ଜେଜେ ଏକଥା ଆମ ସାର ଓ ଗୁରୁମା ମଧ୍ୟ କହୁଥିଲେ। ମାଆ ମଧ୍ୟ ମାଛ କି ଚୁଙ୍ଗୁଡ଼ି କେଳେଇ ସାରି ଭାଜିବାକୁ ଗଲା ବେଳେ ତାର ଦେହ ମୋଡି ହୋଇଯାଉଥିବା ସହ ବେଳେ ବେଳେ କିଛି ସମୟ ଛଟପଟ ହେଉଥିବା ଦେଖି ମୁଁ ମାଆଙ୍କୁ ଏ ବିଷୟରେ ପଚାରିଥିଲି। ସେ ମଧ୍ୟ ମତେ ବୁଝେଇ ଦେଇଥିଲେ କି ଜୀବନ୍ତ ପ୍ରାଣୀ ମରିଗଲା ପରେ ତାର ଅଙ୍ଗ ପ୍ରତ୍ୟେଙ୍ଗ ଆଉ କିଛି ସମୟ ବଞ୍ଚି ରହିଥାଏ। ଏବେ ମୁଁ ବୁଝିଗଲି।

ଜେଜେ ପୁଣି କହୁଥିଲେ ନିଜ ପରିବାର ଲୋକ ମାନେ ନିଜ ଆତ୍ମୀୟମାନଙ୍କ ମୃତ ଶରୀରର ଅଙ୍ଗ ଦେବାକୁ ସହଜେ ରାଜି ହୁଅନ୍ତି ନାହିଁ କିନ୍ତୁ ଆଗରୁ ଅଙ୍ଗଦାନ ଅଫିସରେ ରେଜେଷ୍ଟ୍ରି କରିଥିଲେ, ପରିବାର ଲୋକ ଆଉ ମନା କରିପାରିବେ ନାହିଁ। ସେଇଥିପାଇଁ ମୋ ଅଙ୍ଗ ଦାନ କାଗଜ ପତ୍ର ମୁଁ ସଜାଡି ରଖିଛି ଏହି ମାଟିଆ ଖାମରେ। ମୁନା କହିଲା ମୋର ଗୋଟେ ଦିବ୍ୟାଙ୍ଗ ସାଙ୍ଗ ଅଛି ଜେଜେ। ସେ କିଛି ଦେଖିପାରେନା। ସେମାନେ ଗରୀବ ହୋଇଥିବାରୁ ସେ ଅନ୍ଧ ମୂକ ବଧିର ସ୍କୁଲରେ ନପଢି ଆମ ସରକାରୀ ବିଦ୍ୟାଳୟରେ ମୋ ସହ ପଢେ। ଶୁଣି ଶୁଣି ସେ ନଦେଖି ଏମିତି ସୁନ୍ଦର ଅକ୍ଷର ଲେଖେ ତୁମେ ନଦେଖିଲେ ବିଶ୍ୱାସ କରିବ ନାହିଁ। ତାର ମଧ୍ୟ ଖୁବ ଭଲ ସ୍ମରଣଶକ୍ତି। ସବୁ ମନେରଖେ। ଜେଜେ କହିଲେ ଏହା ମଧ୍ୟ ଏକ ବିଜ୍ଞାନ ଭିତ୍ତିକ ଖବର ମୁନା। ଯେଉଁମାନେ ଦିବ୍ୟାଙ୍ଗ ତାଙ୍କର ସ୍ମରଣଶକ୍ତି ଖୁବ ପ୍ରଖର. ଏଥର ମୁନା ପୁଣି କହୁଥିଲା ମୋର ସେହି ସାଙ୍ଗ ଯଦି କୌଣସି ମୃତ ବ୍ୟକ୍ତିର ଚକ୍ଷୁ ଦାନ ସ୍ୱରୂପ ପାଇପାରନ୍ତା ତେବେ ସେ ଦୁନିଆଁ ଦେଖି ପାରନ୍ତା। ହଉ ମୁନା ତୋ ବାପା ନିଜେ ଡାକ୍ତର। ସେ ହିଁ ଆମକୁ ଏ ବିଷୟରେ ସାହାଯ୍ୟ କରିପାରିବ। ଜେଜେମା ଡାକୁଥିଲେ ରାତି ବହୁତ ହେଲାଣି ମୁନା, ଏଥର ମାଆ କାଳୀଙ୍କୁ ମୁଣ୍ଡିଆ ମାରି ଶୋଇବୁ ଆସ, ଯେମିତି ତୋ ସ୍ୱପ୍ନ ପୁରଣ କରିବେ ମାଆ ମହାକାଳୀ କିନ୍ତୁ ଏତିକି ମାଆକୁ ମାଗିବୁ ଯେ ମୃତ ବ୍ୟକ୍ତି ସର୍ବଦା ବୟସର ଶେଷ ପାହାଚରୁ ଆସିଥାଉ। ଜେଜେ କହୁଥିଲେ ଦେଖିଲୁ ମୁନା ତୋ ଜେଜେମାଆର ମରଣକୁ କେତେ ଭୟ। ମୁନା କହୁଥିଲା ମୋ ଜେଜେମାଆ ବଞ୍ଚିଥିଲେ ପକ୍ଷୀମାନଙ୍କୁ ଖାଇବାକୁ ଦେବ। ଜେଜେ ମୁଣ୍ଡ ଟୁଙ୍ଗାରି କହୁଥିଲେ କଥାରେ ଅଛି ଚଢେଇ ପେଟ ଚିହ୍ନିବା ଲୋକ ଖୁବ କମ। ହଉ ହଉ ଶୋଇପଡ ଜେଜେମାଆ ନାତି। ସକାଳୁ ଖବରୀ ଚଢେଇମାନେ ଖାଦ୍ୟ ପାଇଁ ଆସିଯିବ ଯେ। ଆଖି ମୁଜି ଶୋଇପଡ଼ିଲା ମୁନା।

ମୁନାର ବାପା ତାଙ୍କ ନିଜ ଗ୍ରାମ ଡାକ୍ତରଖାନାର ଡାକ୍ତର. ଗାଁରେ ରହି ନିଜ ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ସହ ଆଖପାଖ ଗ୍ରାମର ଗରୀବ, ଅସହାୟ ଓ ଦରିଦ୍ରନାରାୟଣ ମାନଙ୍କୁ ଅଳ୍ପ ଖର୍ଚ୍ଚରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲକ୍ଷରେ ମୁନା ବାପା ନିଜ ଜୀବନର ଲକ୍ଷ ବୋଲି ଭାବିନେଇ ଗ୍ରାମରେ ଖୁସି ମନରେ ରୋଗୀ ସେବାରେ ବ୍ରତୀ ଥାଆନ୍ତି. ଏମିତିକି ତାଙ୍କୁ ମିଳୁଥିବା ସାମ୍ପୁଲ ଔଷଧ ସବୁକୁ ସେ ଦାନ କରିଦିଅନ୍ତି। ସେଦିନ କେହି ରୋଗୀ ନଥିବାରୁ ସେ ହସ୍ପିଟାଲରେ ବସିଥାଆନ୍ତି। ବାପା ମାଆ ଆସ୍ତେ ଆସ୍ତେ ବୟସ୍କ ହେଉଥିବାରୁ ତାଙ୍କ ଶରୀର ସୁସ୍ଥ ରହିବାର ଉପଚାର ସବୁକୁ ବାପାଙ୍କୁ ବୁଝାଇ ଶାଗ ଓ ସବୁଜ ପନିପରିବା ସବୁ ଖାଇବାକୁ ଉପଦେଶ ଦେଲାବେଳେ ଡାକ୍ତର ରବି ପଟ୍ଟନାୟକ ନିଜ ବାପାଙ୍କଠୁ ତାଙ୍କ ପୁଅ ମୁନା ମଧ୍ୟ ଆମିଷ ଖାଉନଥିବା ଜାଣି ବ୍ୟସ୍ତ ବିବ୍ରତ ହୋଇପଡନ୍ତି। ମୁନାକୁ ଡାକି ପଚାରିବାରୁ ସେ ତା ଲକ୍ଷ ପୁରଣ ହେଲେ ପୁଣି ଆମିଷ ଖାଇବ କହିଥିଲା.

ଶରୀରର ବୃଦ୍ଧି ପାଇଁ ପୁଷ୍ଟିସାର, ସ୍ନେହସାର, ଶ୍ୱେତସାର ଜାତୀୟ ଖାଦ୍ୟ ଯେତିକି ଜରୁରୀ, ମଣିଷର ନିତ୍ୟ ନୈମିତ ଜୀବନର ଚଳଣି ପାଇଁ ସମସ୍ତ ଅଙ୍ଗ ପ୍ରତ୍ୟେଙ୍ଗ ଚଳନ ସେତିକି ଜରୁରୀ ନା ବାପା। ମୋ ସାଙ୍ଗ ରାଜୁ ଗରୀବ ଓ ଦିବ୍ୟାଙ୍ଗ। ତାର ଆଖି ନାହିଁ। ଦୁନିଆଁକୁ ଦେଖିବା ପାଇଁ ଚକ୍ଷୁ ପ୍ରତିରୋପଣରେ ତୁମେ ମତେ ସାହାଯ୍ୟ କଲେ ଓ ସାହାୟକ ହେଲେ ମୋ ଶରୀର ପୁଷ୍ଟି ପାଇଁ ମୁଁ ପୁଣି ଆମିଷ ଖାଇବି ବୋଲି ଶପଥ ନେଇଛି। ଡାକ୍ତର ରବି ପଟ୍ଟନାୟକ ଆଶ୍ଚର୍ଯ୍ୟ ଆଖିରେ ଚାହିଁଲେ ବାପାଙ୍କୁ। ମୁନାର ଜେଜେ ବୁଝେଇ ଦେଇଥିଲେ ମୁନା ଅଙ୍ଗଦାନ କଥା କହୁଛି। ହଁ ଯେ ବାପା ଏହା କଣ ଏତେ ସହଜ! ଆରେ କିଛି ଅସହଜ ନୁହେଁ। କେହି ନମିଳିଲେ ମୁଁ ଓ ତୋ ମାଆ ଅଛୁ। ଆମ ଦୁହିଁଙ୍କ ଭିତରୁ ଯିଏ ଆଗ ମରିବ ତା ଆଖି ରାଜୁକୁ ଦାନ କରିବାରେ ତୁ ସାହାୟକ ହେବୁ। ବାପାଙ୍କ ପାଟିରେ ହାତ ଦେଇ ଚୁପ କରୁ କରୁ ଗୋଟେ ମୁମୂର୍ଷୁ ରୋଗୀ ଆସି ପହଞ୍ଚିଥିଲା।

ହାରି ଯାଇଥିଲେ ଡାକ୍ତର ରବି ପଟ୍ଟନାୟକ। ଚାରିଦିନ, ସଂଘର୍ଷ ପରେ ବୟସ୍କ ଅପରିଚିତ ବ୍ୟକ୍ତି ଜଣକ ଚାଲିଗଲେ। କେହି ଦାବିଦାର ନଥିଲେ ତାଙ୍କର. ତାଙ୍କୁ ବାଟରୁ ମୁମୂର୍ଷୁ ଅବସ୍ଥାରେ ହସ୍ପିଟାଲ ଆଣିଥିବା ବ୍ୟକ୍ତିଙ୍କ ପାଖରେ ତାଙ୍କ ପରିଚୟ କେହି ପାଗଳ ବା ଭିକାରୀ ଥିଲା,ତ ତାଙ୍କ ଚକ୍ଷୁ ଦୁଇଟି ରାଜୁର ଦୁଇ ଆଖିରେ, ଅସ୍ତ୍ରପୋଚାର ସାହାଯ୍ୟରେ ଯୋଡି ଦିଆଗଲା। କିଛି ଦିନ ପରେ ରାଜୁ ଆଖିରୁ ବ୍ୟାଣ୍ଡେଜ ଖୋଲାହେବାର ଥାଏ। ଏ ଭିତରେ ରବି ପଟ୍ଟନାୟକ ତାଙ୍କ ବାପା ମାଆଙ୍କ ସହ ମିଶି ସେହି ଅପରିଚିତ ବୟସ୍କ ବ୍ୟକ୍ତିଙ୍କର ଶୁଦ୍ଧି କ୍ରିୟା ସମାପ୍ତ କରି ସାରିଥିଲେ। ସେଦିନ ରାଜୁର ଆଖିରୁ ପଟି ଖୋଲା ହେଲା ପରେ ସେ ପ୍ରଥମେ ମୁନାକୁ ଦେଖିଥିଲା। ରାଜୁର ପିତା ମାତା ଓ ଗ୍ରାମବାସୀ ମୁନା ଓ ତା ପରିବାର ତଥା ତା ପିତାଙ୍କୁ ସାଧୁ ସାଧୁ ବୋଲି କହୁଥିବା ବେଳେ ରାଜୁ ମୁନା ସହ ସ୍କୁଲ ଯାଉଥିଲା ଖୁସିରେ। ମୁନାର ଜେଜେମା ମଧ୍ୟ ଅଙ୍ଗଦାନ ମହାପୂଣ୍ୟ କହି ନିଜ ଅଙ୍ଗ ପ୍ରତ୍ୟେଙ୍ଗ ଦାନ କରିବା କାଗଜ ପତ୍ର ସଜାଡୁଥିଲେ। ରାଜୁ କିନ୍ତୁ ସେହି ଅପରିଚିତ ବ୍ୟକ୍ତିଙ୍କ ଫୋଟୋରେ ସବୁଦିନ ସଜ ଫୁଲମାଳ ଦେବାକୁ ଭୁଲୁ ନଥିଲା। ଖବରୀ ଚଟିଆକୁ ଖାଇବାକୁ ଦେବା ସହ ଅନ୍ୟାନ୍ୟ ପଶୁ ପକ୍ଷୀଙ୍କୁ ମଧ୍ୟ ଖାଇବାକୁ ଦେବାକୁ ଭୁଲି ନଥିଲେ ଜେଜେମା ଇରା।

ସାକ୍ଷୀଗୋପାଳ, ପୁରୀ
ଦୂରଭାଷ : ୯୦୪୦୯୭୭୩୨୭

# କୋଣାର୍କ ଉତ୍ସବ ଓ ଆନ୍ତର୍ଜାତିକ ବାଲୁକା ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

**କୋଣାର୍କ :** ବୁଧବାର ପୂର୍ବାହ୍ଣ ୧୧ଟା ସମୟରେ କୋଣାର୍କ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଓଡିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଡ଼ିସେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଯାଉଥିବା କୋଣାର୍କ ଉତ୍ସବ-୨୦୨୩ ଓ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ପର୍ଯ୍ୟଟନ ବିଭାଗର ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ, ରାଜ୍ୟ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ ଆର ଯାଦବ, ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା, ପର୍ଯ୍ୟଟନ ଉନ୍ନୟନ ନିଗମର ଅଧକ୍ଷ ଲେଲିନ ମହାନ୍ତି, ପର୍ଯ୍ୟଟନ ବିଭାଗର ସହ ନିର୍ଦ୍ଦେଶକ ବିଶ୍ୱଜିତ ରାଉତରାୟ, ଅନ୍ତର୍ଜାତୀୟ ବାଲୁକାକଳା ପ୍ରଦର୍ଶନୀର ବ୍ରାଣ୍ଡ ଆମ୍ବାସାଡ଼ର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଓଡିଶା ସଂଗୀତା ନାଟକ ଏକାଡେମୀର ଅଧକ୍ଷା ଅରୁଣା ମହାନ୍ତି, କୋଣାର୍କ ଏନଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ଅତିରିକ୍ତ ଏସପି ବିଷ୍ଣୁପ୍ରସାଦ ପତି ଏଏସଆଇ, ହସ୍ତତନ୍ତ




ଓ ହସ୍ତଶିଳ୍ପ ବିଭାଗ, ଦୂରଦର୍ଶନ କେନ୍ଦ୍ରର, ରାଜପଥ, ବିଦ୍ୟୁତ ବିଭାଗର ଅଧିକାରୀଙ୍କ ସମେତ କୋଣାର୍କ ଉତ୍ସବ ସହ ଜଡିତ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ଗଣମାଧମର ପ୍ରତିନିଧିମାନେ ଯୋଗଦେଇ ଥିଲେ । ଚଳିତ ବର୍ଷ କୋଣାର୍କ ଉତ୍ସବ ସମୟରେ ମୁକ୍ତାକାଶ ରଙ୍ଗମଂଚରେ ଦର୍ଶକମାନେ ନୃତ୍ୟ ଓ ସଙ୍ଗୀତ ଉପଭୋଗ କରିବା ସହିତ ଦିନବେଳା ଚନ୍ଦ୍ରଭାଗାରେ ଆୟୋଜିତ ହେଉଥିବା ଆନ୍ତର୍ଜାତିକ ବାଲୁକା କଳା ପ୍ରଦର୍ଶନୀ ବୁଲି ଦେଖିପାରିବେ । ଏଥିପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି । ଚଳିତ ବର୍ଷର ଉତ୍ସବକୁ ପୁରୀ, ଭୁବନେଶ୍ୱର ଓ ଅନ୍ୟାନ୍ୟ ସହରର ଜନଗହଳି ପୂର୍ଣ୍ଣ ସ୍ଥାନମାନଙ୍କରେ ବଡ ବଡ ସ୍କିନ୍ ଲଗାଯାଇ ସିଧା ପ୍ରଶାରଣ କରାଯିବା ପାଇଁ ନିଷ୍ପତି ନିଆଯାଇଛି । ଏଯାବତ ପର୍ଯ୍ୟଟନ ବିଭାଗର ୱେବସାଇଟରେ କୋଣର୍କ ଉତ୍ସବ-୨୦୨୩ ସମ୍ପର୍କରେ କୌଣସି ସୂଚନା ଡାଉନଲୋଡ କରାଯାଇ ନ ଥିବାବେଳେ କୋଣାର୍କ ଉତ୍ସବକୁ ଦେଖିବା ପାଇଁ ଆସୁଥିବା ପର୍ଯ୍ୟଟକଙ୍କୁ ଉତ୍ସବ ସମ୍ପର୍କରେ ସବିଶେଷ ସୂଚନା ମିଳିପାରୁ ନଥିବାରୁ ନୃତ୍ୟ ପ୍ରେମି ପର୍ଯ୍ୟଟକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ପର୍ଯ୍ୟଟନ ବିଭାଗ ପକ୍ଷରୁ ଚଳତ ବର୍ଷ ଉତ୍ସବର ବ୍ୟବସ୍ଥା ସମ୍ପର୍କରେ ଗଣମାଧ୍ୟମକୁ ଦିଆଯାଇଥିବା ସୂଚନାନୁଯାୟୀ ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶିତ ହେଉଥିବା ମୁକ୍ତାକାଶ ରଙ୍ଗମଞ୍ଚ, ଚନ୍ଦ୍ରଭାଗାରେ ସ୍ୱର୍ଣ୍ଣିମ ବେଳାଭୂମିରେ ଆନ୍ତର୍ଜାତିକ ବାଲୁକା କଳା ପ୍ରଦର୍ଶନୀ, ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଓ ଚିତ୍ରଶିଳ୍ପୀଙ୍କ ଚିତ୍ରକଳା ପ୍ରଦର୍ଶନୀ, ସାଇକଲ ଥୋନ, ଗଣଦୌଡ, ଝୋଟି ଚିତା ଓ ମୁକ୍ତାକାଶ ରଙ୍ଗମଂଚ ପରିସରରେ ଆୟୋଜିତ ସାହିତ୍ୟ ଆସର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ । ଡିସେମ୍ବର ୧ ତାରିଖ ଠାରୁ ପ୍ରତ୍ୟହ ସନ୍ଧ୍ୟା ୬ ଟାରୁ ରାତି ୮ଟା ୩୦ ମିନିଟ ପର୍ଯ୍ୟନ୍ତ ମୁକ୍ତାକାଶ ରଙ୍ଗମଂଚରେ ଦୁଇଟି ପର୍ଯ୍ୟାୟରେ ଶାସ୍ତ୍ରୀୟ ନୃତ୍ୟ ସଙ୍ଗୀତର ମହା କୁମ୍ଭରେ ପ୍ରତ୍ୟେହ ଓଡିଶୀ ନୃତ୍ୟ ସହିତ କଥକ, ମଣିପୁରୀ, ମୋହିନୀଆଟମ, ଭାରତନାଟ୍ୟମ୍ ଏବଂ କୁଚିପୁଡି ନୃତ୍ୟ ପ୍ରଦର୍ଶିତ ହେବ । ଚନ୍ଦ୍ରଭାଗାର ବେଳାଭୂମିରେ ଆୟୋଜିତ ହେଉଥିବା ବାଲୁକା କଳା ପ୍ରଦର୍ଶନୀରେ ଚଳିତ ବର୍ଷ ଦେଶ ବିଦେଶର ବାଲୁକା ଶିଳ୍ପୀମାନଙ୍କୁ ନେଇ ବାଲୁକା କଳା ପ୍ରଦର୍ଶନ କରାଯିବ ବୋଲି ଅନ୍ତର୍ଜାତୀୟ ବାଲୁକାକଳା ପ୍ରଦର୍ଶନୀର ବ୍ରାଣ୍ଡ ଆମ୍ବାସାଡ଼ର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ସୂଚନା ଦେଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପାଣ୍ଠି ଖର୍ଚ୍ଚ ...

ଉନ୍ନୟନ ପାଣ୍ଠି (ଏଏମଏଲ୍ ଲ୍ୟାଡ୍) ପରିମାଣ ୨୦୨୦-୨୧ରୁ ବାର୍ଷିକ ୩କୋଟି ଟଙ୍କାକୁ ବୃଦ୍ଧି ପାଇବା ପରେ ୧୪୭ ବିଧାୟକଙ୍କ ନିମନ୍ତେ ମୋଟ ୪୪୧ କୋଟି ଟଙ୍କା ଲେଖାଏଁ ମଞ୍ଜୁର ହୋଇଛି । ତେବେ ଏଥିରୁ ୨୦୨୦-୨୧ରେ ୧୫୪.୦୯ କୋଟି ଟଙ୍କା(ପ୍ରାୟ ୩୫%), ୨୦୨୧-୨୨ରେ ୨୦୮.୬୭କୋଟି ଟଙ୍କା(ପ୍ରାୟ ୪୭.୩୧%) ଓ ୨୦୨୨-୨୩ରେ ୨୮୭.୪୫ କୋଟି ଟଙ୍କା (ପ୍ରାୟ ୬୫.୧୮%) ଖର୍ଚ୍ଚ ନହୋଇ ପଡ଼ିରହିଛି । ଏହି ଅର୍ଥ ଖର୍ଚ୍ଚ ନହୋଇ ବର୍ଷ ବର୍ଷ ପଡ଼ି ରହିବାକୁ ନେଇ ମନ୍ତ୍ରୀ ଶ୍ରୀ ଢୋଲକିଆ କହିଛନ୍ତି ଯେ, ସମ୍ପୃକ୍ତ ବିଧାୟକମାନଙ୍କ ଦ୍ୱାରା ପ୍ରକଳ୍ପ ସୁପାରିଶରେ ବିଳମ୍ବ, ପ୍ରକଳ୍ପକୁ ଅନ୍ୟତ୍ର ସ୍ଥାନାନ୍ତର ସୁପାରିଶରେ ବିଳମ୍ବ, ଯୋଗ୍ୟ ସରକାରୀ ଜମି ନଥିବା ଓ ବିବାଦୀୟ ଜମି, ସ୍ଥାନୀୟ ବିବାଦ, କେତେକ ଘଟଣାରେ ପ୍ରକଳ୍ପ ମଞ୍ଜୁର ଓ ପାଣ୍ଠି ପ୍ରଦାନରେ ବିଳମ୍ବ ଯୋଗୁ ନିର୍ଦ୍ଧାରିତ ଅବଧିରେ ପ୍ରକଳ୍ପଗୁଡ଼ିକ ସରିପାରୁନି । ଯେଉଁଥିପାଇଁ କୋଟି କୋଟି ଟଙ୍କା ପାଣ୍ଠି ପଡ଼ି ରହୁଛି ବୋଲି ସେ ସୂଚନା ଦେଇଛନ୍ତି । ସେହିପରି ସାଂସଦ ପାଣ୍ଠି ବାବଦରେ ୨୦୨୦-୨୧ରେ ରାଜ୍ୟକୁ ମୋଟ ୫.୫୮କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ସେଥିରୁ ମାତ୍ର ୧.୧୦କୋଟି ଟଙ୍କା, ୨୦୨୧-୨୨ରେ ୭୬.୪୩କୋଟି ଟଙ୍କା ମଧ୍ୟରୁ ୨୩.୪୨କୋଟି ଟଙ୍କା ଓ ୨୦୨୨-୨୩ରେ ୧୦୧.୯୮କୋଟି ଟଙ୍କା ମଧ୍ୟରୁ ୫୦.୧୫କୋଟି ଟଙ୍କା ଖର୍ଚ୍ଚ ହୋଇଛି ବୋଲି ବିଧାୟକ ନବଚରଣ ମାଝୀଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ଶ୍ରୀ ଢୋଲକିଆ ସୂଚନା ଦେଇଛନ୍ତି ।

### କୁଆଡେ ଗଲା ...

୧ ଲକ୍ଷ ୮୩ ହଜାର ୨୫ ମେଟ୍ରିକ ଟନ କ୍ଷମତାର ସଂରକ୍ଷଣ ଗୃହ ଅଛି । ତେଣୁ ପର୍ଯ୍ୟାପ୍ତ ପରିମାଣର ସଂରକ୍ଷଣ ଗୃହ ଅଭାବରୁ ଚାହିଦା ଠାରୁ ଅଧିକ ପିଆଜ ଉତ୍ପାଦନ ହେଉଥିଲେ ମଧ୍ୟ ବର୍ଷର ଅଧିକାଂଶ ସମୟରେ ପିଆଜ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଛି ଓଡିଶା । ବର୍ତ୍ତମାନ ରାଜ୍ୟରେ କେବଳ ୩୬ଟି ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ଅଛି । ଆଉ ଏଗୁଡିକର ସଂରକ୍ଷଣ କ୍ଷମତା ମାତ୍ର ୧ ଲକ୍ଷ ୭୯ ହଜାର ୭୦୦ ମେଟ୍ରିକ ଟନ୍ । ତେବେ କେବଳ ଆଳୁ କି ପିଆଜ ନୁହେଁ, ଚାଉଳକୁ ଛାଡି ଦେଲେ ଅନେକ ଖାଉଟି ସାମଗ୍ରୀର ଚାହିଦା ମେଣ୍ଟାଇବା ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଛି ଓଡ଼ିଶା । ଏପରିକି ୪୮୦ କିମି ଦୀର୍ଘ ସମୁଦ୍ର ବେଳା ଭୂମି ଥିବା ସତ୍ତ୍ୱେ ଲୁଣ ପାଇଁ ମଧ୍ୟ ଓଡିଶା ଅନ୍ୟ ରାଜ୍ୟର ହାତ ଟେକା ଭରସାରେ ରହୁଛି । ସବୁ ବ୍ଲକରେ ଶୀତଳ ଭଣ୍ଡାର ତିଆରି କରାଯିବ ବୋଲି ୨୦୧୪ ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା ବିଜେଡି । କିନ୍ତୁ ସବୁ ବ୍ଲକ କଥା ଛାଡନ୍ତୁ । ରାଜ୍ୟର ମାତ୍ର ୧୯ଟି ଜିଲ୍ଲାରେ ୩୬ଟି ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ସ୍ଥିତିରେ ଅଛନ୍ତି ବୋଲି ସରକାର ଦେଉଥିବା ତଥ୍ୟ ହିଁ କଖାଣୁଛି କଥା ଓ କାମରେ କେତେ ରହିଛି ଫରକ ।

### ଅଧିକ ...

ଏସଂକ୍ରାନ୍ତ କ୍ୟାବିନେଟ୍ ନିଷ୍ପତ୍ତି ପ୍ରତ୍ୟାହୃତ ହୋଇଛି ବୋଲି ବିଶ୍ୱାସ କରାଯାଉଛି । ତେବେ ମନ୍ତ୍ରୀ ବିଧାନସଭାରେ କାହିଁକି ଏହା ପ୍ରତ୍ୟାହୃତ ହେଲା ବୋଲି କହିଲେନି ତାହା ସନ୍ଦେହଜନକ । ନଭେମ୍ବର ୧୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ରେଗୁଲେସନ-୨,୧୯୫୬ର ସଂଶୋଧନ ପ୍ରସ୍ତାବ (ଆଦିବାସୀଙ୍କ ଜମିକୁ କିଣିପାରିବେ ଅଣଆଦିବାସୀ)କୁ ମଞ୍ଜୁରୀ ମିଳିଥିଲା । ଆଦିବାସୀମାନେ ଅଣ ଆଦିବାସୀଙ୍କୁ ଜମି ହସ୍ତାନ୍ତର କରିବା ସହ ଶିକ୍ଷା, ଶିଳ୍ପ ଓ ବ୍ୟବସାୟ ପାଇଁ ବ୍ୟାଙ୍କରେ ଜମିକୁ ବନ୍ଧକ ରଖିପାରିବେ ବୋଲି ପ୍ରସ୍ତାବରେ ଉଲ୍ଲେଖ ଥିଲା । ମାତ୍ର ଏହି ବିବାଦୀୟ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର ମାରିବା ଦିନଠାରୁ ହିଁ ବିବାଦ ଆରମ୍ଭ ହୋଇଥିଲା । ବିରୋଧୀ ବିଜେପି ଓ କଂଗ୍ରେସ ସରକାରଙ୍କୁ ଏହି ଆଦିବାସୀ ମାରଣ ନୀତି ଲାଗି କଡ଼ା ଭାଷାରେ ସମାଲୋଚନା କରିଥିଲେ । ଏହାଦ୍ୱାରା ଆଦିବାସୀଙ୍କ ଜମି ସୁରକ୍ଷିତ ରହିବ ନାହିଁ ବରଂ କମ୍ ଦାମରେ ଅନ୍ୟମାନେ ଜମିକୁ ହଡ଼ପ କରିନେବେ ବୋଲି କହିଥିଲେ । ଖାଲି ସେତିକି ନୁହେଁ, ଏହି ସମ୍ପ୍ରଦାୟ ଯେ ସମ୍ପୂର୍ଣ୍ଣ ଭୂମିହୀନ ହୋଇଯିବେ ସେ ଆଶଙ୍କାକୁ ବି ଏଡ଼ା ଯାଇ ନପାରେ ବୋଲି ଅଭିଯୋଗ ଉଠିଥିଲା । ଆଦିବାସୀଙ୍କ ଜମିକୁ ଅଣଆଦିବାସୀଙ୍କୁ ବିକ୍ରି କରାଯାଇପାରିବ ବୋଲି କ୍ୟାବିନେଟ୍ ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ବିଜେପି ଦାବି କରିଥିଲା । କେବଳ ଜମି ମାଫିଆ ଓ ଠିକାଦାରଙ୍କ ହାତରେ ଗରିବ ଆଦିବାସୀଙ୍କ ଜମିକୁ ଟେକି ଦେବାକୁ ରାଜ୍ୟ ସରକାର ଏଭଳି ଷଡ଼ଯନ୍ତ୍ର କରିଛନ୍ତି ବୋଲି ବିଜେପି ଅଭିଯୋଗ କରିଥିଲା । ସରକାରଙ୍କ ଏଭଳି ଆଦିବାସୀ ବିରୋଧୀ ଓ ଅଗଣତାନ୍ତ୍ରିକ ନିଷ୍ପତ୍ତିକୁ ବିଜେପି ଦୃଢ଼ ବିରୋଧ କରିବା ସହ କେଉଁ ଅଣଓଡ଼ିଆ ବ୍ୟବସାୟୀଙ୍କୁ ଫାଇଦା ନେବାକୁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି ବୋଲି ପ୍ରଶ୍ନ କରିଥିଲା । ରାଜ୍ୟ ସରକାର ଆଣିଥିବା ଏହି ନିୟମ ଲାଗୁ ହେଲେ ଆଦିବାସୀମାନେ ନିଜର ଜମି ହରାଇବା ସହ ଜାବିକା ମଧ୍ୟ ହରାଇବେ । ତେଣୁ ବିଜେଡି ସରକାର ନିଜର ଆଦିବାସୀବିରୋଧୀ ମନୋଭାବକୁ ପ୍ରତ୍ୟାହାର ନକଲେ ବିଜେପି ଆଗାମୀ ଦିନରେ ସବୁ ଆଦିବାସୀ ସମାଜକୁ ସାଙ୍ଗରେ ନେଇ ରାଜରାସ୍ତାରେ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଥିଲା । କ୍ୟାବିନେଟର ଏହି ନିଷ୍ପତ୍ତିକୁ କଂଗ୍ରେସ ମଧ୍ୟ ଦୃଢ଼ ବିରୋଧ କରିଥିଲା । ଆଦିବାସୀମାନଙ୍କ ଜମିକୁ ଲୁଟ୍ ପାଇଁ ଏଭଳି ସରକାରୀ ଷଡ଼ଯନ୍ତ୍ର ହୋଇଛି ବୋଲି କହି ରାଜ୍ୟ ସରକାରଙ୍କୁ କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତି କଡ଼ା ଭାଷାରେ ସମାଲୋଚନା କରିଥିଲେ । ବିରୋଧୀଙ୍କ ବାରମ୍ବାର ଆକ୍ରମଣ ପରେ ନଭେମ୍ବର ୧୪ ତାରିଖର କ୍ୟାବିନେଟ୍ ନିଷ୍ପତ୍ତିକୁ ୧୬ ତାରିଖରେ ସ୍ଥଗିତ ରଖାଗଲା ବୋଲି ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ସୋଶାଲ ମିଡିଆରେ ଘୋଷଣା କଲେ । ତେବେ କ୍ୟାବିନେଟ୍ ନିଷ୍ପତ୍ତିକୁ ଜଣେ ମନ୍ତ୍ରୀ ବା ବିଭାଗୀୟ ସଚିବ ସ୍ଥଗିତ କରିପାରିବେ ନାହିଁ ବୋଲି ପୁଣି ଥରେ ବିରୋଧୀ ଆଲୋଚନା କରିବାକୁ ଶେଷରେ ନଭେମ୍ବର ୨୪ ତାରିଖ ସକାଳେ କ୍ୟାବିନେଟ୍ ବୈଠକ ବସି ୧୪ ତାରିଖର କ୍ୟାବିନେଟ୍ ନିଷ୍ପତ୍ତି ରଦ୍ଦ କରିବା ସହିତ ଏହି ଅଧିନିୟମରେ ପୁନର୍ବାର ସଂଶୋଧନ ପାଇଁ ଆଦିବାସୀ ଉପଦେଷ୍ଟା ପରିଷଦକୁ ପଠାଯାଇଛି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ବିଧାନସଭାରେ ଘୋଷଣା କରିଛନ୍ତି । ଆଦିବାସୀ ଜମି ବିକ୍ରି ପ୍ରସଙ୍ଗକୁ ଆଦିବାସୀ ଉପଦେଷ୍ଟା ପରିଷଦକୁ ପଠେଇବାର ଆବଶ୍ୟକତା ନଥିଲା ବୋଲି ବୋଲି କହିଛନ୍ତି କଂଗ୍ରେସ ବିଧାୟକ ନରସିଂହ ମିଶ୍ର । ସେ କହିଛନ୍ତି, ଚାହିଁଥିଲେ କ୍ୟାବିନେଟ ସେହି ନିଷ୍ପତ୍ତିକୁ ପ୍ରତ୍ୟାହାର କରିପାରିଥାନ୍ତା । ଯେହେତୁ ଏହି ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ଆସିଥିଲା, ତେଣୁ ତରବରିଆ ଭାବେ ପୁନର୍ବିଚାର କରିବାକୁ କହିଛନ୍ତି ରାଜ୍ୟ ସରକାର । ଆଦିବାସୀ ଉପଦେଷ୍ଟା ପରିଷଦକୁ ପଠାଇ ସ୍ଥିତିକୁ ଗୋଳମାଳିଆ କରିବାକୁ ରାଜ୍ୟ ସରକାର ଉଦ୍ୟମ କରିଥିବା ସେ କହିଛନ୍ତି ।

### ଶୀତ ଅଧିବେଶନ ...

ଦିବଂଗତ ସଦସ୍ୟଙ୍କ ସମ୍ମାନରେ ଶୋକ ପ୍ରସ୍ତାବ ଆଗତ ହୋଇ ଗୃହ ମୁଲତବୀ ହୋଇଥିଲା । ଦ୍ୱିତୀୟ ଦିନରେ ଆଦିବାସୀଙ୍କ ଜମି ଅଣଆଦିବାସୀଙ୍କୁ ହସ୍ତାନ୍ତର ପ୍ରସଙ୍ଗରେ ଉଭୟ ବିରୋଧୀ କଂଗ୍ରେସ ଓ ବିଜେପି ସଦସ୍ୟମାନେ ଦିନତମାମ ହଟ୍ଟଗୋଳ ଜାରି ରଖିଥିଲେ । ଗୃହରେ କୌଣସି କାର୍ଯ୍ୟ ସମ୍ଭବପର ହୋଇନଥିଲା । ତୃତୀୟ ଦିନରେ ଗୃହ କାର୍ଯ୍ୟ ପ୍ରଥମାର୍ଦ୍ଧରେ ଅଚଳାବସ୍ଥା ରହିଥିଲା ଓ ଦ୍ୱିତୀୟାର୍ଦ୍ଧ ଗୃହ ସ୍ୱାଭାବିକ ହୋଇଥିଲା । ଗୃହରେ ବିରୋଧୀ ସଦସ୍ୟମାନେ ଆଦିବାସୀ ଜମି ହସ୍ତାନ୍ତର ପ୍ରସଙ୍ଗକୁ ନେଇ ନିଜର ମତ ଉପସ୍ଥାପନ କରିବା ସହ ତୁରନ୍ତ କ୍ୟାବିନେଟ୍ ନିଷ୍ପତ୍ତି ପ୍ରତ୍ୟାହାର ଦାବି କରିଥିଲେ । ଓଡ଼ିଶା ଭୂସଂସ୍କାର ସଂଶୋଧନ ବିଲ୍ ଉପରେ ଆଲୋଚନା ହୋଇଥିଲା । ସୂଚନାଯୋଗ୍ୟ, ଚଳିତ କ୍ୟାଲେଣ୍ଡର ବର୍ଷରେ ବଜେଟ୍ ଅଧିବେଶ ଫେବୃୟାରୀ ୨୧ରୁ ଏପ୍ରିଲ ୬ତାରିଖ ପର୍ଯ୍ୟନ୍ତ ମୋଟ ୨୭ଦିନ ବସିବାର କାର୍ଯ୍ୟସୂଚୀ ଥିଲା । କିନ୍ତୁ ଗୃହ ମାତ୍ର ୨୩ଦିନ ଚାଲିଥିଲା । ସେହିପରି ମୌସୁମୀ ଅଧିବେଶନ ସେପ୍ଟେମ୍ବର ୨୨ରୁ ଅକ୍ଟୋବର ୪ତାରିଖ ପର୍ଯ୍ୟନ୍ତ ମୋଟ ୮ଦିନ ବସିବାର ଥିଲା । କିନ୍ତୁ ଗୃହ ୭ଦିନ ଚାଲିଥିଲା । ଏବେ ଶୀତ ଅଧିବେଶନ ୩୦ଦିନ ବସିବାର ଥିଲା କିନ୍ତୁ ମାତ୍ର ୪ଦିନରେ ଶେଷ ହୋଇଛି । ଅର୍ଥାତ୍ ଚଳିତ କ୍ୟାଲେଣ୍ଡର ବର୍ଷରେ ଗୃହ ମାତ୍ର ୩୪ଦିନ ଚାଲିବା ସମ୍ଭବପର ହୋଇଛି । ନବୀନ ପଟ୍ଟନାୟକ ସରକାରର ପଞ୍ଚମ ପାଳି ଅବା ଷୋଡ଼ଶ ବିଧାନସଭାରେ ଅଧିବେଶନର ଅବଧି କୌଣସି କ୍ୟାଲେଣ୍ଡର ବର୍ଷରେ ୬୦ଦିନ ଚାଲି ପାରୁନଥିବା ଜଣାପଡ଼ିଛି । ନବୀନ ପଟ୍ଟନାୟକ ୨୦୦୦ ମସିହାରୁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପରଠୁ ବିଧାନସଭା ମାତ୍ର ୩ଥର ଅର୍ଥାତ୍ ୨୦୦୬, ୨୦୦୯ ଓ ୨୦୧୨ କ୍ୟାଲେଣ୍ଡର ବର୍ଷରେ ଅଧିବେଶନ ୬୦ଦିନ ବସିପାରିଥିଲା । ୨୦୨୨ ମସିହାରେ ବିଧାନସଭା ମାତ୍ର ୩୭ଦିନ ଚାଲି ପାରିଥିଲା । ବିଧାନସଭା ପ୍ରତିବର୍ଷ ଅତିକମରେ ୬୦ଦିନ ବସିବାର ପ୍ରାବଧାନ ଥିବାବେଳେ ନବୀନ ପଟ୍ଟନାୟକ ସରକାର ନିଜ ମନମୁଖୀ ଓ ସୁହାଇବା ଭଳି ଏହାର ଅବଧିକୁ ହ୍ରାସ କରିବାକୁ ପଛାଇ ନାହାନ୍ତି ।

### ଗରିବ ଲୋକଙ୍କୁ ...

ସ୍ୱାମୀ ନାରାୟଣ ମନ୍ଦିର ପରିସରରେ ଶ୍ରୀଜଗନ୍ନାଥ ମନ୍ଦିର ତିଆରିରେ ଓଡ଼ିଆ ମୂର୍ତ୍ତି କାରିଗରମାନେ କାମ କରୁଛନ୍ତି । ଆଜି ବି ଓଡ଼ିଆ କାରିଗରୀ ଚକିତ କରିବା ଭଳି । ଶ୍ରୀକ୍ଷେତ୍ର ପୁରୀ ଓ ମହାପ୍ରଭୁଙ୍କ ବିଧିବ୍ୟବସ୍ଥା ସହ ଯୋଡି ହୋଇଥିବା ସେବାୟତ ମାନେ ଏହି ଯୋଜନାର ସବୁଠୁ ବଡ ଲାଭାର୍ଥୀ । ତେଣୁ ପିଏମ ବିଶ୍ୱକର୍ମା ଯୋଜନାରେ ପାରମ୍ପରିକ ଓଡ଼ିଆ କାରିଗରଙ୍କୁ ଯୋଡିବା ସହ ପଞ୍ଜିକରଣକୁ ଆହୁରି ୟୁଜର ଫ୍ରେଣ୍ଡଲି କରିବା ଉପରେ ମଧ୍ୟ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ବିକଶିତ ଭାରତ ପାଇଁ ପ୍ରସ୍ତୁତ । ସମାଜରେ ଅନ୍ତିମ ଶ୍ରେଣୀରେ ଥିବା ଲୋକଙ୍କ ବିକାଶ ଦ୍ୱାରା ବିକଶିତ ଭାରତ ଗଠନ ହୋଇପାରିବ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ବିଶ୍ୱକର୍ମା ଯୋଜନାକୁ ନେଇ ଥିବା ହିତାଧିକାରୀ ମାନଙ୍କର ଅନୁଭୂତି ଶୁଣିଥିଲେ । ସମାରୋହରେ ବିଶ୍ୱକର୍ମା ଗୁରୁମାନେ ଯୋଜନା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଲିଖିତ ଧନ୍ୟବାଦ ପତ୍ର ଦେଇଥିବାରୁ ସେମାନଙ୍କୁ କୃତଜ୍ଞତା ଜଣାଇଥିଲେ ।

### ତ୍ରିମୁଖୀ ...

ସହ ସିଧାସଳଖ ସଂପର୍କ ସ୍ଥାପନ ଦ୍ୱାରା ନବରଙ୍ଗପୁର ଜିଲ୍ଲାରେ ବିଜେପିର ସ୍ଥିତି ମଧ୍ୟ ମଜବୁତ ହେବାକୁ ଲାଗିଛି । ପ୍ରତ୍ୟେକ ଦିଗରୁ ଶକ୍ତି ଦେଖାଉ ଥିବା ବିଜେଡି ସହ ଏଥର କିନ୍ତୁ ବିଜେପି କଡ଼ା ଟକ୍କର୍ ଦେବାକୁ ପ୍ରସ୍ତୁତ । ଗ୍ରାମାଞ୍ଚଳରେ ବର୍ତ୍ତମାନ ମଧ୍ୟ କଂଗ୍ରେସର ବହୁ ପୁରୁଣା କର୍ମୀ ସକ୍ରିୟ ଥିବା କାରଣରୁ ଯଦି ପ୍ରାର୍ଥୀ ଚୟନରେ ସଠିକ୍ ନିର୍ଣ୍ଣୟ ହୋଇଯାଏ ତାହେଲେ କଂଗ୍ରେସର ଭୋଟ ନବରଙ୍ଗପୁର ନିର୍ବାଚନ ମଣ୍ଡଳୀ ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହେବ ! ବର୍ତ୍ତମାନର ଲୋକସଭା ସାଂସଦ ରମେଶ ମାଝୀ ଜଣେ ଦକ୍ଷ ନେତା ଅଟନ୍ତି । ବଳଭଦ୍ର ମାଝୀଙ୍କ ସ୍ୱଚ୍ଛ ଓ ସରଳ ସ୍ୱଭାବ ମଧ୍ୟ ଦଳୀୟ କର୍ମୀଙ୍କୁ ଆକୃଷ୍ଟ କରି ପାରିଛି । ସେହିଭଳି ପୂର୍ବତନ ଡାବୁଗାଁ ବିଧାୟକ ଭୁଜବଳ ମାଝୀ ମଧ୍ୟ କଂଗ୍ରେସରେ ଅଧିକ ଗ୍ରହଣୀୟ ହୋଇ ପାରିଛନ୍ତି । ସ୍ଥିତି ଅସ୍ପଷ୍ଟ ଥିଲେ ମଧ୍ୟ ବିଜେଡିରୁ ରମେଶ ଚନ୍ଦ୍ର ମାଝୀ, ବିଜେପିରୁ ବଳଭଦ୍ର ମାଝୀ ଏବଂ କଂଗ୍ରେସରୁ ଭୁଜବଳ ମାଝୀ ନବରଙ୍ଗପୁର ଲୋକସଭା ପ୍ରାର୍ଥୀ ହୋଇ ପାରନ୍ତି । କିନ୍ତୁ ପ୍ରାର୍ଥୀ ଘୋଷଣା ହେବା ପରେ ହିଁ ନିର୍ବାଚନର ରୋଚକ ତଥ୍ୟ ପ୍ରକାଶ ପାଇବ ବୋଲି ଏବେ ଠାରୁ ଭୋଟରଙ୍କ ମନରେ ଆଲୋଚନା ଛାଳିଛି ।

### ଯକ୍ଷ୍ମା ଓ ଭାଇରାଲ ..

ସମ୍ପ୍ରତି ଆଣ୍ଠୁ ଗଣ୍ଠି, ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରୁଥିବା ରୋଗର ଉପଚାରରେ ଏହି ପ୍ରୋଟିନ୍‌ର କ'ଣ ଭୂମିକା ରହିଛି ତାହା ଉପରେ ମଧ୍ୟ ଗବେଷଣା ଆରମ୍ଭ ହୋଇଛି । ଗବେଷଣାର ପ୍ରାଥମିକ ରିପୋର୍ଟ ଅତ୍ୟନ୍ତ ଉତ୍ସାହଜନକ ରହିଛି ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି । ଆଇଏଲ୍ଏସ୍ ବୈଜ୍ଞାନିକଙ୍କର ଏହି ସଫଳତା ସମ୍ପର୍କରେ ସମ୍ମାନଜନକ ପିଏଲ୍ଏସ୍ ବାୟୋଲୋଜି ଏବଂ ଅଟୋଫାଜି ପତ୍ରିକାରେ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଛି । ୨୦୨୫ ମସିହା ସୁଦ୍ଧା ଦେଶକୁ ଯକ୍ଷ୍ମାମୁକ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର । ଏଭଳି ସମୟରେ ଆଇଏଲ୍ଏସ୍ ଭୁବନେଶ୍ୱରର ଏହି ନୂଆ ଆବିଷ୍କାର ସରକାରଙ୍କ ଯକ୍ଷ୍ମା ଦୂରୀକରଣ ଟାର୍ଗେଟକୁ ବଳ ଯୋଗାଇବ । ଆଇଏଲ୍ଏସ୍ ବୈଜ୍ଞାନିକ କହିଛନ୍ତି, କେତେକ ଆମିନୋ ଏସିଡ୍ ଦ୍ୱାରା ଶରୀରରେ ଏହି ହୋଷ୍ଟ ପ୍ରୋଟିନ ମାତ୍ରା ବଢୁଥିବା ଏବେ ଗବେଷଣାରୁ ଜଣାପଡ଼ିଛି । ଯକ୍ଷ୍ମା ଔଷଧ ସହ ରୋଗୀଙ୍କୁ ଏହି ଆମିନୋ ଏସିଡ୍‌କୁ ସପ୍ଲିମେଣ୍ଟ ଭାବେ ଦିଆଯାଇ ଶୀଘ୍ର ଟିବି ଦୂର କରାଯାଇପାରିବ । ଏମିତିକି ପରିବାରର ଅନ୍ୟ ସଦସ୍ୟ ଏହି ଆମିନୋ ଏସିଡ୍ ବ୍ୟବହାର କରି ଯକ୍ଷ୍ମା ସଂକ୍ରମଣରୁ ରକ୍ଷା ପାଇପାରିବେ । ଅନ୍ୟପକ୍ଷରେ କିଭଳି ଇନହିବିଟର ଜରିଆରେ ରୋଗୀ ଶରୀରରେ ଏ ପ୍ରୋଟିନ ମାତ୍ରା ବଢ଼ାଯାଇପାରିବ, ସେନେଇ ଗବେଷଣା ଚାଲୁ ରହିଛି ବୋଲି ଆଇଏଲ୍ଏସ୍ ପିଏଚ୍‌ଡି ରିସର୍ଚ୍ଚ ସ୍କଲାର ଡକ୍ଟର କୌଶିକ ସେନ କହିଛନ୍ତି ।

### ରାଜ୍ୟରେ ...

ଏଥିରେ ୧୦୩୫୧ କୋଟି ଟଙ୍କା ବିନିଯୋଗ ହେବ ଓ ୩୭୨୫ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ । ସେହିପରି ଓଡ଼ିଶା ମେଟାଲର୍ଜିକାଲ ଇଣ୍ଡଷ୍ଟ୍ରି ପ୍ରାଇଭେଟ୍ ଲିମିଟେଡ୍ ୫୨୦୦କୋଟି ଟଙ୍କା ବ୍ୟୟରେ ଝାରସୁଗୁଡ଼ାଠାରେ ବାର୍ଷିକ ୨ ନିୟୁତ ଟନ୍ ମେଗା ଇସ୍ପାତ ପ୍ଲାଣ୍ଟ, ୨୪୦ ମେଗାୱାଟ କ୍ୟାପଟିଭ ପ୍ଲାଣ୍ଟ ଓ ୧ନିୟୁତ ଟନ୍ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ ସ୍ଥାପନ କରିବ । ଏଥିରେ ୬ହଜାର ଲୋକଙ୍କୁ ଅତିରିକ୍ତ ନିଯୁକ୍ତି ମିଳିପାରିବ । ସେହିପରି ଏନଟିପିସି ଦ୍ୱାରା ସୁନ୍ଦରଗଡ଼ଠାରେ ୮୦୦ ମେଗାୱାଟ୍ ତାପଜ ବିଦ୍ୟୁତ ପ୍ଲାଣ୍ଟ ସ୍ଥାପନ କରାଯିବ । ଏଥିରେ ଏନଟିପିସି ୯୨୦୮କୋଟି ଟଙ୍କା ବିନିଯୋଗ କରିବ ଓ ୧୩୬୬ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଷ୍ଟିଲ ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଶିଳ୍ପ ଓ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ, ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଶାରଦା ନାୟକ, ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନାଙ୍କ ସମେତ ବିଭିନ୍ନ ବିଭାଗର ସଚିବମାନେ ଉପସ୍ଥିତ ଥିଲେ ।

### ଜଗନ୍ନାଥ ଭକ୍ତଙ୍କ ...

ସାର୍ଟିଫିକେଟ୍ ଦରକାର ନାହିଁ । ତାଙ୍କ ଭଳି ବ୍ୟକ୍ତିବିଶେଷଙ୍କ ଉପରେ ବିଜୁ ଜନତା ଦଳର ପ୍ରବକ୍ତା ଯେଉଁଭଳି ଭାବେ ତାଙ୍କ ଦଳର ନିର୍ଦ୍ଦିଷ୍ଟ ଜଣେ ବ୍ୟକ୍ତିଙ୍କୁ କେବଳ ସନ୍ତୁଷ୍ଟ କରିବା ପାଇଁ ଏଭଳି ହୀନ ପ୍ରତିକ୍ରିୟା ଦେଇଛନ୍ତି, ଯାହା ଗଣତନ୍ତ୍ରରେ ହେବା ଅନୁଚିତ୍ । ମୁଖ୍ୟମନ୍ତ୍ରୀ ନିଜେ ରାଜ୍ୟରେ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାକୁ ନଷ୍ଟ କରିଛନ୍ତି । ତାଙ୍କ ଦଳର ପ୍ରବକ୍ତା ରାଜ୍ୟପାଳଙ୍କ ଭୂମିକା ଉପରେ ଟିପ୍ପଣୀ ଦେବା ଚୋର୍ ମୋଟାଏ ସୋର୍ ଭଳି ଶ୍ରୀ ମହାନ୍ତି କହିଛନ୍ତି । ଓଡ଼ିଶାର ଯେଉଁ ଓଡ଼ିଆ ଲୋକମାନଙ୍କୁ ବାହାରେ ପ୍ରଶଂସା କରାଯାଏ, ସେମାନଙ୍କୁ ବିଜେଡ଼ି ପ୍ରଶଂସା ନ କରିବାର ଅନେକ ଉଦାହରଣ ରହିଛି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ବହୁତ ସମୟରେ ସୌଜନତା ଦୃଷ୍ଟିରୁ ଓଡ଼ିଶାର ରାଷ୍ଟ୍ରପତିଙ୍କୁ ଓଡ଼ିଶା ମାଟିରେ ସ୍ୱାଗତ କରିନାହାନ୍ତି । ସ୍ୱାଗତ କରିବା ପାଇଁ ସମୟ ନାହିଁ, ଏହା କଣ ଓଡିଶା ମୁଖ୍ୟମନ୍ତ୍ରୀଙ୍କର ସୌଜନ୍ୟତା ? ଯେଉଁ ଦଳର ସୁପ୍ରିମ ସୌଜନ୍ୟତା କଣ, ଜାଣିପାରନ୍ତି ନାହିଁ ତାଙ୍କ ଦଳ ବିଶ୍ୱଭୂଷଣଙ୍କ ଭଳି ବ୍ୟକ୍ତିଙ୍କ ଉପରେ ଟିପ୍ପଣୀ ଦେବା ଦୁଃଖଦାୟକ । ବିଜୁ ଜନତା ଦଳ ଯାହାଙ୍କ ନାଁରେ ତିଆରି ହୋଇଛି ସେହି ବିଜୁ ପଟ୍ଟନାୟକ ବିଶ୍ୱଭୂଷଣ ହରିଚନ୍ଦନଙ୍କ ପୁଅକୁ ରାଜନୀତିକୁ ଆଣିଥିଲେ ବୋଲି ବୋଧହୁଏ ସମ୍ବିତ୍ ପାତ୍ର ଜାଣିନାହାନ୍ତି ବୋଲି ଶ୍ରୀ ମହାନ୍ତି ।

# ମିଛ ଜନ୍ମ ପ୍ରମାଣପତ୍ରରେ ଶିକ୍ଷକ ଚାକିରି

**ଭଦ୍ରକ :** ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଚାନ୍ଦବାଲି ବ୍ଲକ ଶିକ୍ଷାଧିକାରୀ ଅଧିନସ୍ଥ କରଣପୋଖରୀ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ବିଦ୍ୟାଧର ନାୟକ ଚାକିରି ସମୟରେ ଯେଉଁ ଶିକ୍ଷା ପ୍ରମାଣପତ୍ର ଦେଇ ଚାକିରି କରିଛନ୍ତି ତାହା ସମ୍ପୂର୍ଣ୍ଣ ଜାଲିଆତି ଅଟେ । ତାଙ୍କର ପ୍ରକୃତ ଜନ୍ମ ତାରିଖ ୧୦.୬.୧୯୭୦ ହୋଇଥିଲା ବେଳେ ସେ ପ୍ରଥମେ ଦଶମ ଶ୍ରେଣୀ ପରୀକ୍ଷା ମଢୋ ହାଇସ୍କୁଲରେ ଦେଇଥିଲେ । ସେଠାରୁ ଅକୃତକାର୍ଯ୍ୟ ହେବା ପରେ ପୁଣିଥରେ ନିଜର ଜନ୍ମ ତାରିଖ ବଦଳାଇ ତାହାକୁ ୧୭.୭.୧୯୭୩ କରି ଗ୍ରାମ ପଞ୍ଚାୟତ ହାଇସ୍କୁଲ ନାଲଗୁଣ୍ଡାରେ ନିୟମିତ ପରୀକ୍ଷା ଦେଇ ସେଠାରୁ କୃତକାର୍ଯ୍ୟ ହେବା ପରେ ସେହି ସାର୍ଟିଫିକେଟ୍ ଆଧାରରେ ଅନ୍ୟ କୋର୍ସ କରି ତାହାକୁ ଦେଇ ଚାକିରି ହାତେଇଛନ୍ତି । ଏ ବାବଦରେ ସାମ୍ବାଦିକ ତଥା ସୂଚନା ଅଧିକାର କର୍ମୀ ବିକାଶ କୁମାର ଧଳ ଚାନ୍ଦବାଲି ବ୍ଲକ ଶିକ୍ଷାଧିକାରୀ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ତେଣୁ ପ୍ରଶ୍ନ ଉଠୁଛି ସାରା ରାଜ୍ୟରେ ଜାଲ୍ ସାର୍ଟିଫିକେଟ୍ ଯାଞ୍ଚ ଚାଲିଥିଲା ବେଳେ ଶ୍ରୀ ନାୟକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ କାହିଁକି ? ଏନେଇ ଉଚ୍ଚ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି ।

# ନିରୁତ୍ତର ପ୍ରଶାସନ, ଅସନ୍ତୋଷ ଗ୍ରାମବାସୀ


**କେସିଙ୍ଗା,(ପ୍ରସନ୍ନ ନାଏକ) :** ଦେଓଗାଁ ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା ଯୋଜନାରେ ପଞ୍ଚାୟତ ତରଫରୁ ପଠାଯାଇଥିବା ଆକ୍ସନ ପ୍ଲାନକୁ ଅଣଦେଖା କରି ଅର୍ଥ ଆବଣ୍ଟନ କରାଯିବା ଫଳରେ ଦୀର୍ଘ ଦିନ ହେଲା ଏହି ପଞ୍ଚାୟତର ଜାମଜୋର, ମାଟିଆ ମହଗାଁର ନିରୀହ ଜନତା ବେଶ୍ ଅସନ୍ତୋଷ ବ୍ୟକ୍ତ କରିଆସୁଛନ୍ତି । ଏହାକୁ ନେଇ ଜିଲ୍ଲାପାଳ, ପ୍ରକଳ୍ପ ଅଧିକାରୀ ଆଦି ଅଧିକାରୀଙ୍କୁ ଲିଖିତ ସମାଧାନ ପାଇଁ ଆବେଦନ କରିଥିଲେ ହେଁ ପ୍ରଶାସନ କୌଣସି ଉତ୍ତର ଆଜିଯାଏଁ ଦେଇନଥିବାକୁ ନେଇ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଏଠାରେ ସୂଚନାଯୋଗ୍ୟ ଆମ ଓଡିଶା ନବୀନ ଓଡିଶା ଯୋଜନାରେ ମୁଖ୍ୟମନ୍ତ୍ରୀ ଦେଓଗାଁ ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ଯେଉଁ ଅନୁଦାନକୁ ପଞ୍ଚାୟତର ୪ଖଣ୍ଡ ଗାଁ ଦେଓଗାଁ, ମାଟିଆ, ଜାମଜୋର୍ ଓ ମହଗାଁକୁ ଆକ୍ସନ ପ୍ଲାନରେ ସମଭାବରେ ବଣ୍ଟନ କରିଥିଲା । ହେଲେ କେଉଁ ଆଇନ ବଳରେ ପଞ୍ଚାୟତରେ ଅନୁଷ୍ଠିତ ଗ୍ରାମସଭାରେ ପାରିତ ଆକ୍ସନ ପ୍ଲାନକୁ ହଟେଇ ଦେଇ କେବଳ ଦେଓଗାଁକୁ ଏକତରଫା ୩୬ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଯାହା ଫଳରେ ବାକି ତିନିଖଣ୍ଡ ଗାଁର ବିକାଶ ଆଜି ବଳି ପଡିଛି । ପ୍ରଶାସନ ତୁରନ୍ତ ଏହାର ସମାଧାନ କରି ପଞ୍ଚାୟତ ଆକ୍ସନ ପ୍ଲାନ ଅନୁଯାୟୀ ତୁରନ୍ତ କାର୍ଯ୍ୟକାରୀ କରି ଏହାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଜାଲ୍ ମାର୍କସିଟ୍‌ରେ ଚାକିରି, ତଦନ୍ତ ଦାବି

**ଭଦ୍ରକ :** ମାଲକାନଗିରି ଜିଲ୍ଲା ଡିଡବ୍ଲ୍ୟୁଓ କାର୍ଯ୍ୟାଳୟ ଅଧିନ ଗୋରଖପାଲି ଆଶ୍ରମ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ସସ୍ମିତା ବେହେରା ଯେଉଁ ବି.ଇ.ଡି ସାର୍ଟିଫିକେଟ୍ ଦେଇ ଚାକିରି ହାତେଇଛନ୍ତି ତାହା ଜାଲିଆତି ଅଟେ । ସସ୍ମିତା ବେହେରା ବି.ଇ.ଡି କରିବା ପାଇଁ ତାଙ୍କର ଯୋଗ୍ୟତାରେ ଯେଉଁ ମାର୍କ ଥିଲା ସେଥିରେ ସେ ବି.ଇ.ଡି କରିବାକୁ ଅଯୋଗ୍ୟ ହେଉଥିଲେ । ତେଣୁ ସେ ଦଶମ, +୨ ଓ +୩ରେ ରଖିଥିବା ମାର୍କ ବଦଳାଇ ଜାଲ୍ ମାର୍କସିଟ୍ ବଦଳରେ କେଏସ୍‌ୟୁବି, ସିଟିଇ ଭଞ୍ଜନଗରରେ ୨୦୧୦-୧୧ ମସିହାରେ ବି.ଇ.ଡି ଆଡ୍‌ମିଶନ କରିଥିଲେ । ଚାକିରି ସମୟରେ ଜାଲ୍ ମାର୍କ ଦେବା ବଦଳରେ ଚତୁରତାର ସହ ମୂଳ ମାର୍କ ରଖିଥିବା ଦସ୍ତାବିଜ୍ ସହିତ ବି.ଇ.ଡି ପ୍ରମାଣପତ୍ର ଦେଇ ଚାକିରି କରିଥିବା ଜଣାପଡିଛି । ଏ ବାବଦରେ ସୂଚନା ପାଇବା ପରେ ସୂଚନା ଅଧିକାର କର୍ମୀ ତଥା ଭଦ୍ରକର ସାମ୍ବାଦିକ ମାଲକାନଗିରି ଡିଡବ୍ଲ୍ୟୁଓଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ମଧ୍ୟ ଉକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ଘଟଣାର ତଦନ୍ତ କରିବା ପାଇଁ ଦାବି କରିଛନ୍ତି ।

# କୋଣାର୍କରେ କଟକ ବାଲିଯାତ୍ରା ପ୍ରଜ୍ଞାପନ ମେଢକୁ ସ୍ୱାଗତ

**କୋଣାର୍କ:** କଟକର ଐତିହାସିକ ବାଲିଯାତ୍ରା ପ୍ରତି ବର୍ଷ ରାସ ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇଥାଏ । ଏହି ବାଲିଯାତ୍ରା ଆମ ଓଡ଼ିଆ ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ଅସ୍ମିତାର ପରିଚୟ । ସାଧବ ପୁଅମାନେ ଜଳଯାତ୍ରା କରି ଜାଭା, ସୁମାତ୍ରା ଓ ବର୍ଣ୍ଣିଓରେ ବାଣିଜ୍ୟ କରି ସୁନାମ ଅର୍ଜନ କରିଥିଲେ । ସେହି ମହାନ ନୌବାଣିଜ୍ୟ ପରମ୍ପରାର ସ୍ମୃତି ବହନ କରେ କଟକର ବାଲିଯାତ୍ରା । ଏହି ବାଲିଯାତ୍ରାକୁ ଅଧିକ ଲୋକାଭିମୁଖୀ କରିବା ଲକ୍ଷ୍ୟରେ ଚଳିତ ବର୍ଷ ରାଜ୍ୟ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏକ ଅଭିନବ ପଦକ୍ଷେପ ନିଆଯାଇଛି । ଏଥିପାଇଁ ଏକ ପ୍ରଜ୍ଞାପନ ମେଢ ପ୍ରସ୍ତୁତ କରାଯାଇଥିବା ବେଳେ ବିଭିନ୍ନ ପ୍ରକାରର ପାରମ୍ପାରିକ ସାଂସ୍କୃତିକ ଦଳମାନଙ୍କୁ ନେଇ ବିଭିନ୍ନ ଜିଲ୍ଲା ପରିକ୍ରମା କରୁଛି । ଏହି ପ୍ରଜ୍ଞାପନ ମେଢକୁ କୋଣାର୍କ ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ସ୍ୱାଗତ କରାଯାଇଥିଲା । କୋଣାର୍କ ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ



ସ୍ୱେତପଦ୍ମା ଧଳଙ୍କ ସମେତ ଏନ୍ଏସି କର୍ମଚାରୀ, ସ୍ୱଚ୍ଛସାଥି ଏବଂ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ ହୁଳହୁଳି ଧ୍ୱନି ଓ ଫୁଲ ଚନ୍ଦନ ଓ ପ୍ରଦୀପ ପ୍ରଜ୍ୱଳନ କରି ସାଧବ ପୁଅ ମାନଙ୍କୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାଧାରଣ ଲୋକ ମାନେ ମଧ୍ୟ ପ୍ରଜ୍ଞାପନ ମେଢ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏହି ପ୍ରଜ୍ଞାପନ ମେଢ ନିମାପଡା ଅଭିମୁଖେ ଯାତ୍ରା କରିଥିଲା । ପୂର୍ବରୁ ପିପିଲି ଓ ସତ୍ୟବାଦୀ ଓ ପୁରୀ ଠାରେ ଏହି ପ୍ରଜ୍ଞାପନ ମେଢକୁ ସ୍ୱାଗତ କରାଯାଇଥିଲା ।

# ସ୍ୱାସ୍ଥ୍ୟ କେନ୍ଦ୍ରରେ ଯୋଗ ଶିକ୍ଷା

**ଅସ୍ତରଙ୍ଗ:** ଯୋଗ ଶିକ୍ଷା ଦ୍ୱାରା ମନୁଷ୍ୟର ଶାରିରୀକ ଅକ୍ଷମ ଓ ଅସୁସ୍ଥତା ଦୂର ହେବ ବୋଲି ଯୋଗ ଗୁରୁ ମାନେ ମତପୋଷଣ କରିଛନ୍ତି । ଅସ୍ତରଙ୍ଗ ବ୍ଲକ ରନ୍ଦ୍ରପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅଭିଷେକ ବେହେରା ଯୋଗ ଶିକ୍ଷା କେନ୍ଦ୍ରରେ ଉପସ୍ଥିତ ରହି ଯୋଗ ସମ୍ପର୍କିତ ଉପାଦେୟତା ଯୋଗ ଶିକ୍ଷା କରୁଥିବା ରୋଗୀ ମାନଙ୍କୁ ଅବଗତ କରୁଛନ୍ତି । ସପ୍ତାହର ପ୍ରତି ସୋମବାର ଓ ଗୁରୁବାର ଦିନ ଯୋଗ ଶିକ୍ଷା କେନ୍ଦ୍ରରେ ଅସ୍ତରଙ୍ଗର ଯୋଗ ଶିକ୍ଷୟତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ବାରିକ ଶାରୀରିକ ଅସୁସ୍ଥତା ରୋଗୀ ଓ କଲେଜ ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷା ଦେଉଛନ୍ତି । ନିୟମିତ ଭାବେ ଯୋଗ ଶିକ୍ଷା ଦ୍ୱାରା ମତିଷ୍କ, ଅଣ୍ଟା, ଆଣ୍ଠୁ, ପେଟ, ଛାତି, ପିଠି ଯନ୍ତ୍ରଣା ଉପଶମ ହେଉଛି ବୋଲି ଯୋଗ ଗୁରୁ ପ୍ରିୟଙ୍କା କହିଛନ୍ତି । ଯୋଗ ଶିକ୍ଷା ଦ୍ୱାରା ସମାଜରେ ଏକ ପ୍ରକାର ଆଧାତ୍ମିକ ଭାବ ସୃଷ୍ଟି ହେବା ସହିତ ମନୁଷ୍ୟ ଶରୀରରେ ଯୋଗ ଶିକ୍ଷାର ଏକ ଉତ୍ତମ ପ୍ରଭାବ ପଡୁଛି ବୋଲି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସଞ୍ଜୟ କୁମାର ପ୍ରଧାନ ସ୍ୱାସ୍ଥ୍ୟ ମେଳାରେ ମତବ୍ୟକ୍ତ କରିଥିଲେ । ଯୋଗ ଶିକ୍ଷା ଦ୍ୱାରା ମାନସିକ ଓ ଶାରୀରିକ ସ୍ତରରେ ବହୁଳ ମାତ୍ରାରେ ଶାରୀରିକ ପରିବର୍ତ୍ତନ ହେଉଥିବା ସାଧାରଣରେ ଦେଖିବାକୁ ମିଳୁଛି । ଯୋଗ ଶିକ୍ଷା କରୁଥିବା ବ୍ୟକ୍ତି ମାନେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ନିୟମିତ



ଭାବେ ଯୋଗ କରୁଥିବାରୁ ଶରୀରର ଅନେକ ଯନ୍ତ୍ରଣା ଉପଶମ ହେଉଛି । ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଉପ ସ୍ୱାସ୍ଥ୍ୟକେନ୍ଦ୍ର ବଡଓଲା, କେନ୍ଦ୍ରାପାଟି, ନମାର, ଉପ କେନ୍ଦ୍ରରେ ଗୋସିଙ୍ଗାର ଯୋଗ ଶିକ୍ଷୟତ୍ରୀ ସ୍ମିତା ରାଣୀ ଛାଟୋଇ ଯୋଗ ଶିକ୍ଷା ଦେଉଛନ୍ତି । ସେହିପରି ଝାଡ଼ାଲିଙ୍ଗ, ପାଟଳଦା ନୂଆଗଡ, ଖଣ୍ଡାସାହି କେନ୍ଦ୍ର ଗୁଡିକରେ ନିୟମିତ ଭାବେ ବିଭିନ୍ନ ଯୋଗଗୁରୁ ମାନେ ଜନସାଧାରଣ ମାନଙ୍କୁ ଯୋଗ ଶିକ୍ଷା ଦେଉଛନ୍ତି । ଏହାକୁ ସ୍ୱାସ୍ଥ୍ୟ କେନ୍ଦ୍ରର ସିଏଚେଓ ମାନେ ତଦାରଖ କରୁଥିବା ଡାକ୍ତର ସଞ୍ଜୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଡାକ୍ତର ସୁଜିତି କୁମାର ମହାନ୍ତି, ଫାର୍ମାସିଷ୍ଟ ଦାଶରଥି ତ୍ରିପାଠୀ, ବିଶ୍ୱନାଥ ଜାନି, ସନ୍ତୋଷ କୁମାର କାଣ୍ଡି, ବିକାଶ କୁମାର ପ୍ରମୁଖ ପ୍ରତ୍ୟେକ ଯୋଗ ଶିକ୍ଷା ଦିନରେ ଉପସ୍ଥିତ ରହି ଯୋଗ ସମ୍ପର୍କିତ ଆଲୋଚନାରେ ଅଂଶଗ୍ରହଣ କରୁଥିବା ଦେଖିବାକୁ ମିଳୁଛି । ଯୋଗ ଶିକ୍ଷାକୁ ସମାଜରେ ଏକ ନିୟମିତ ଶିକ୍ଷା ଭାବେ ଜନସାଧାରଣ ମାନେ ଗ୍ରହଣ କରୁଥିବା ବେଳେ ଯୋଗ ଶିକ୍ଷା ପ୍ରତି ଆଗ୍ରହ ବଢୁଛି ।

# ପିର ଜାହାନିଆଁ ପୀଠକୁ ନିଲାମ ଦେଲ ଜିଲ୍ଲା ପ୍ରଶାସନ

**ଅସ୍ତରଙ୍ଗ:** ଓଡ଼ିଶା ତଥା ଭାରତ ବର୍ଷର ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ଭାବେ ସ୍ଥାନ ହାସଲ କରିଥିବା ପୁରୀ ଜିଲ୍ଲାର ପିରଜାହାନିଆଁ ବେଳାଭୂମିକୁ ପୁରୀ ଜିଲ୍ଲା ପ୍ରଶାସନ ଏକ ବର୍ଷ ପାଇଁ ନିଲାମ କରିଛି । ଏହି ଉପଲକ୍ଷେ, ଛୁରିଅନା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ସୋମବାର ଦିନ ଯାତ୍ରା ପଡିଆ, ସାଇକଲ ଷ୍ଟାଣ୍ଡ, ପଞ୍ଚାୟତ ପୋଖରୀ ଆଦି ନିଲାମ ଅସ୍ତରଙ୍ଗ ବ୍ଲକ ବିଡ଼ିଓ କର୍ଣ୍ଣ ଦେବ ସମାଦ୍ଦାର, ସହକାରୀ ଯନ୍ତ୍ରୀ ଶୁଭେନ୍ଦୁ ନାଏକ, ମତ୍ସ୍ୟ ଅଧିକାରୀ ଜଗନ୍ନାଥ ବେହେରା ଓ ସମିତି ସଭ୍ୟ ବିନ୍ଧାଧର ବିଶ୍ୱାଳ ବରିଷ୍ଠ ସାମ୍ବାଦିକ ଦୁଃଶାସନ ନାୟକଙ୍କ ଉପସ୍ଥିତିରେ ଛୁରିଅନା ଗ୍ରାମପଞ୍ଚାୟତ ଅଧିକାରୀ ମଧୁସ୍ମିତା ମଲ୍ଲିକ ନିଲାମ



ଡାକିଥିଲେ । ସର୍ବାଧିକ ନିଲାମ ନେଇଥିବା ବ୍ୟକ୍ତି ବାର୍ଷିକ, ଅଟୋ ୩୫ଟଙ୍କା, ଚାରି ଚକିଆ ୫୦ଟଙ୍କା ଓ ବସ ୬୦ ଟଙ୍କା ରହିଥିବା ବେଳେ, ଯାତ୍ରା ଦୁଇଦିନ ପାଇଁ ସାଇକଲ ୧୦ଟଙ୍କା ମଟର ସାଇକଲ ୨୦ଟଙ୍କା ରହିଅଛି । ଯାତ୍ରା ମେଳା ପଡିଆ ପାଇଁ ସ୍କୋୟାର ଫୁଟ ୨ଟଙ୍କା ରଖାଯାଇ ଅଛି ବୋଲି ସରପଞ୍ଚ କ୍ଷୀରୋଦ କୁମାର କାଣ୍ଡି ପ୍ରକାଶ କରିଛନ୍ତି । ଏହି ନିଲାମ ପ୍ରକିୟାରେ ପଞ୍ଚାୟତର ବହୁ ଜନତା ଉପସ୍ଥିତ ଥିଲେ ।

# ଗଞ୍ଜାମର ଲୋକଧର୍ମ ଓ ବିଶ୍ୱାସର ପ୍ରକାଶକ୍ଷେତ୍ର: ଓଷାକୋଠି



ଡକ୍ଟର ମନୋରଞ୍ଜନ ବିଷୋୟୀ

ସୌନ୍ଦର୍ଯ୍ୟ ପିପାସା ମନୁଷ୍ୟର ସହଜାତ ପ୍ରବୃତ୍ତି । ଏହି ପ୍ରବୃତ୍ତିରୁ ହିଁ ମନୁଷ୍ୟର ମାନସିକ ବିକାଶ ଏବଂ କଳାସୃଷ୍ଟି ସମ୍ଭବପର ହୋଇପାରିଛି । ଆଦିମ ମଣିଷ ସର୍ବପ୍ରଥମେ ଆରଣ୍ୟକ ସଭ୍ୟତା ସହିତ ପରିଚିତ ହୋଇଥିଲା । ଏହି ଆରଣ୍ୟକ ସଭ୍ୟତା ମଧ୍ୟରେ ବସବାସ ସମୟରେ ଯେଉଁ ସବୁ ରମଣୀୟ ଦୃଶ୍ୟ ଦେଖିବାକୁ ପାଇଥିଲା, ସେଥିରେ ସେ କେବଳ ମୁଗ୍ଧ ହୋଇଥିଲା ତାହା ନୁହେଁ, ତାହା ମଧ୍ୟରୁ କୋମଳ ମାନବିକ ପ୍ରବୃତ୍ତି ଗୁଡ଼ିକର ମଧ୍ୟ ବିକାଶ ସମ୍ଭବପର ହୋଇ ପାରିଥିଲା । ଆଦିମ ମଣିଷ ଯେଉଁ ସବୁ ଦୃଶ୍ୟ ଦେଖିବାକୁ ପାଇଲା, ସେସବୁ ଦୃଶ୍ୟର ଅନୁକରଣ କରି ନିଜ ଅଲକ୍ଷ୍ୟରେ ଅନ୍ୟର ଚିତ୍ତ ବିନୋଦନ ପାଇଁ ପ୍ରୟାସ କରିବା ଆରମ୍ଭ କରିଥିଲା । ତେଣୁ ଏହି ଅନୁକରଣର ପ୍ରାଥମିକ ପ୍ରୟାସରୁ ହିଁ ଆମ ନୃତ୍ୟ ପରମ୍ପରାର ଆରମ୍ଭ ବୋଲି ମନେ କରାଯାଏ ।

ଏହି ନୃତ୍ୟ ପରମ୍ପରାକୁ ଅନୁଧ୍ୟାନ କଲେ ପ୍ରତ୍ୟୟ ହୁଏ, ଏହି ନୃତ୍ୟ ପରମ୍ପରାର ବିକାଶ ପରିପ୍ରେକ୍ଷୀରେ ଗଂଜାମର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଗଂଜାମ ଅଞ୍ଚଳର ଭୌଗୋଳିକ ଅବସ୍ଥିତି ଏହି ନୃତ୍ୟ ପରମ୍ପରା ବିକାଶରେ ସହାୟକ ହୋଇଥାଏ । ଆର୍ଯ୍ୟ, ଦ୍ରାବିଡ଼ ଓ ଶବର ଏହି ତିନୋଟି ସଭ୍ୟତାର ସମ୍ମିଳିତ ରୂପ ଏଠାରେ ବିଦ୍ୟମାନ । ଏସବୁ ଦୃଷ୍ଟିରୁ ବିଚାର କଲେ ପ୍ରତ୍ୟୟ ହୁଏ ଗଞ୍ଜାମ ହିଁ ହେଉଛି ନୃତ୍ୟ ପରମ୍ପରା ଆଦି ବିକାଶର ଶ୍ରେଷ୍ଠ ସ୍ଥାନ । ସଂକ୍ଷେପରେ କହିଲେ ଗଞ୍ଜାମର ଏହି ନୃତ୍ୟ ପରମ୍ପରା; ଦ୍ରାବିଡ଼, ଆର୍ଯ୍ୟ ଓ ଶବର ଏହି ତିନୋଟି ସଭ୍ୟତାର ସମ୍ମିଳନରୁ ଜନ୍ମ । ଯେଉଁଥିରେ ଭରି ରହିଥାଏ ମଣିଷର ଆଶା-ଆକାଂକ୍ଷା, ସୁଖ-ଦୁଃଖ, ଆଚାର-ବ୍ୟବହାର, ସଂସ୍କାର-କୁସଂସ୍କାର । ଏସବୁର ସଫଳ ରୂପାୟନ ହେଉଛି ଆମ ଲୋକନୃତ୍ୟ । ଯାହା ଆଦର୍ଶବାଦ, ଭୋଗବାଦ, ଯୁଦ୍ଧବିଗ୍ରହ ଓ ଧାର୍ମିକ କଥାବସ୍ତୁକୁ ନେଇ ପରିପୁଷ୍ଟତା ଲାଭ କରିଅଛି ।

ଏ ପରିପ୍ରେକ୍ଷୀରେ କହିରଖେ ଗଞ୍ଜାମ ଅଞ୍ଚଳର ସାଂସ୍କୃତିକ ପୃଷ୍ଠଭୂମି ମଧ୍ୟ ମହାନ୍ । ସଂସ୍କୃତି ହେଉଛି ଗୁଣାତ୍ମକ ସ୍ପୃହା, ବ୍ୟକ୍ତିଗତ ଓ ସାମୂହିକ ଜୀବନ ଆବିଷ୍କାରର ପ୍ରେରଣା । ଗଞ୍ଜାମବାସୀଙ୍କ ଆଧାତ୍ମିକ ଜୀବନକୁ ଅନୁଧ୍ୟାନ କଲେ ଜଣାଯାଏ; ଯାନି-ଯାତ୍ରା, ଓଷା, ପର୍ବପର୍ବାଣି ଆଦି ପାଳନ ଅବସରରେ ସେମାନେ ନିଜର ଧାର୍ମିକ ଚେତନାକୁ ଉଦ୍‌ବୁଦ୍ଧ କରିଥାନ୍ତି । ଏହା ସହ ଗଞ୍ଜାମବାସୀଙ୍କ କଳା, ସାହିତ୍ୟ ଓ ସଂସ୍କୃତିକୁ ପରିପୁଷ୍ଟ କରିବାରେ ଏହା ସହାୟକ ହୋଇଥାଏ । ବାସ୍ତବିକ ଏହି ଯାନିଯାତ୍ରା ପରମ୍ପରା ହେଉଛି ଲୋକସଂସ୍କୃତିର ବାସ୍ତବ ବାର୍ତ୍ତାବହ । ଏହି ପରମ୍ପରା ଗୀତ, ବାଦ୍ୟ ଓ ଅଭିନୟ ମାଧ୍ୟମ ଦେଇ ଲୋକ ଜୀବନର ଚାଲିଚଳଣି, ଆଚାର ବିଚାର, ଧର୍ମଧାରରାକୁ ମାର୍ଜିକ ଓ ଶୃଙ୍ଖଳିତ କରିଥାଏ ।

ଏହି ଧାରାରେ 'ଓଷାକୋଠି'କୁ ଏଠାରେ ଅନୁଧ୍ୟାନ କରାଯାଇପାରେ । ଗ୍ରାମବହୁଳ ଗଞ୍ଜାମର ପୁରପଲ୍ଲୀରେ ପାଳନ ହୋଇ ଆସୁଥିବା ବିଭିନ୍ନ ଓଷା ଓ ବ୍ରତ ମଧ୍ୟରୁ 'ଓଷାକୋଠି' ଅନ୍ୟତମ। ଏହାକୁ 'କୋଠିଓଷା' ବା 'କୋଠିଶାଳ' ମଧ୍ୟ କୁହାଯାଏ। ଏହି 'ଓଷାକୋଠି' ପାଳନ ସମ୍ପର୍କରେ ଏକ କିମ୍ବଦନ୍ତୀ ଲୋକମୁଖରେ ପ୍ରଚଳିତ ଥିବା ଦେଖାଯାଏ।

ଏକଦା ପାଣ୍ଡବ ପାଞ୍ଚଭାଇ ସ୍ୱର୍ଗାରୋହଣ ପାଇଁ ଯିବା ସମୟରେ ଅବନ୍ତୀନଗରର ଜଣେ ବ୍ରାହ୍ମଣଙ୍କ ପିଣ୍ଡାରେ ଆଶ୍ରୟ ନେଇଥିଲେ। ସେହି ରାତ୍ରିରେ ବ୍ରାହ୍ମଣଙ୍କ ପରିବାରରେ ପିଲାଟିଏ ଜନ୍ମ ହେଲା। ସେମାନେ ଖୁସି ହେବା ପରିବର୍ତ୍ତେ କାନ୍ଦିବାକୁ ଲାଗିଲେ। ପାଣ୍ଡବମାନେ ଏଥିରେ ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ପଚାରିବୁଝିଲେ ପିଲାଟିଏ ଜନ୍ମ ହେଲେ ରାତିଟିଏ ମଧ୍ୟ ବଞ୍ଚିପାରେନାହିଁ। ଏହା ଶୁଣି ପାଣ୍ଡବ ପାଞ୍ଚଭାଇ ସେମାନଙ୍କ ପ୍ରତି ଦୟାଭାବ ପୋଷଣ କରି ଏହାର ପ୍ରତିକାର ପାଇଁ ସ୍ଥିର କଲେ। ନିଜେ ଅର୍ଜୁନ ଶରବିନ୍ଧି ଏକ ଶରକୋଠି ଓ ଶର ଛାମୁଣ୍ଡିଆ ନିର୍ମାଣ କରି ଧନୁ ଧରି ଯମଦେବତାଙ୍କୁ ଜଗି ରହିଲେ। ତେଣୁ ଯମଦୂତମାନେ ଘରେ ପ୍ରବେଶ କରି ନପାରି ସେଠାରୁ ଫେରିଗଲେ। ସ୍ୱୟଂ ଯମଦେବତା ଆସି ସେଠାରେ ପାଣ୍ଡବମାନଙ୍କୁ ଦେଖି ଖୁସି ହୋଇ, ବର ମାଗିବାକୁ କହିଲେ। ଏହାପରେ ପାଣ୍ଡବମାନେ ବରମାଗିଲେ - ଆଜିଠାରୁ ଏହି କୋଠିରେ ଓଷା କଲେ ମୃତବତ୍ସା ଦୋଷ ଦୂର ହେବ। ଅପୁତ୍ରିକ ପୁତ୍ର ପାଇବ ଓ



ସୌଭାଗ୍ୟ ବୃଦ୍ଧି ହେବ । ସେହିଦିନଠାରୁ ଏହି ଓଷା, ଓଷାକୋଠି ନାମରେ ଖ୍ୟାତିଲାଭ କଲା।

ବାସ୍ତବିକ୍ କହିବାକୁ ଗଲେ ସମାଜ ସଦାସର୍ବଦା ଦୁଇଟି ଶ୍ରେଣୀକୁ ନେଇ ଗଢ଼ିଉଠିଥାଏ। ଗୋଟିଏ ହେଲା ପରିପୋଷିତ ଅନ୍ୟଟି ପରିପୋଷକ। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ପରିପୋଷିତ ସଦାସର୍ବଦା ପରିପୋଷକଙ୍କ ଉପରେ ନିର୍ଭରଶୀଳ ହେଲେ ହେଁ ପୋଷକ ଗୋଷ୍ଠୀ ସଦାସର୍ବଦା ଅବହେଳିତ ହୋଇ ଆସୁଅଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ବ୍ରାହ୍ମଣମାନଙ୍କ ଜାତି ଯେଉଁ ଅଭିପ୍ରାୟ ନେଇ ଗଢ଼ିଉଠିଥିଲା; ସେଥିରୁ ସେମାନଙ୍କର ବିଚ୍ୟୁତି ଘଟିଲା। କ୍ରମେ ବ୍ରାହ୍ମଣମାନେ କଠୋରରୁ କଠୋରତର ହୋଇଉଠିଲେ। ଏହା ସହ ସମଗ୍ର ସମାଜକୁ ନିୟନ୍ତ୍ରିତ କରିବାକୁ ବସିଲେ। ଫଳସ୍ୱରୂପ ଇତର ଜାତି ଭାବେ ସୃଷ୍ଟି ହୋଇଥିବା ଅନ୍ୟାନ୍ୟ ଛୋଟିଆ ଜାତିମାନେ, ବେଦାଧିକାର, ଶିକ୍ଷାଧିକାର, ଉପାସନା ଅଧିକାର ଆଦି ହରାଇବା ଫଳରେ ସେମାନେ ପ୍ରତିକ୍ରିୟାଶୀଳ ହୋଇଉଠିଲେ। ଏହା ସହ ସମାଜରେ ପୋଷିତ ଗୋଷ୍ଠୀ ଯେଉଁ ସବୁ ଯାନି, ଯାତ୍ରା, ଧର୍ମ, ଆରାଧନା କରୁଥିଲେ ସେଥିରେ ପୋଷକ ଗୋଷ୍ଠୀର କୌଣସି ଭାଗ ନଥିଲା। କେତେକ ପୋଷକ ଗୋଷ୍ଠୀ ଅଛବ ଶ୍ରେଣୀଭୁକ୍ତ ହୋଇଥିବାରୁ, ବ୍ରାହ୍ମଣମାନେ ସେମାନଙ୍କଠାରୁ ଦୂରେଇ ରହିବା ଫଳରେ, ସେମାନେ ନିଜ ସମ୍ପ୍ରଦାୟ ମଧ୍ୟରୁ ପୂଜକ, ପୁରୋହିତ ଆଦି ସୃଷ୍ଟି କଲେ ଏବଂ ସେମାନେ ନିଜ ଶ୍ରେଣୀ ମଧ୍ୟରେ ହିଁ ସେମାନଙ୍କର ଲୋକବିଦ୍ୟା, ଲୋକକଳା, ଲୋକନାଟକମାନ ସୃଷ୍ଟି କରିବାକୁ ଲାଗିଲେ। 'ଓଷାକୋଠି' ହେଉଛି ଏଭଳି ଏକ ପ୍ରତିକ୍ରିୟାରୁ ସୃଷ୍ଟିଲାଭ କରିଥିବା ଏକ ପରମ୍ପରା। ଏଥିରେ ପୁରୋହିତ, ବ୍ରାହ୍ମଣ ଆଦିଙ୍କ ଆବଶ୍ୟକତା ପଡ଼େନାହିଁ ଏବଂ ଏହାର ପରିବେଷଣରେ ଉଚ୍ଚବର୍ଗଙ୍କ କୌଣସି ଆବଶ୍ୟକତା ନଥାଏ। ଏହାସହ କୌଣସି ଶାସ୍ତ୍ରୀୟ ଉପାସନା ପଦ୍ଧତିର ଆବଶ୍ୟକତା ନଥାଏ। ଏହି 'ଓଷାକୋଠି'ରେ ଭରି ରହିଥାଏ ଗଭୀର ଭକ୍ତି ଓ ବିଶ୍ୱାସ। ପୋଷକ ଗୋଷ୍ଠୀ ସଦାସର୍ବଦା ନିଜକୁ କୃଷିକାର୍ଯ୍ୟରେ ନିୟୋଜିତ ରଖିଥାଏ। ତା'ପାଖରେ ନିଶ୍ୱାସ ମାରିବାକୁ ମଧ୍ୟ ସମୟ ନଥାଏ। ତେଣୁ ସେ 'ଓଷାକୋଠି' ଓଷା କରିବାକୁ ସମୟ ପାଏନାହିଁ। ଫଳତଃ ଆଶ୍ୱିନ ମାସ ବେଳକୁ ରୁଆବେଉସା ଶେଷ ହୋଇଥାଏ ଏବଂ ଧାନ କାଟିବା ସମୟ ଆସିନଥାଏ। ପୋଷକଗୋଷ୍ଠୀଙ୍କ ଏହି ବିଶ୍ରାମ ସମୟରେ ହିଁ 'ଓଷାକୋଠି'ର ଆୟୋଜନ କରାଯାଇଥାଏ। ଏହି ପୋଷାକଗୋଷ୍ଠୀ ମଧ୍ୟରୁ ଗାଆଣ; ପୂଜା ଆରାଧନା ସମୟରେ ଗାଁ ପୁରାଣପଣ୍ଡା ଓ ବିଜ୍ଞଜନଙ୍କଠାରୁ ଶୁଣିଥିବା ପୁରାଣ କଥାର ଖିଅ ଧରି ତାଙ୍କୁ ପ୍ରଶ୍ନୋତ୍ତର ଛଳରେ ଶ୍ରୋତାମାନଙ୍କୁ ମୁଗ୍ଧ କରିଥାଏ। ଏହି ପ୍ରଶ୍ନୋତ୍ତରଧାରା ହେଉଛି ବାସ୍ତବରେ ଅବହେଳିତ ପ୍ରତିଭାର ପ୍ରକାଶ ପାଇଁ ପ୍ରକୃଷ୍ଟ ମାଧ୍ୟମ। ଏହା ଜ୍ୱଳନ୍ତ ଉଦାହରଣ ହେଉଛି ଏହି ଅବହେଳିତ ପରିବେଶରୁ ସୃଷ୍ଟି ଲାଭ କରିଥିବା ଗାହାଣ।

ବସ୍ତୁତଃ କହିବାକୁ ଗଲେ ସର୍ବଶକ୍ତିମୟୀ ମା'ର 'ଓଷାକୋଠି' ଆରାଧନା ସମୟସୀମା ହେଉଛି ଶରତଋତୁ। ଏହି ଋତୁରେ ପୋଷିତ ଗୋଷ୍ଠୀମାନଙ୍କର ମଧ୍ୟ ବିଭିନ୍ନ ଦେବୀପୀଠରେ ଦେବୀ ଆରାଧନା ହୁଏ। ବ୍ରାହ୍ମଣ ଶାସନମାନଙ୍କରେ ଦେବୀପୀଠ ଓ ରାଜାମାନଙ୍କ ନଗରରେ ସ୍ଥାନ ପାଉଥିବା ଦେବୀପୀଠରେ ବିଭିନ୍ନ ପ୍ରକାର ପୂଜାର ଆୟୋଜନ କରାଯାଇଥାଏ। ଶୟନାଷ୍ଟମୀ ଠାରୁ ଦେବୀ ପନ୍ଦରଦିନ ପର୍ଯ୍ୟନ୍ତ ଶୟନ କରି ଆଶ୍ୱିନ କୃଷ୍ଣାଷ୍ଟମୀ ଦିନ ଜାଗ୍ରତ ହୁଅନ୍ତି ଏବଂ ସେହିଦିନ ଠାରୁ ଆଶ୍ୱିନ ଶୁକ୍ଳ ନବମୀ ଯାଏଁ ଦେବୀ ମା'ଙ୍କ ପୂଜା ଆରାଧନା ଯାକଜକମରେ ଆୟୋଜନ କରାଯାଇଥାଏ। ଏହି ଋତୁରେ ପୋଷିତମାନଙ୍କ ଭଳି ପୋଷକମାନେ ମଧ୍ୟ ଆୟୋଜନ କରିଥାନ୍ତି ମା'ମଙ୍ଗଳା ପୂଜା ବା ଓଷା ଯାହା 'ଓଷାକୋଠି' ନାମରେ ନାମିତ। ଏହି 'ଓଷାକୋଠି' ଉପାସନର ଅନ୍ତରାଳରେ ରହିଛି ସମସ୍ତ ଆପତ୍ତି ବିପତ୍ତିରୁ ଉଦ୍ଧାର ଓ ସନ୍ତାନ କାମନା। ଏହି 'ଓଷାକୋଠି' ଉତ୍ସବ ବ୍ୟବସାପେକ୍ଷ ହୋଇଥିବାରୁ, କେତେକ ସ୍ଥଳେ ପୋଷକ ଗୋଷ୍ଠୀ ଭାଦ୍ରବ ଶୁକ୍ଳ ଅଷ୍ଟମୀଠାରୁ ମଙ୍ଗଳା ଠାକୁରାଣୀଙ୍କ ପଞ୍ଚମୁଖୀ ଘଟ ମସ୍ତକରେ ଧରି, ଗ୍ରାମ ଗ୍ରାମ ବୁଲି ନୃତ୍ୟର ଆୟୋଜନ କରିଥାନ୍ତି। ଏହି ଘଟରେ ପଞ୍ଚାମୃତ ଜଳ ରଖାଯାଇଥାଏ। ଘଟର ମୁଖ୍ୟଦ୍ୱାରକୁ ନଡ଼ିଆ ପତ୍ରକାଠିରେ ମନ୍ଦାର, କନିଅର ଓ କଇଁଫୁଲ ଆଦିରେ ମଣ୍ଡନ କରାଯାଇଥାଏ। ଏହା ଦେଖିବାକୁ ଖୁବ୍ ମନୋହର ହୋଇଥାଏ ଏବଂ ଏହି ଘଟର ଶୋଭାବର୍ଦ୍ଧନ କରେ ଘଟ ଉପରେ ଖୋସାଯାଇଥିବା ଲାଲ୍ ଓ କଳା କନାର ପତାକା। ଏହି ଘଟକୁ ଜଣେ ସ୍ତ୍ରୀବେଶଧାରୀ ପୁରୁଷ, ମସ୍ତକରେ ଧାରଣ କରି ଗଦ୍ୟାକୃତି ସ୍ତୁତି ଓ ଭଜନକୁ ମନୋରମ ଛନ୍ଦରେ ଗାଇ ଦୃଶ୍ୟାଭିନୟ କରିଥାଏ। ଏହାର ଦୃଷ୍ଟାନ୍ତ-

"ନମସ୍ତେ ମଙ୍ଗଳାମାଗୋ ନମସ୍ତେ ହରଚଣ୍ଡୀ
ତୋତେ ସୁମରିଲେ ମାଗୋ, ଦୁର୍ଗତି ହୋଏ ଖଣ୍ଡି।"

ଏହି ନୃତ୍ୟ ସମୟରେ ତାଳ ଓ ଲୟରେ ବାଦ୍ୟ, ମହୁରୀ, ଝାଞ୍ଜ ଆଦି ବାଜିଥାଏ। ଏହି ନୃତ୍ୟଦ୍ୱାରା ପଲ୍ଲୀପ୍ରାଣୀଙ୍କ ମନ ଚିରଚଞ୍ଚଳ ହୋଇଉଠେ। ଏଥିରୁ ମିଳୁଥିବା ଅର୍ଥ 'ଓଷାକୋଠି' ଅନୁଷ୍ଠାନରେ ବିନିଯୋଗ କରାଯାଇଥାଏ।

ଅଶ୍ୱିନୀ ଶୁକ୍ଳ ନବମୀ ସନ୍ଧ୍ୟା ସୁଦ୍ଧା ଏହି ବ୍ରତ ପାଳନ ପାଇଁ ଗ୍ରାମର ଏକ ନିର୍ଦ୍ଦିଷ୍ଟ ଗୃହକାନ୍ଥରେ ଚିତ୍ର ଅଙ୍କନ କରାଯାଏ। ଏହି ଚିତ୍ରଗୁଡ଼ିକ ମଧ୍ୟରେ ଶିବ, କାଳୀ, ଦୁର୍ଗା, ବନଦୁର୍ଗା, ଗଙ୍ଗାଦେବୀ, ବ୍ୟାଘ୍ରଦେବୀ, ବାଙ୍କେଶ୍ୱରୀ, ଜାମକୋଳି ଅଲସୁଆ, ଗଜାଭୀମ,



ଗାଆଣା, ପାଳିଆ, ଭଗବତୀ, ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବ, ଦ୍ରୌପଦୀ, ଇନ୍ଦ୍ର, ହନୁମାନ, ଅଗ୍ନିକୁମାରୀ, ରାମ, ଲକ୍ଷ୍ମଣ, ସୀତା, ଧୋବା, ଧୋବଣୀ, କଳାପାଟ, ଫୁଲସୁନ୍ଦରୀ, ଗଉଡ଼, ଗଉଡୁଣୀ, ଅନନ୍ତ, ବାସୁକୀ, ସିଂହ, ହସ୍ତୀ, ହଂସ, କାମଧେନୁ ଭଳି ଅନେକ ଚିତ୍ର ଦେଖିବାକୁ ମିଳେ। ଏହି ସମସ୍ତ ଚିତ୍ର ଭିତରେ ମା'ମଙ୍ଗଳାଙ୍କୁ ଉପଲବ୍ଧ କରାଯାଇଥାଏ।

ଦଶମୀ ଦିନ ବ୍ରତଧାରୀ ଓ ଭକ୍ତମାନେ ବାଦ୍ୟ, ବାଜଣା ସହ ଶୋଭା ଯାତ୍ରାରେ ଗ୍ରାମଠାକୁରାଣୀଙ୍କ ମାଜଣା ଓ ପୂଜାର୍ଚ୍ଚନା କରି ଆଜ୍ଞାମାଳ ଧରି, କୋଠିସ୍ଥାନକୁ ଫେରନ୍ତି। ସେଠାରେ ଏକ ପଞ୍ଚମୁଖୀ ଓ ଏକମୁଖୀ କୁମ୍ଭ ସ୍ଥାପନ କରି ଭକ୍ତ ଏବଂ ଗାଆଣ ଭକ୍ତିପୂର୍ବକ ଦେବୀ ଆରାଧନା କରିଥାନ୍ତି। ଏହାପରେ ଗାଆଣ, ଶ୍ରୀୟା ଚଣ୍ଡାଳୁଣୀଙ୍କୁ ଆବାହନ କରିଥାନ୍ତି।



ଏହି ଶ୍ରୀୟା ଚଣ୍ଡାଳୁଣୀ ଏ ଓଷାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ସେ ଏହି କୋଠିର ନାୟିକାଣୀ ଭାବରେ ପରିଚିତ। ସେ ଏକ ଭକ୍ତ ଦେହରେ ଆବିର୍ଭୂତା ହୋଇ ଦେବୀଙ୍କ ସ୍ଥାନ ମାଜଣା କରିଥାଏ।

ଏହାପରେ ଗାଆଣ -ସର୍ବମଙ୍ଗଳା, ଶୋଭାଙ୍ଗୀ, ଜାଳଭାଙ୍ଗୀ, ଗଜାଭୀମ, ବାଇଧରଙ୍କୁ କୋଠି ସ୍ଥାନକୁ ଆବାହନ କରନ୍ତି। ଏହି ପାଞ୍ଚଜଣ; ଗାଆଣ ଓ ଭକ୍ତ ଗହଣରେ ବାଦ୍ୟବାଜଣା ସହ ଅନ୍ୟାନ୍ୟ ପୂଜା ଉପକରଣ ସହ ମାଟିକଳସୀ ଆଦି ନେଇ ଗଙ୍ଗାଦେବୀଙ୍କୁ ନିମନ୍ତ୍ରଣ କରିବା ଉଦ୍ଦେଶ୍ୟରେ କୌଣସି ନଦୀ କିମ୍ବା ପୁଷ୍କରିଣୀ ପାଖରେ ଗଙ୍ଗାଦେବୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ଗଙ୍ଗାଦେବୀଙ୍କୁ ଆବାହନ ପୂର୍ବକ ସେହି ଜଳରେ ଗୁଆ, କଉଡ଼ି ଓ ତମ୍ବାପଇସା ନିକ୍ଷେପ କରିବା ସହ ତିନିଗୋଟି ନୂତନ କୁମ୍ଭରେ ଜଳ ଧରି କୋଠି ନିକଟକୁ ଫେରନ୍ତି। ଏହି ଅବସରରେ ଗଜାଭୀମ ଏକ ବାଉଁଶ ତାଟରେ ବାଲିଧରି ଆସିଥାନ୍ତି। କୋଠି ଜାଗାଟି ବିଭିନ୍ନ ପ୍ରକାର ଫୁଲ, ଆମ୍ବତୋଣର ଆଦିରେ ଖୁବ୍ ସୁନ୍ଦର ଭାବରେ ସଜାଯାଇଥାଏ। କୁମ୍ଭଗୁଡ଼ିକୁ କୋଠି ନିକଟରେ ସ୍ଥାପନ କରି ଧୂପ, ଦୀପ, ନୈବେଦ୍ୟ ଦେଇ ପୂଜା କରାଯାଏ ଏବଂ ଏହି କୁମ୍ଭଗୁଡ଼ିକରେ ଗୁଆ, କଉଡ଼ି, ତମ୍ବା ପଇସା ଆଦି ରଖାଯାଇଥାଏ। କୁମ୍ଭ ଉପରେ ଆମ୍ବଡାଳ, ପୁଷ୍ପ ଆଦି ରଖାଯାଇଥାଏ । କୁମ୍ଭ ଆଗରେ ଏକ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଏ। ଏହି ଦୀପଟି ଓଷା ଆରମ୍ଭ ଦଶମୀଠାରୁ ପୂର୍ଣ୍ଣିମା ଯାଏ, ଛଅଦିନ ଅହୋରାତ୍ର ଜଳାଇ ରଖାଯାଏ। ଚିତ୍ରିତ ଦେବୀପୀଠରେ ଟାଙ୍ଗୁଡ଼ିରେ ଦେବୀ ନିର୍ମାଣ କରି ଅଙ୍କୁରାରୋପଣ କ୍ରିୟା କରାଯାଏ । ଦେବଦେବୀ ଆବାହନ ସମୟରେ ଗାଆଣ ଏକ ଗମ୍ଭାରୀ କାଠ ନିର୍ମିତ ପିଢ଼ାରେ ବସି ମଙ୍ଗଳା ଏବଂ ଅନ୍ୟାନ୍ୟ ଦେବଦେବୀଙ୍କୁ ବନ୍ଦନା କରି, ଆବାହନ କରିଥାଏ। ଏଭଳି ଆବାହନ ଫଳରେ କେତେକ ଦେବଦେବୀ ପୁରୁଷମାନଙ୍କ ଦେହରେ ଉଭା ହୋଇ ନିଜ ପରିଚୟ ଦେଇ, 'ଓଷାକୋଠି'ର ଭଲମନ୍ଦ କଥା କହିଥାନ୍ତି। ଏହି ଦେବଦେବୀମାନେ ବାଦ୍ୟର ତାଳେ ତାଳେ ନୃତ୍ୟ କରିବା ସହ, କେହି କେହି ଗାଆଣକୁ ବିଭିନ୍ନ ପ୍ରକାର ପୁରାଣ ସମ୍ବଳିତ ପ୍ରଶ୍ନ କରିଥାନ୍ତି। ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଗାଆଣ ଗୀତ ମାଧ୍ୟମରେ ବୁଝାଇଥାଏ। ଏଭଳି ପ୍ରଶ୍ନୋତ୍ତର ରାତିତମାମ ଚାଲିଥାଏ। ଯେପରିକି-

ପ୍ରଶ୍ନ- ବର ଅଶ୍ୱତ୍‌ଥର ବିଭା ହେଲା କାହିଁ ପାଇ ?

ଉତ୍ତର- "ବର ଅଶ୍ୱତ୍‌ଥ ଏ ବେନି ବିଷ୍ଣୁ ଶିବ ରୂପୀ
ବର ଜଟା କ୍ଷୀର ସରସ୍ୱତୀଙ୍କ ସ୍ୱରୂପୀ
ଅଶ୍ୱତ୍‌ଥ ଯେ ବିଷ୍ଣୁ ବୃକ୍ଷ ଏ ଅଟେ ପ୍ରମାଣ
ସରସ୍ୱତୀ ବରଜଟା ହେତୁ ବିଭା ଜାଣ ।
ବର ଅଶ୍ୱତ୍‌ଥର ବିଭା ଯେ ଜନ କରଇ
ଅନେକ ଜନ୍ମର ପାପ ତାର ନାଶ ଯାଇ ।"

ଏହାପରେ ପ୍ରତିପଦା ଦିନ ବିସର୍ଜନ ଉତ୍ସବ ଅନୁଷ୍ଠିତ ହୁଏ। ଏହି ବିସର୍ଜନ ଅବସରରେ ଗାଆଣ ଜଣେ ବ୍ୟକ୍ତି ଦେହରେ ମା'ମଙ୍ଗଳାଙ୍କୁ ଉଭା କରାଇଥାଏ। ମା'ମଙ୍ଗଳା ଗାଆଣକୁ ପାନ ଓ ହଳଦୀ ମାଗିଲେ ଗାଆଣ ଜଳନ୍ତା ବଳିତା ଓ ଘୋଡ଼ା ବିଛୁଆତି ଦେଇଥାଏ। ମା'ମଙ୍ଗଳା ଏହି ବଳିତାକୁ ଆନନ୍ଦ ସହକାରେ ପାଟିରେ ପୁରାଇବା ଓ ବିଛୁଆତି ଦେହରେ ଲେପନ କରିବା ଭଳି ଦୁଃସାଧ୍ୟ କାର୍ଯ୍ୟ ଅଚିରେ କରିଥାନ୍ତି। ଏହାପରେ ଗାଆଣ ଅଗ୍ନିକୁମାରୀଙ୍କୁ ଆବାହନ କରିଥାଏ। ଅଗ୍ନିକୁମାରୀ ଅଗ୍ନିପୂଜା କରି ଅଗ୍ନି ଉପରେ ଚାଲିଥାନ୍ତି। ଏହି ଅବସରରେ ଭକ୍ତମାନେ ମଧ୍ୟ ଏହି ଅଗ୍ନିରେ ଚାଲିଲା ଭଳି ଅଦ୍ଭୁତ କାର୍ଯ୍ୟ କରିଥାନ୍ତି। ଏଭଳି ଦୁଃସାଧ୍ୟ କାର୍ଯ୍ୟ କରିସାରିଲା ପରେ ବିସର୍ଜନ ପାଇଁ ଭକ୍ତମାନେ ସମସ୍ତ କୁମ୍ଭ, ହାଣ୍ଡି, ଡ଼ଣ, କୁଲା, ଗଜାଙ୍କୁର ତାଟ ମୁଣ୍ଡରେ ଧାରଣ କରି ବାଦ୍ୟବାଜଣାର ତାଳେ ତାଳେ ଗ୍ରାମ ପରିକ୍ରମା କରି ଶୋଭାଯାତ୍ରାରେ ନଦୀକୁ ଯାଆନ୍ତି। ଏହି ଅବସରରେ ନଦୀତୁଠରୁ ବାଲି ଟାଙ୍ଗୁଡ଼ି ଆଣିଥିବା ଗଜାଭୀମ ହିଁ ବିସର୍ଜନ ଅବସରରେ ମଧ୍ୟ ସେହି ଦେବୀ ଦ୍ୱାରା ପ୍ରସ୍ତୁତ ଅଙ୍କୁରାରୋପଣ ଗଜା ଟାଙ୍ଗୁଡ଼ିକୁ ମୁଣ୍ଡରେ ଧାରଣ କରି ଶୋଭାଯାତ୍ରାରେ ବାହାରିଥାନ୍ତି।

ଏହି ଅବସରରେ ନଦୀ ବା ପୁଷ୍କରିଣୀ ତୁଠରେ ଯଥାବିଧି ପୂଜାକାର୍ଯ୍ୟ କରାଯାଇ ସମସ୍ତ କୁମ୍ଭ, ତାଟ, ଗଜା ଆଦିକୁ ବିସର୍ଜନ କରାଯାଏ । ଏହି ଦିନ ମା'ମଙ୍ଗଳାଙ୍କୁ ପାଦଦେଶରେ ପୋତାଯାଇଥିବା ଗୁଆକୁ ସନ୍ତାନକାମୀ ଭକ୍ତକୁ ପ୍ରଦାନ କରାଯାଇଥାଏ। ତା'ପରଦିନ ଏହି କୋଠିସ୍ଥଳ ଶୀତଳ କରାଯାଏ। ଏଭଳି ଭାବରେ ଏହି 'ଓଷାକୋଠି' ବ୍ରତ ପାଳନ କରାଯାଇଥାଏ।

ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଯେ, 'ଓଷାକୋଠି' ହେଉଛି ଦେବୋପାସନାର ଏକ କୋଠି। ଏଥିରେ ସ୍ଥାନ ପାଇଥିବା ମୂର୍ତ୍ତି, ଭିତ୍ତିଚିତ୍ର, ସିଂହାସନ ଆଦି କୌଣସି ଶାସ୍ତ୍ରାନୁମୋଦିତ ନୁହେଁ। ଏହି ଉପାସନରେ ପୂଜକ; ଶ୍ରୀୟା ଚଣ୍ଡାଳୁଣୀ, ଉଦ୍‌ଗାତା ଓ ଗାଆଣ। ଏହି ଉପାସନାର ମହାତ୍ମ୍ୟ ଏଭଳି ଯେ, ଏହି ପୂଜାର ଆରାଧନାର ଭଜାଶସ୍ୟ ଗଜାହୁଏ, ଖାଲିପାଦରେ ନିଆଁରେ ଚାଲିହୁଏ ଏବଂ ଦେବଦେବୀଙ୍କ ଆବେଶ ଅବସରରେ ଆଗତ ଭବିଷ୍ୟତ ଜାଣିହୁଏ। ବଡ଼ ବିଚିତ୍ର ଏ ଆରାଧନା ପରମ୍ପରା ଓ ଏହାର ବିଶ୍ୱସନୀୟତା ।

*ଦାମୋଦରପୁର, ଗଞ୍ଜାମ*
*ଦୂରଭାଷ : ୮୮୯୫୧୪୧୭୨୭*



## ମିଶନ ମୋଡରେ ବିଏମ୍‌ସି

# ରାଜଧାନୀର ସବୁ ରାସ୍ତା ହେବ ପକ୍କା



**ଭୁବନେଶ୍ୱର :** ଭୁବନେଶ୍ୱର ଫାଷ୍ଟ ନେଇ ମିଶନ ମୋଡରେ ବିଏମ୍‌ସି। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଥିବା ସମସ୍ତ ରାସ୍ତାକୁ ପକ୍କା କରାଯିବ। ଶ୍ମଶାନରୁ କଲ୍ୟାଣ ମଣ୍ଡପ ସବୁଠି ବଦଳିବ ରୂପରେଖ। ଟେଣ୍ଡର ପକ୍ରିୟା ଆରମ୍ଭ ହୋଇଥିବା ବେଳେ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। ସେପଟେ ସମସ୍ତ ୱାର୍ଡ ଅଞ୍ଚଳର ବିକାଶ ନେଇ କର୍ପୋରେଟରଙ୍କ ପ୍ରସ୍ତାବକୁ ମୋହର ମାରିଛି ବିଏମସି। ବିକାଶ କାର୍ଯ୍ୟ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କର୍ପୋରେଟର। ରାଜଧାନୀରେ ହଟିବ କଚ୍ଚା ରାସ୍ତା, ପଡିବ ପକ୍କା ରାସ୍ତା। ଚକାଚକ୍ ହେବ ଗଳିକନ୍ଦିରୁ ସହର। ବଦଳିବ ସମସ୍ତ ଶ୍ମଶାନ ଓ କଲ୍ୟାଣ ମଣ୍ଡପର ରୂପରେଖ। ବିଏମସି ମାରିଲା ମୋହର। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଥିବା ସମସ୍ତ କଚ୍ଚା ରାସ୍ତାକୁ ପକ୍କା କରାଯିବ। ପକ୍କା ରାସ୍ତା ନେଇ ସମସ୍ତ କୋର୍ପେରଟର ପ୍ରସ୍ତାବ ଦେଇଛନ୍ତି। ଆଉ କେଉଁ କେଉଁ ୱାର୍ଡରେ କଚ୍ଚା ରାସ୍ତା ରହିଛି, ସେ ସଂପର୍କରେ ତୁରନ୍ତ ଜଣାଇବାକୁ କର୍ପୋରେଟର ମାନଙ୍କୁ ଅପିଲ କରିଛନ୍ତି ମେୟର ଓ କମିଶନର। ଭୁବନେଶ୍ୱରରେ ଥିବା ସମସ୍ତ ଶ୍ମଶାନର ଓ କଲ୍ୟାଣ ମଣ୍ଡପର ଚିତ୍ର ବଦଳିବ। ସତ୍ୟ ନଗର ଶ୍ମଶାନକୁ ସ୍ୱତନ୍ତ୍ର ରୂପ ଦେବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ଏବେ ଯୁଦ୍ଧକାଳୀନ ଭିତିରେ ୫ଟି ଶ୍ମଶାନ ଓ ପର୍ଯ୍ୟାୟକ୍ରମେ ସମସ୍ତ ଶ୍ମଶାନର କାମ କରାଯିବାକୁ ନିଷ୍ପତ୍ତି ହୋଇଛି। ସବୁ ଶ୍ମଶାନରେ ଚୁଲା, ପାନୀୟ ଜଳ, ଆଲୋକ, ଶୌଚାଳୟ, ବିଶ୍ରାମାଗାର, ପାର୍କିଂ, ଗାର୍ଡ ଓ କର୍ମଚାରୀଙ୍କ ପାଇଁ ଘର ଆଦି ବ୍ୟବସ୍ଥା ରହିବ। ସେହିଭଳି ପୁରୁଣା କଲ୍ୟାଣ ମଣ୍ଡପର ମଧ୍ୟ ରୂପରେଖ ବଦଳିବ ବୋଲି କମିଶନର କହିଛନ୍ତି। ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ଦିଗଦର୍ଶନରେ ବିଭିନ୍ନ ୱାର୍ଡରେ ବିକାଶ ରଥ ଗଡି ଚାଲିଛି। ରାସ୍ତା ଠାରୁ ପୋଖରୀ। କଲ୍ୟାଣ ମଣ୍ଡପ ଠାରୁ ଶ୍ମଶାନ। ବିଭିନ୍ନ ୱାର୍ଡରେ ମୁକ୍ତା ଯୋଜନାରେ କାମ ଚାଲିଛି। ଏପରିକି ଏକାଧିକ ୱାର୍ଡରେ ୬୦ ପ୍ରତିଶତରୁ ଅଧିକ କାମ ହୋଇଛି। ଯେଉଁଠାରେ ଭିତ୍ତିଭୂମି ବିକାଶ ନେଇ କାର୍ଯ୍ୟ ବାକି ରହିଛି ସେ ସବୁ କାର୍ଯ୍ୟ ଶେଷ ନେଇ ବିଏମସି ପଦକ୍ଷେପ ନେଉଛି ବୋଲି ବିଭିନ୍ନ ୱାର୍ଡର କର୍ପୋରେଟର ଓ ଭୁବନେଶ୍ୱର ବାସିନ୍ଦା କହିଛନ୍ତି। ରାଜଧାନୀକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ନୂଆ ନୂଆ ଯୋଜନା ହାତକୁ ନେଉଛି ବିଏମସି। ଏବେ ଭିକାରୀ ମୁକ୍ତ ନେଇ କେନ୍ଦ୍ର ପ୍ରଶଂସା କରିଥିବା ବେଳେ ଗରିମା କାର୍ଯ୍ୟକ୍ରମରେ କେନ୍ଦ୍ରର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଓଡିଶାକୁ ପୁରସ୍କୃତ କରିଛି।

# ୨୦୨୪ ମାର୍ଚ୍ଚ ସୁଦ୍ଧା ସବୁ ଗାଁରେ ମୋବାଇଲ ସେବା


**ଭୁବନେଶ୍ୱର :** ସାମ୍ପ୍ରତିକ ସମୟରେ ମୋବାଇଲ୍ ଏବଂ ଇଣ୍ଟରନେଟ୍ ସଂଯୋଗ ସାଧାରଣ ଜୀବନଚର୍ଯ୍ୟାର ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି। କିନ୍ତୁ ଆଜି ବି ଓଡ଼ିଶାର ବହୁ ଅଞ୍ଚଳର ଲୋକେ ମୋବାଇଲ୍ ସେବାରୁ ବଞ୍ଚିତ ହୋଇ ରହିଛନ୍ତି। ଯାହାକୁ ନେଇ ବିଧାନସଭାରେ ବିଧାୟକ ନବ ଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି ଓଡିଶାରେ ଅଦ୍ୟାବଧି ୬୭୯୯ ଗ୍ରାମରେ ମୋବାଇଲ୍ ସେବା, ଟେଲିକମ୍ ସେବା ଓ ଇଣ୍ଟରନେଟ୍ ସେବା ଉପଲବ୍ଧ ନାହିଁ। କେନ୍ଦ୍ର ସରକାରଙ୍କ ପରିସରଭୁକ୍ତ ଥିବା ୩ ଗୋଟି ମୋବାଇଲ ସେବା ପାଇଁ ମୋଟ ୩୬୭୩ଟି ସ୍ଥାନରେ ମୋବାଇଲ ଟାୱାର ପ୍ରତିଷ୍ଠା ପାଇଁ ସରକାରୀ ଜମି ବିନା ମୂଲ୍ୟରେ ଆବଣ୍ଟନ କରାଯାଇଛି। ଏହାସହ ଉତ୍ତରରେ ତୁଷାରକାନ୍ତି ବେହେରା କହିଛନ୍ତି, ଆଗାମୀ ୨୦୨୪ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟର ସମସ୍ତ ଗାଁକୁ ମୋବାଇଲ ସେବା ଉପଲବ୍ଧ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସୂଚନାଯୋଗ୍ୟ ସମଗ୍ର ଦେଶରେ ଓଡ଼ିଶାର ସର୍ବାଧିକ ଗ୍ରାମ ମୋବାଇଲ୍ ସେବାରୁ ବଞ୍ଚିତ ଅଛନ୍ତି। ଯାହାକୁ ନେଇ ବିଜୁ ଜନତା ଦଳର ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ବାରମ୍ବାର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷିକ କରିଆସୁଛନ୍ତି। ସ୍ୱତନ୍ତ୍ର ଧ୍ୟାନ ଆକର୍ଷଣକାରୀ ନୋଟିସ୍ ମାଧ୍ୟମରେ ଶ୍ରୀ ମଙ୍ଗରାଜ ରାଜ୍ୟସଭାରେ ଓଡ଼ିଶାରେ ୧୦୦୦ ଟାୱାର ବସାଇବା ପାଇଁ ଦାବିଥିଲେ। ଓଡ଼ିଶାର ୬ ହଜାରରୁ ଅଧିକ ଗ୍ରାମର ଲୋକେ ମୋବାଇଲ୍ ସେବାରୁ ବଞ୍ଚିତ ହୋଇ ରହିଛନ୍ତି। ତେଣୁ ଏହାକୁ ଗୁରୁତ୍ୱକୁ ଉପଲବ୍ଧି କରି ଭାରତ ସରକାର ଓଡ଼ିଶାର ପ୍ରତ୍ୟେକ ଗ୍ରାମରେ ମୋବାଇଲ୍ ଟାୱାର ସ୍ଥାପନ କରିବା ଆବଶ୍ୟକ ବୋଲି ସଂସଦରେ ମାନସ ଦାବି କରିଥିଲେ। ଗତ ଜୁଲାଇ ମାସରେ ରାଜ୍ୟସଭାରେ ସାଂସଦ ମାନସ ମଙ୍ଗରାଜଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସରକାରଙ୍କ ବିଭାଗୀୟ ମନ୍ତ୍ରୀ ଆର ଚନ୍ଦ୍ରଶେଖର କହିଥିଲେ ଓଡ଼ିଶାର ଭୌଗୋଳିକ ସ୍ଥିତି ପାଇଁ ଇଣ୍ଟରନେଟ ସେବା ପ୍ରଭାବିତ ହେଉଛି। ବର୍ତ୍ତମାନ ସୁଦ୍ଧା ୪୫ ହଜାର୯୮୯ ଗାଁରେ ୭ଏସ କଭରେଜ ଓ ୪୪,୩୮୪ ଗାଁରେ ୪ଜି ସେବା ଉପଲବ୍ଧ ଅଛି। ଆର୍ଥିକ ଅନଗ୍ରସର ଲୋକ କିଭଳି ଇଣ୍ଟରନେଟର ସୁବିଧା ନେଇପାରିବେ ସେନେଇ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ମୁଖ୍ୟତଃ ଏଲଡବ୍ଲ୍ୟୁଇ (ଏଲଡବ୍ଲ୍ୟୁଇ-୨) ପରିଯୋଜନାରେ ୧୬୨ଟି ଟାୱାର ସ୍ଥାପିତ କରାଯାଇଥିବା ବେଳେ ଆକାଂକ୍ଷା ଜିଲ୍ଲା କଭରେଜ ପରିଯୋଜନାରେ ୧୪୯ ଟି ଟାୱାର ସ୍ଥାପନା କରାଯାଇଛି। ସେହିଭଳି ବିଏସ୍ଏନ୍ଏଲ୍ ଦ୍ୱାରା ୨ଜି ନେଟୱର୍କକୁ ୪ଜିରେ ପରିବର୍ତ୍ତନ କରାଯିବା ସହ ଏଲଡବ୍ଲ୍ୟୁଇ-୧ ପରିଯୋଜନାରେ ମଧ୍ୟ ସମାନ କାମ ହାତକୁ ନିଆଯାଇଛି ବୋଲି ମନ୍ତ୍ରୀ କହିଥିଲେ।

## ପ୍ରତି ଜିଲ୍ଲାରେ ସ୍ଥାପନ ହେବ ୨ଟି ଲେଖାଏଁ ପଞ୍ଚାୟତ ଲର୍ଣ୍ଣିଂ ସେଣ୍ଟର

# ବଢ଼ିବ ଦକ୍ଷତା, ମିଳିବ ସୁନାମ

**ଭୁବନେଶ୍ୱର :** ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ହେଉଛି ଗାଁର ସରକାର। ଓଡ଼ିଶାର ବିକାଶରେ ଓଡ଼ିଶାର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସାରା ଦେଶକୁ ଓଡ଼ିଶା ଅନେକ କ୍ଷେତ୍ରରେ ମାର୍ଗଦର୍ଶନ କରୁଛି। ଏହାକୁ ଅଧିକ ସଙ୍ଗଠିତ କରିବା ସହ ପଞ୍ଚାୟତିରାଜ ବ୍ୟବସ୍ଥାର ରୂପାନ୍ତରଣ ସୁନିଶ୍ଚିତ କରିବାକୁ ରାଜ୍ୟ ସରକାର ଗ୍ରହଣ କରିବାକୁ ଯାଉଛନ୍ତି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପଞ୍ଚାୟତିରାଜ ବ୍ୟବସ୍ଥାରେ ରୂପାନ୍ତରଣ ସୁନିଶ୍ଚିତ ଲକ୍ଷ୍ୟରେ ୫-ଟି ଉପକ୍ରମର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଟେକ୍ନୋଲୋଜିକ (ବୈଷୟିକ ଜ୍ଞାନ କୌଶଳ)କୁ ପ୍ରୟୋଗ କରିବାକୁ ଯାଉଛନ୍ତି ସରକାର। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୩୦ ଜିଲ୍ଲାର ୬୦ଟି ପଞ୍ଚାୟତରେ ପ୍ରୟୋଗାତ୍ମକ ଭାବରେ ଲର୍ଣ୍ଣିଂ ସେଣ୍ଟର ସ୍ଥାପନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଲର୍ଣ୍ଣିଂ ସେଣ୍ଟର ଏକ ଜ୍ଞାନ ସମ୍ବଳିତ କେନ୍ଦ୍ର ଭାବେ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କର ଦକ୍ଷତା ବୃଦ୍ଧିରେ ସହଯୋଗ କରିବ। ସେହିପରି ପଞ୍ଚାୟତଗୁଡ଼ିକ ମଧ୍ୟରେ ସୁସ୍ଥ ପ୍ରତିଯୋଗିତାର ଲକ୍ଷ୍ୟ ନେଇ ଲୋକାଲ ଚାମ୍ପିଅନ୍ ଟ୍ରେନିଂ ପ୍ରୋଗ୍ରାମ ଆରମ୍ଭ କରାଯିବ। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ ପୂର୍ବକ ଏହି କାର୍ଯ୍ୟକ୍ରମର ପରିଚାଳନା କରାଯିବ। ସେହିପରି ଅନୁସୂଚିତ ଅଞ୍ଚଳର ୭୦ଟି ବ୍ଲକରେ ସାଟେଲାଇଟ୍ ଇଣ୍ଟେରାକ୍ଟିଭ୍ ଟର୍ମିନାଲ ସ୍ଥାପନ କରାଯାଇ ଦୂର ଶିକ୍ଷା ଯୋଗାଯୋଗ ବ୍ୟବସ୍ଥା କରାଯିବ। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ (ଏସ୍ଆଇଆରଡି)ରେ ଅତ୍ୟାଧୁନିକ ଭିତ୍ତିଭୂମି ସୃଷ୍ଟି କରାଯିବ। ଏଥିରେ ୩୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ, ୨୫୦ ଆସନ ବିଶିଷ୍ଟ ସମ୍ମିଳନୀ କକ୍ଷ ଓ ସାଟେଲାଇଟ୍ ଆଧାରିତ ଷ୍ଟୁଡିଓ ସ୍ଥାପନ କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି। ଦିନକୁ ଦିନ ପଞ୍ଚାୟତିରାଜ ଅନୁଷ୍ଠାନର ଗୁରୁତ୍ୱ ବୃଦ୍ଧି ପାଉଥିବା ବେଳେ ଗ୍ରାମାଞ୍ଚଳର ବିକାଶରେ ଏହା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରୁଛି। ମହାତ୍ମା ଗାନ୍ଧୀଙ୍କ ଗ୍ରାମ ସ୍ୱରାଜ ଲକ୍ଷ୍ୟ ହାସଲ କରିବା ଦିଗରେ ଓଡ଼ିଶା ଅନେକାଂଶରେ ସଫଳ ହୋଇଛି। ତେବେ ପଞ୍ଚାୟତିରାଜ ଅନୁଷ୍ଠାନ ଉପରେ କାର୍ଯ୍ୟଭାର ବଢୁଥିବା ବେଳେ ସେମାନଙ୍କ ଦକ୍ଷତା ବୃଦ୍ଧି କରିବା ଏକାନ୍ତ ଆବଶ୍ୟକ ହୋଇପଡ଼ିଛି। ଏହି ଲକ୍ଷ୍ୟ ନେଇ ପଞ୍ଚାୟତିରାଜ ବିଭାଗ ଲର୍ଣ୍ଣିଂ ସେଣ୍ଟର ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେଇଛି। ଗୋଟିଏ ଲର୍ଣ୍ଣିଂ ସେଣ୍ଟରରେ ଏକାଧିକ ପଞ୍ଚାୟତର କର୍ମକର୍ତ୍ତା ପ୍ରଶିକ୍ଷଣ ନେବେ। ବୈଷୟିକ କୌଶଳ, ପ୍ରଯୁକ୍ତି ବିଦ୍ୟା ତଥା ଅନ୍ୟ ପ୍ରସଙ୍ଗରେ ପ୍ରଶିକ୍ଷଣ ଦିଆଯିବ। ପଞ୍ଚାୟତ ଉପରେ ବଢୁଥିବା କାର୍ଯ୍ୟଭାର ଯେପରି ସଫଳ ରୂପେ ସମ୍ପାଦନ ହେବ ଏବଂ ଜାତୀୟ ସ୍ତରରେ ଆମର ପଞ୍ଚାୟତିରାଜ ଅନୁଷ୍ଠାନ ଆହୁରି ଭଲ ପ୍ରଦର୍ଶନ କରିବେ ତାହା ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ।

## ଓଡ଼ିଶାରେ ଅଛନ୍ତି ୪୦,୦୮୮ ଜଣ ଦାଦନ



**ଭୁବନେଶ୍ୱର :** ସରକାରୀ ଖାତାରେ ଦାଦନ ସଂଖ୍ୟା ୪୦ ହଜାର ୮୮। ବିଧାନସଭାରେ ଉତ୍ତର ରଖି ଏହି ତଥ୍ୟ ଦେଇଛନ୍ତି ଶ୍ରମ ମନ୍ତ୍ରୀ। ରାଜ୍ୟରୁ ୪୦ ହଜାର ୮୮ ଜଣ ଶ୍ରମିକ ଅନ୍ୟ ରାଜ୍ୟରେ କାମ କରିବାକୁ ଯାଉଛନ୍ତି। ଲାଇସେନ୍ସ ପ୍ରାପ୍ତ ୬୨୬ ଜଣ ଠିକାଦାର ଜରିଆରେ ଏହି ଶ୍ରମିକମାନେ ବାହାରକୁ ଯାଇଛନ୍ତି। ତେବେ ରାଜ୍ୟରେ ସର୍ବାଧିକ ୨୬ହଜାର ୧୫୧ ଜଣ ଦାଦନ ବଲାଙ୍ଗୀର ଜିଲ୍ଲାରେ ଥିବା ବେଳେ ଗଞ୍ଜାମରେ ୧୪୬୭ ଜଣ ଦାଦନ ବାହାର ରାଜ୍ୟକୁ ଯାଇଛନ୍ତି। ସେହିପରି ନୂଆପଡାରେ ୮୨୦୫ ଦାଦନ ଅଛନ୍ତି। କଂଗ୍ରେସ ବିଧାୟକ ତାରା ବାହିନୀପତିଙ୍କ ପ୍ରଶ୍ନରେ ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି ଶ୍ରମ ମନ୍ତ୍ରୀ ସାରଦା ନାୟକ।

# ସତୀଘାଟ ନଦୀଗର୍ଭ ଜଳାଶୟ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୌଦ୍ଧ ଜିଲ୍ଲା ପାଇଁ ଗୋଟିଏ ନଦୀଗର୍ଭ ଜଳାଶୟ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୩୨୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ବୌଦ୍ଧ ଜିଲ୍ଲା ଗସ୍ତ କରିଥିଲେ ଏବଂ ଜନସାଧାରଣଙ୍କ ଠାରୁ ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରସ୍ତାବ ଗ୍ରହଣ କରିଥିଲେ। ଲୋକଙ୍କ ପ୍ରସ୍ତାବ ଅନୁଯାୟୀ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ବୌଦ୍ଧ ଜିଲ୍ଲାର ଜନସାଧାରଣ ଉପକୃତ ହେବେ। ଭୂତଳ ଜଳର ସ୍ତର ବୃଦ୍ଧି ହେବା ସହିତ ପାନୀୟ ଜଳ ପ୍ରକଳ୍ପ, ମାଛ ଚାଷ, ପଶୁପାଳନ ଆଦି କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ।

# ୨୦୨୨ ମସିହାରେ ସଡକ ଦୁର୍ଘଟଣାରେ ଯାଇଛି ୫ ହଜାର ଜୀବନ



**ଭୁବନେଶ୍ୱର :** ରାଜ୍ୟରେ ବଢ଼ିଛି ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ। ପାଞ୍ଚ ବର୍ଷର ରେକର୍ଡ ଭାଙ୍ଗିଛି ଗତବର୍ଷର ଦୁର୍ଘଟଣା। ୨୦୨୨ରେ ଯାଇଛି ୫ ହଜାର ୪୬୭ ଜଣଙ୍କ ଜୀବନ। ସେହିପରି ୧୧,୬୬୩ ଦୁର୍ଘଟଣାରେ ଆହତ ହୋଇଛନ୍ତି ୧୦,୩୦୨ ଜଣ। ସେହିପରି ଗତ ପାଞ୍ଚ ବର୍ଷରେ ମୋଟ ୫୪,୭୯୦ଟି ସଡ଼କ ଦୁର୍ଘଟଣା ହୋଇଛି। ଯେଉଁଥିରେ ୨୫,୯୩୪ ଜଣଙ୍କ ଜୀବନ ଯାଇଛି। ଆଉ ଆହତ ହୋଇଛନ୍ତି ୫୧, ୮୭୩ ଜଣ। ଅନ୍ୟପଟେ ସଡ଼କ ସଚେତନତା ବାବଦକୁ ୫ ବର୍ଷରେ ୭୯ କୋଟି ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି ସରକାର। ବିଜେପି ବିଧାୟିକା କୁସୁମ ଟେଟେଙ୍କ ପ୍ରଶ୍ନରେ ବିଧାନସଭାରେ ଏହି ଉତ୍ତର ଦେଇଛନ୍ତି ପରିବହନ ମନ୍ତ୍ରୀ। ସେହିପରି ବିଧାୟକ ନବ ଚରଣ ମାଝୀ ପ୍ରଶ୍ନ କରିଥିଲେ ଯେ ଓଡ଼ିଶାରେ କେତୋଟି ଗ୍ରାମରେ ମୋବାଇଲ ସେବା ନାହିଁ । ଏହାକୁ ନେଇ ବିଭାଗୀୟ ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି ଯେ ଓଡିଶାରେ ୬୭୯୯ ଗ୍ରାମରେ ମୋବାଇଲ୍ ସେବା, ଟେଲିକମ୍ ସେବା ଓ ଇଣ୍ଟରନେଟ୍ ସେବା ଉପଲବ୍ଧ ନାହିଁ । କେନ୍ଦ୍ର ସରକରଙ୍କ ୟୁଏସଓଏଫ ପରିସରଭୁକ୍ତ ଥିବା ୩ ଗୋଟି ମୋବାଇଲ୍ ସେବା ପାଇଁ ମୋଟ ୩୬୭୩ଟି ସ୍ଥାନରେ ମୋବାଇଲ୍ ଟାୱାର ପ୍ରତିଷ୍ଠା ପାଇଁ ସରକାରୀ ଜମି ବିନା ମୂଲ୍ୟରେ ଆବଣ୍ଟନ କରାଯାଇଛି । ଆଗାମୀ ମାର୍ଚ୍ଚ ୨୦୨୪ ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମରେ ମୋବାଇଲ ସେବା ଉପଲବ୍ଧ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

# 'ସାମ୍ବାଦିକମାନେ ନିର୍ଭୀକ ହୁଅନ୍ତୁ'




**ଭୁବନେଶ୍ୱର:** ପ୍ରତିବର୍ଷ ପରି ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଙ୍ଘର ସଭାପତି ତଥା ଓଡ଼ିଶା ପ୍ରଭାରୀ ସୁଜ୍ଞାନ ଚୌଧୁରୀଙ୍କ ସଭାପତିତ୍ୱରେ ଅତି ଆନନ୍ଦ ଉଲ୍ଲାସ ମଧ୍ୟରେ ହୋଟେଲ କେଶରୀ ପରିସରରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ବକ୍ତା ଭାବରେ ପ୍ରାକ୍ତନ ସାଂସଦ ଡଃ. ପ୍ରସନ୍ନ ପାଟସାଣୀ ମୁଖ୍ୟବକ୍ତା ଆସନ ଅଳଙ୍କୃତ କରି ସାମ୍ବାଦିକ ମାନେ ନିର୍ଭୀକ ହୋଇ ସମାଜର ସତ୍ୟତାକୁ ପରିପ୍ରକାଶର ବର୍ତ୍ତାବହ ବୋଲି ବକ୍ତବ୍ୟ ରଖିଥିଲେ। ରାମ ଚନ୍ଦ ପଣ୍ଡା, ପୂର୍ବତନ ଉପ ବାଚସ୍ପତି ସମ୍ମାନିତ ଅତିଥି ରୂପେ ଯୋଗଦେଇ ସାମ୍ବାଦିକଙ୍କ କର୍ତ୍ତବ୍ୟନିଷ୍ଠା ଉପରେ ଆଲୋକପାତ କରିଥିଲେ। ଡଃ. ଡି.ପି.ଚୌଧୁରୀ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ନାୟାଧିଶ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସାମ୍ବାଦିକଙ୍କୁ ସମ୍ବିଧାନର ଚତୁର୍ଥ ସ୍ତମ୍ଭ ରୂପେ ବର୍ଣ୍ଣନା କରିଥିଲେ। ସଂଗଠନର ସମ୍ପାଦକ ପବିତ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥି ବୃନ୍ଦ କୃତୀ ସାମ୍ବାଦିକ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଜରା ନିବାସ ନିର୍ମାଣ ପାଇଁ ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଦାବି

**ଭବନୀପାଟଣା :** ଗତ ୧୮ ତାରିଖ ଦିନ ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ପ୍ରତିନିଧି ମଣ୍ଡଳ ସଂଘର ବିଭିନ୍ନ ଦାବି ଓ ସଂଘର ଗୃହ ତଥା ଜରାନିବାସ ନିର୍ମାଣ ପାଇଁ ସହାୟତା ପ୍ରଦାନ ଓ ସମସ୍ତ ସରକାରୀ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ପ୍ରଦାନ ପାଇଁ ସଂଘର ସଭାପତି ଶରତ ଚନ୍ଦ୍ର ନାୟକ ଓ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ୧୭ଜଣ ପ୍ରତିନିଧି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫ଟି ଓ ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ ଭିକେ ପାଣ୍ଡିଆନ, ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କୁ ନବୀନ ନିବାସରେ ଭେଟି ନିଜର ସମସ୍ୟା ବିଷୟରେ ଅବଗତ କରାଇବା ସଙ୍ଗେ ସଙ୍ଗେ ଭିକେ ପାଣ୍ଡିଆନଙ୍କୁ ୫ଟି ଓ ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ ପଦ ଗ୍ରହଣ ପାଇଁ ଉପଢ୍ୌକନ ଦେଇ ଶୁଭେଚ୍ଛା ଜଣାଇଥିଲେ। ପ୍ରତିନିଧି ମାନଙ୍କ ମଧ୍ୟରେ ସଂଘର ଅର୍ଥ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ସମ୍ପାଦକ ରାଜେନ୍ଦ୍ର ସାହୁ, ବିଶିକେଶନ ନାଏକ, ଚନ୍ଦ୍ରମଣି ତ୍ରିପାଠି, ସଭ୍ୟ କୁଳମଣୀ ସାହୁ, ପିତବାସ ମେହେର, ବିନୋଦ ମିଶ୍ର, ଆଦିକନ୍ଦ ପ୍ରଧାନ, ସୁବାସ ଚନ୍ଦ୍ର ପଣ୍ଡା, ବାସୁଦେବ ସାହାଣି ଆଦି ଉପସ୍ଥିତ ଥିଲେ। ସଂଘର ଦାବି ପ୍ରତି ୫ଟି ଅଧ୍ୟକ୍ଷ ସହାନୁଭୂତିଶୀଳ ହୋଇ ବିଚାର କରିବା ପାଇଁ ପ୍ରତିନିଧି ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟସଭା ସାଂସଦ ସୁଜିତ କୁମାର ଆଗାମୀ ଭବାନୀପାଟଣା ଗସ୍ତ ସମୟରେ ସଂଘର କର୍ମକର୍ତ୍ତା ମାନଙ୍କ ସହ ବିଚାରବିମର୍ଶ କରି ଉପରୋକ୍ତ ଦାବି ଗୁଡିକ ଉପସ୍ଥାପନ ପାଇଁ ସଦୟ ପ୍ରତିଶ୍ରୁତି ଦେଇଛନ୍ତି।





## ବର୍ଷ ବର୍ଷ ଧରି ସରୁନି ଜଳସେଚନ ପ୍ରକଳ୍ପ କାମ

# ସମୟ ଗଡୁଛି, ବ୍ୟୟ ଅଟକଳ ବଢୁଛି ହେଲେ ସରୁନି ପ୍ରକଳ୍ପ



**ଭୁବନେଶ୍ୱର :** ରାଜ୍ୟରେ ନିର୍ମାଣଧୀନ ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପର ସ୍ଥିତିକୁ ବିଧାନସଭାରେ ଆସିଲା ସାଙ୍ଘାତିକ ଉତ୍ତର। ଲୋୟର ସୁକେତଲ ପ୍ରକଳ୍ପ ୧୯୯୭ ମସିହା ଆରମ୍ଭ ହୋଇଥିବାବେଳେ ପ୍ରକଳ୍ପ ଲାଗି ବ୍ୟୟ ବରାଦ ଥିଲା ୨୧୭ କୋଟି। ବର୍ତ୍ତମାନ ପ୍ରକଳ୍ପ ମୂଲ୍ୟ ବଢି ୫୨୫୯ କୋଟିରେ ପହଁଚିଥିବା ବେଳେ ୨୦୨୩-୨୪ ରେ ଶେଷ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଆନନ୍ଦପୁର ସମ୍ବନିତ ପ୍ରକଳ୍ପ ୨୦୦୫-୦୬ ରେ ଆରମ୍ଭ ହୋଇଥିବା ବେଳେ ପ୍ରକଳ୍ପ ମୂଲ୍ୟ ଥିଲା ୫୮୧ କୋଟି ବର୍ତ୍ତମାନ ତାହା ବଢି ୨୯୯୦ କୋଟିରେ ପହଁଚିଛି। ୨୦୨୫-୨୬ ରେ ଶେଷ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସୁବର୍ଣ୍ଣରେଖା ପ୍ରଥମ ପର୍ଯ୍ୟାୟ ୧୯୮୧-୮୨ ରେ ପ୍ରକଳ୍ପ ଆରମ୍ଭ ହୋଇଥିବା ବେଳେ ପ୍ରକଳ୍ପ ମୂଲ୍ୟ ଥିଲା ୨୮୫ କୋଟି ବର୍ତ୍ତମାନ ତାହା ବଢି ୧୦ ହଜାର ୨୦୯ କୋଟିରେ ପହଁଚିଛି। ୨୦୨୩-୨୪ରେ କାର୍ଯ୍ୟ ଶେଷ ହେବ। ଦେଓ ଜଳସେଚନ ପ୍ରକଳ୍ପ ୧୯୯୧-୯୨ ରେ ଆରମ୍ଭ ହୋଇଥିବା ବେଳେ ୮୧ କୋଟି ଥିଲା ମୂଳ ପ୍ରକଳ୍ପ ମୂଲ୍ୟ ବର୍ତ୍ତମାନ ତାହା ବଢି ୯୪୧ କୋଟିରେ ପହଁଚିଛି। ୨୦୨୫-୨୬ ସୁଦ୍ଧା କାର୍ଯ୍ୟ ଶେଷ ହେବାର ଲକ୍ଷ୍ୟ ରଖାଯାଇଛି। ଅଙ୍ଗ ସମ୍ପ୍ରସାରଣ କାର୍ଯ୍ୟ ୧୯୭୪ରେ ଆରମ୍ଭ ହୋଇଥିଲା ପ୍ରକଳ୍ପ ମୂଲ୍ୟ ୨୬ କୋଟି ଥିବା ବେଳେ ବର୍ତ୍ତମାନ ତାହା ବଢି ୨୪୨ କୋଟି ରେ ପହଁଚିଛି। ୨୦୨୩-୨୪ ରେ କାର୍ଯ୍ୟ ଶେଷ ହେବାର ଲକ୍ଷ୍ୟ ରଖାଯାଇଛି। ମହେନ୍ଦ୍ର ତନୟା, କୁସୁମୀ, ରାଜୁଆ, ଘଟକେଶ୍ୱର, କାନପୁର, ଭଳି ପ୍ରକଳ୍ପର ବି ମୂଲ୍ୟ ବଢ଼ିବା ସହ ସମୟ ଗଡ଼ି ଚାଲିଛି। ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ପ୍ରଶ୍ନରେ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ଏହି ଉତ୍ତର ଦେଇଛନ୍ତି।




Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**